# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୬/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, March 6/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୧୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 103 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୬/୨୦୨୪ | Bhubaneswar, Wednesday, March 6/2024

# ମାଳଦ୍ୱୀପରେ ରହିବେନି ଭାରତୀୟ ସୈନ୍ୟ

■ ଚାଇନା ସହ ସାମରିକ ଚୁକ୍ତି ପରେ ମୁଇଜ୍ଜୁ କଠୋର
■ ମେ ୧୦ ସୁଦ୍ଧା ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ନିର୍ଦ୍ଦେଶ

**ମାଲେ/ବେଜିଂ,୫।୩**

ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ନିଜ ଭାରତ ବିରୋଧୀ ଆଭିମୁଖ୍ୟକୁ ଆହୁରି କଠୋର କରି ସମସ୍ତ ଭାରତୀୟ ସୈନ୍ୟଙ୍କୁ ମେ’ ୧୦ ସୁଦ୍ଧା ଦେଶ ଛାଡ଼ିବାକୁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି କୌଣସି ଭାରତୀୟ ସାମରିକ କର୍ମୀ ସାଦା ପୋଷାକରେ ମଧ୍ୟ ମାଳଦ୍ୱୀପରେ ରହିପାରିବେ ନାହିଁ ବୋଲି ମୁଇଜ୍ଜୁ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ମାଳଦ୍ୱୀପ ସହ ଚାଇନା ଏକ ପ୍ରତିରକ୍ଷା ସହଯୋଗ ଚୁକ୍ତିରେ ସ୍ୱାକ୍ଷର କରିଛି। ଏହି ରାଜିନାମା ଅନୁସାରେ ଦ୍ୱୀପରାଷ୍ଟ୍ରକୁ ବେଜିଂ ମାଗଣାରେ ସାମରିକ ସହାୟତା ପ୍ରଦାନ କରିବ, ଯଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ସୁଦୃଢ଼ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲାକ୍ଷାଦ୍ୱୀପ ଗସ୍ତ ବେଳର ଫଟୋଶୁଟ୍‌କୁ ନେଇ ଭାରତୀୟଙ୍କ ପକ୍ଷରୁ ମାଳଦ୍ୱୀପକୁ ନ୍ୟୂନ ଦର୍ଶାଇବା ପାଇଁ ହୋଇଥିବା ଉଦ୍ୟମର ଏହା ପ୍ରତିଫଳନ ବୋଲି କୁହାଯାଉଛି।

ଗତ ଜାନୁଆରୀ ପ୍ରଥମ ସପ୍ତାହରେ ମୋଦି ଲାକ୍ଷାଦ୍ୱୀପ ଯାଇ ସେଠାକାର କେତୋଟି ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ମୋଦି ଉଲ୍ଲେଖ କରିଥିଲେ, ପର୍ଯ୍ୟଟକମାନେ ପ୍ରକୃତିକୁ ଉପଭୋଗ କରିବାକୁ ଚାହୁଁଥିଲେ ଲାକ୍ଷାଦ୍ୱୀପକୁ ଆସିବା ଉଚିତ। ଏହା ପରେ ସାମାଜିକ ଗଣମାଧ୍ୟମରେ ଭାରତୀୟମାନେ ମାଳଦ୍ୱୀପ ବିରୋଧରେ ବିଷ ଓକାଳିବାରେ ଲାଗିଥିଲେ। ଦେଶରେ ଲାକ୍ଷାଦ୍ୱୀପ



ମହମ୍ମଦ ମୁଇଜ୍ଜୁ

ଥାଉ ଥାଉ ମାଳଦ୍ୱୀପକୁ ପର୍ଯ୍ୟଟନ ପାଇଁ ଯିବା ଆବଶ୍ୟକ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଏଇଠୁ ପଡ଼ୋଶୀ ମାଳଦ୍ୱୀପ ସହ ଭାରତର ସମ୍ପର୍କରେ ତିକ୍ତତା ବଢ଼ିଥିଲା। ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜ୍ଜୁ ପ୍ରତିକ୍ରିୟାଶୀଳ ହୋଇ ଭାରତୀୟ ସୈନ୍ୟଙ୍କୁ ଦେଶ ଛାଡ଼ି ଚାଲିଯିବାକୁ କହିଥିଲେ। ଫେବୃଆରୀ ୨ରେ ନୂଆଦିଲ୍ଲୀରେ ଦୁଇଦେଶର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରତୀୟ ସେନ୍ୟଙ୍କୁ ସ୍ୱଦେଶକୁ ପ୍ରତ୍ୟାହାର କରିବା ପାଇଁ ଭାରତ ସହମତି ପ୍ରକାଶ କରିଥିଲା। କିନ୍ତୁ ଏଥି ସକାଶେ ମାଳଦ୍ୱୀପରେ ଥିବା ୩ଟି ବିମାନ ଚଳାଚଳ ପ୍ଲାଟ୍‌ଫର୍ମକୁ ଭାରତୀୟମାନେ ପରିଚାଳନା କରିବେ ବୋଲି ଭାରତ ସର୍ତ୍ତ ବାଢ଼ିଥିଲା।

ଭାରତ ପ୍ରଥମ ପର୍ଯ୍ୟାୟ ସୈନ୍ୟ ପ୍ରତ୍ୟାହାର ମାର୍ଚ୍ଚ ୧୦ରେ ସମ୍ପୂର୍ଣ୍ଣ କରିବ ବୋଲି କହିଥିଲା। ଫେବୃଆରୀ ୫ରେ ପାର୍ଲାମେଣ୍ଟକୁ ନିଜ ପ୍ରଥମ ସମ୍ବୋଧନରେ ମଧ୍ୟ ମୁଇଜ୍ଜୁ ଅନୁରୂପ କଥା କହିଥିଲେ। ତଦନୁଯାୟୀ ଗତ ସପ୍ତାହରେ ଏକ ଭାରତୀୟ ଟିମ୍ ମାଳଦ୍ୱୀପରେ ଥିବା ୩ ବିମାନ ଚଳାଚଳ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏର ଦାୟିତ୍ୱ ନେବା ପାଇଁ ସେଠାରେ ପହଞ୍ଚିଥିଲେ। ଚାଇନା ସମର୍ଥକ ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜ୍ଜୁ ମଙ୍ଗଳବାର ବା ଏଟୋଲରେ ଏୟଧାଫୁଶି ସମ୍ପ୍ରଦାୟକୁ ସମ୍ବୋଧିତ କରି କହିଛନ୍ତି, ଦେଶରୁ ଭାରତୀୟ ସୈନ୍ୟଙ୍କୁ ବିଦା କରିବାରେ ତାଙ୍କ ସରକାର ସଫଳ ହୋଇଛନ୍ତି। ଏହାକୁ ନେଇ କେତେଜଣ ବ୍ୟକ୍ତି ମିଛ ଗୁଜବ ବିସ୍ତାରକରି ସ୍ଥିତିରେ ନୂଆ ମୋଡ଼ ଆଣିବାକୁ ଅପଚେଷ୍ଟା କରୁଛନ୍ତି। ମେ’ ୧୦ ପରେ ମାଳଦ୍ୱୀପରେ ଆଉ ଜଣେ ହେଲେ ଭାରତୀୟ ସୈନ୍ୟ ରହିବେ ନାହିଁ। ଏପରିକି ସାଦା ପୋଷାକରେ ମଧ୍ୟ ସେମାନେ ରହିପାରିବେ ନାହିଁ। ପ୍ରକାଶ ଯେ, ମାଳଦ୍ୱୀପରେ ଥିବା ୩ ଭାରତୀୟ ପ୍ଲାଟ୍‌ଫର୍ମରେ ୮୮ ସୈନ୍ୟ ଅଛନ୍ତି। ସେମାନେ ଗତ କିଛି ବର୍ଷ ହେଲା ସ୍ଥାନୀୟ ଲୋକଙ୍କୁ ମାନବୀୟ ସହାୟତା ଓ ଚିକିତ୍ସା ସୁବିଧା ଯୋଗାଇ ଆସୁଛନ୍ତି। ଇତିମଧ୍ୟରେ ମାଳଦ୍ୱୀପ ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ଘସାନ ମଉମୁନ ଏବଂ ଚାଇନାର ଅନ୍ତର୍ଜାତୀୟ ସାମରିକ ସହଯୋଗ ଅଫିସ ଉପନିର୍ଦ୍ଦେଶକ ମେଜର ଜେନେରାଲ ଝାଙ୍ଗ୍ ବାଓକୁନ୍ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁସାରେ ମାଲେକୁ ବେଜିଂ ମାଗଣାରେ ସାମରିକ ସହାୟତା ଦେବାକୁ ରାଜିହୋଇଥିବା ମାଳଦ୍ୱୀପ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ପ୍ରତିରକ୍ଷା ସହଯୋଗ ଚୁକ୍ତି ଉପରେ ବିସ୍ତୃତ ସୂଚନା ଦିଆଯାଇନାହିଁ। ମାଳଦ୍ୱୀପର ଏମ୍‌ଭି ନ୍ୟୁଜ୍ ପୋର୍ଟାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବେଜିଂ ମାଲେକୁ ୧୨ ଇକୋଫ୍ରେଣ୍ଡଲି ଆମ୍ବୁଲାନ୍ସ ଉପହାର ଦେଇଛି।

# ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପଞ୍ଜୀକରଣ ଆରମ୍ଭ

## ମାଲକାନଗିରି ଜିଲାରୁ ୱେବ୍‌ପୋର୍ଟାଲର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର/ମାଲକାନଗିରି,୫।୩ (ଅନିଲ ଦାସ/ଦୁର୍ଯ୍ୟୋଧନ ପାତ୍ର)**

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପଞ୍ଜୀକରଣ ପାଇଁ ମାଲକାନଗିରି ଜିଲାରେ ୱେବ୍ ପୋର୍ଟାଲ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁବକମାନେ ହେଉଛନ୍ତି ରାଷ୍ଟ୍ରର ସମ୍ପତ୍ତି। ଦେଶ ତଥା ଜାତି ପାଇଁ ଯୁବଗୋଷ୍ଠୀଙ୍କର ଦକ୍ଷତାକୁ ସାକାର କରିବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ସରକାର ନୂଆ-ଓ କାର୍ଯ୍ୟକ୍ରମ ଏବଂ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକାରୀ କରିଛନ୍ତି। ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ଭଳି ବୈପ୍ଳବିକ ପଦକ୍ଷେପ ନିଆଯାଇଛି। ଏହା ସେମାନଙ୍କର ବ୍ୟକ୍ତିତ୍ୱ ବିକାଶ କରିବା ସହ ମାତାପିତାଙ୍କର ଆର୍ଥିକ ବୋଝକୁ ଲାଘବ କରିବ ଏବଂ କ୍ୟାରିୟର ଅଭିବୃଦ୍ଧି ସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ରାଜ୍ୟର ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ସାମ୍ସ ପୋର୍ଟାଲ ଜରିଆରେ ଆବେଦନ କରିଥିବା ଘରୋଇ ଶିକ୍ଷାନୁଷ୍ଠାନର ସମସ୍ତ ୟୁଜି ଓ ପିଜି ଛାତ୍ରୀଛାତ୍ରମାନେ ଏହି କାର୍ଡ ପାଇବା ପାଇଁ www.magiccard.odisha.gov.inରେ ଆବେଦନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମାଲକାନଗିରି ଜିଲା ପରିଦର୍ଶନ କରିଛନ୍ତି। ଜିଲାର କ୍ରୀଡ଼ା କମ୍ପ୍ଲେକ୍ସଠାରେ ଆୟୋଜିତ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନୂଆ-ଓ ଛାତ୍ରବୃତ୍ତି ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି। ଜିଲାର ୧୦ଟି କଲେଜର ୫,୦୬୯ ଛାତ୍ରୀଛାତ୍ର ଏହି ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ପାଇଁ ୫.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ସୂଚନା ଦେଇଛନ୍ତି। ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ସମ୍ପର୍କରେ

☞ପୃଷ୍ଠା-୧୩

DSPL-790




OIPR-26070/13/0015/2324

ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୬/୨୦୨୪ | Bhubaneswar, Wednesday, March 6/2024 | ପୃଷ୍ଠା-୧

# ପରସ୍ପରକୁ ପ୍ରଶଂସା




ଯାଜପୁର ଜିଲା ଚଣ୍ଡିଖୋଲ ବେଣାପୁର ପଡ଼ିଆରେ ମଙ୍ଗଳବାର ଆୟୋଜିତ ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। **(ଫଟୋ: ବିକାଶ ନାୟକ)**

**ଭୁବନେଶ୍ୱର,୫।୩**
**(ଅନିଲ ଦାସ/ସୁନିତ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ଚଣ୍ଡିଖୋଲଠାରେ ସରକାରୀ କାର୍ଯ୍ୟକ୍ରମ ସହିତ ଭାଜପା ପକ୍ଷରୁ ଆୟୋଜିତ 'ମୋଦି ଗ୍ୟାରେଣ୍ଟି' ସମାବେଶରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ସାମିଲ ହୋଇଛନ୍ତି। ଏଥିରେ ଉଭୟ ପରସ୍ପରକୁ ପ୍ରଶଂସା କରିବାରେ ଶତମୁଖ ହୋଇଛନ୍ତି। ନବୀନ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତକରି କହିଛନ୍ତି, ଭାରତ ପାଇଁ ପ୍ରଧାନମନ୍ତ୍ରୀ ଏକ ନୂଆ ଦିଗ ସୃଷ୍ଟି କରିଛନ୍ତି। ଦେଶକୁ ବିଶ୍ୱର ବୃହତ୍ ଆର୍ଥିକ ଶକ୍ତିରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଉଦ୍ୟମ ଜାରି ରଖିଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ ଆର୍ଥିକ ଶକ୍ତିରେ ପରିଣତ ହୋଇଛି। ଆସନ୍ତା କିଛି ବର୍ଷ ମଧ୍ୟରେ ଏହା ବିଶ୍ୱର ତୃତୀୟ ବୃହତ୍ ଆର୍ଥିକ ଶକ୍ତିରେ ପରିଣତ ହେବ। କେବଳ ଏତିକି ନୁହେଁ, ଓଡ଼ିଶାର ବିକାଶ ପାଇଁ ଅଧିକ ଫୋକସ୍ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଓଡ଼ିଶାର ସାଢ଼େ ୪କୋଟି ଲୋକ ଯେଉଁ ଉଦ୍ୟମ ଜାରି ରଖିଛନ୍ତି ତାହାକୁ ଆହୁରି ଗତିଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି।

ପ୍ରଧାନମନ୍ତ୍ରୀ ମଧ୍ୟ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରିବାରେ ତିଳେମାତ୍ର ଅବହେଳା କରିନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରି ସେ କହିଛନ୍ତି, ମହାନ୍ ଜନନେତା ବିଜୁବାବୁଙ୍କ ଜୟନ୍ତୀରେ ଓଡ଼ିଶା ଆସି ଶ୍ରଦ୍ଧାଞ୍ଜଳି ଜଣାଇବାର ସୌଭାଗ୍ୟ ତାଙ୍କୁ ମିଳିଛି। ଏହି ଅବସରରେ ଦେଶ ତଥା ରାଜ୍ୟ ପାଇଁ ବିଜୁବାବୁଙ୍କ ଅବଦାନକୁ ସେ ମନେ ପକାଇଛନ୍ତି। ଏହାକୁ କେବଳ ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମ ନୁହେଁ, ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ଦୋହରାଇଛନ୍ତି। ସେହିପରି ନବୀନ ପଟ୍ଟନାୟକଙ୍କୁ ମୋଦି ଲୋକପ୍ରିୟ ☞ପୃଷ୍ଠା-୧୩

## ୨୦ ହଜାର କୋଟି ଟଙ୍କା ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

**ଭୁବନେଶ୍ୱର,୫।୩(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଚଣ୍ଡିଖୋଲଠାରେ ପ୍ରାୟ ୨୦ ହଜାର କୋଟି ଟଙ୍କା ମୂଲ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏସବୁ ପ୍ରକଳ୍ପ ତୈଳ ଓ ଗ୍ୟାସ୍, ରେଲୱେ, ସଡ଼କ, ପରିବହନ ଓ ରାଜପଥ ଏବଂ ପରମାଣୁ ଶକ୍ତି କ୍ଷେତ୍ର ସହ ଜଡ଼ିତ। ଏହି ଅବସରରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥ ଓ ମା' ବିରଜାଙ୍କ ଆଶୀର୍ବାଦରେ ବର୍ତ୍ତମାନ ଯାଜପୁର ଏବଂ ଓଡ଼ିଶାରେ ବିକାଶର ଏକ ନୂଆ ଧାରା ପ୍ରବାହିତ ହେଉଛି। ଆଜିର ବିକାଶମୂଳକ ପ୍ରକଳ୍ପଗୁଡ଼ିକ ପାଇଁ ସେ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ପାରାଦୀପରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ୩୪୪ କିଲୋମିଟର ଲମ୍ବର ଉତ୍ପାଦ ପାଇପ୍‌ଲାଇନକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେ ପାରାଦୀପ ବିଶୋଧନାଗାରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଲିମିଟେଡ୍ ମନୋ ଇଥିଲିନ୍ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**
**ଅସନ୍ତୁଷ୍ଟ ପଡ଼ୋଶୀ**




## ହେଜ୍‌ବୋଲ୍ଲାର ରକେଟ୍ ମାଡ଼ରେ ଭାରତୀୟ ନିହତ

**ଜେରୁଜେଲମ୍,୫।୩**

ଇସ୍ରାଏଲର ହମାସ୍ ବିରୋଧୀ ଯୁଦ୍ଧବେଳେ ପ୍ରଥମ ଥର ପାଇଁ ଜଣେ ଭାରତୀୟଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି କେରଳର କୋଲ୍ଲାମ୍ ନିବାସୀ ପଟ୍‌ନିବିନ ମ୍ୟାକ୍ସୱେଲ୍। ୩୦ ବର୍ଷୀୟ ମ୍ୟାକ୍ସୱେଲ ସୋମବାର ପୂର୍ବାହ୍ନ ୧୧ଟାରେ ଇସ୍ରାଏଲର ଗାଲିଲୀ ଅଞ୍ଚଳରେ ମାର୍ଗାଲିଓଟ୍ ଏକ ବଗିଚାରେ ଥିବାବେଳେ ଲେବାନନ୍‌ର ସଶସ୍ତ୍ର ଗୋଷ୍ଠୀ ହେଜ୍‌ବୋଲ୍ଲା ପକ୍ଷରୁ ଟ୍ୟାଙ୍କ ନିରୋଧୀ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏଥିରେ ମାକ୍ସୱେଲ ନିହତ ହୋଇଥିବାବେଳେ ଚାରାରୋପଣ କରୁଥିବା ଅନ୍ୟ ୨ ଜଣ କେରଳୀ ବୁଶ ଜୋସେଫ୍ (୩୧) ଓ ପଲ୍ ମେଲଭିନ୍ (୨୮) ଆହତ ହୋଇଛନ୍ତି। ମ୍ୟାକ୍ସୱେଲ ଏକ ଠିକା କାମ ପାଇଁ ୨ ମାସ ପୂର୍ବେ ଇସ୍ରାଏଲରେ ପହଞ୍ଚିଥିଲେ। ମ୍ୟାକ୍ସୱେଲଙ୍କ ପରିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୋଗାଯୋଗରେ ରହିଛି। ତାଙ୍କ ମୃତଦେହକୁ ୪ ଦିନ ମଧ୍ୟରେ କେରଳ ଅଣାଯିବ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ଇସ୍ରାଏଲସ୍ଥିତ ଭାରତୀୟ ଦୂତାବାସ ମଙ୍ଗଳବାର ଏକ ଆଡ୍‌ଭାଇଜୋରି ଜାରି କରିଛି। ଇସ୍ରାଏଲରେ ବସବାସ କରୁଥିବା ଭାରତୀୟମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଆନ୍ତୁ ବୋଲି ଏଥିରେ କୁହାଯାଇଛି।



ପଟ୍‌ନିବିନ ମ୍ୟାକ୍ସୱେଲ୍

## ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଡାଉନ୍

**ନୂଆଦିଲ୍ଲୀ,୫।୩**

ମାର୍କ ଜୁକରବର୍ଗଙ୍କ ମେଟା ପରିଚାଳିତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ମଙ୍ଗଳବାର ରାତି ପ୍ରାୟ ୯ଟାରେ ହଠାତ୍ ଅଚଳ ହୋଇଯାଇଥିଲା। ଫଳରେ ବହୁ ୟୁଜର୍ସ ନିଜ ଆକାଉଣ୍ଟ ଖୋଲିପାରି ନ ଥିଲେ। ଏଭଳି ଅଚଳାବସ୍ଥା ଉପରେ ନଜର ରଖୁଥିବା ୱେବ୍‌ସାଇଟ୍ 'ଡାଉନ୍ ଡିଟେକ୍ଟର' ଅନୁସାରେ ଫେସ୍‌ବୁକ୍ ୮ଟା ୫୭ରେ ଡାଉନ୍ ହୋଇଥିଲା। ଏହା ପରେ ଫେସ୍‌ବୁକ୍ ଓ ଇଷ୍ଟାଗ୍ରାମ୍‌ରେ ଅନେକ ୟୁଜର୍ସଙ୍କ ଆକାଉଣ୍ଟ ଆପେ ଆପେ ଲଗ୍‌ଆଉଟ୍ ହୋଇଯାଇଥିଲା। ଏପରି କି ପୁନଃ ଲଗ୍ ଇନ୍ କରିବା ପାଇଁ ଅପ୍ସନ ମଧ୍ୟ ଦେଖାଯାଇ ନ ଥିଲା। କେବଳ ଭାରତ ନୁହେଁ, ଆମେରିକା ସମେତ ଅନ୍ୟ କେତେକ ରାଷ୍ଟ୍ରରେ ମଧ୍ୟ ଅନୁରୂପ ଅସୁବିଧା ପରିଲକ୍ଷିତ ହୋଇଥିଲା। ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଅନେକ ହଜାର ୟୁଜର୍ସ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏକ୍ସ'ରେ "#ଫେସ୍‌ବୁକ୍ ଡାଉନ୍" ଟ୍ରେଣ୍ଡ କରିଥିଲା। ତେବେ କିଛି ସମୟ ପରେ ତ୍ରୁଟି ସଜଡ଼ାଯିବାରୁ ଲଗ୍ ଇନ୍ କରିବା ସମ୍ଭବ ହୋଇଥିଲା।




# ବଡ଼ କମ୍ପାନୀରେ ଲିଙ୍ଗଗତ ଅସମାନତା

## ଫର୍ଚ୍ଚୁନ ଇଣ୍ଡିଆ ୫୦୦ କମ୍ପାନୀରେ ୧.୬% ମହିଳା ସିଇଓ

**ନୂଆଦିଲ୍ଲୀ,୫।୩**

ଫର୍ଚ୍ଚୁନ ଇଣ୍ଡିଆ ୫୦୦ରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୁଖ୍ୟ ପଦବୀରେ ମାତ୍ର ୧.୬% ମହିଳା ଥିବାବେଳେ ଫର୍ଚ୍ଚୁନ ଇଣ୍ଡିଆ ନେକ୍ସଟ୍ ୫୦୦ରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକରେ ଏହି ହାର ୫% ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି।

ଫର୍ଚ୍ଚୁନ ଇଣ୍ଡିଆ ଏବଂ ଏସ୍‌ପି ଜୈନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ରିସର୍ଚ୍ଚ ପକ୍ଷରୁ ମିଳିତ ଭାବେ କରାଯାଇଥିବା 'ଏନ୍‌ହାନ୍‌ସିଂ ୱିମେନ୍ ଲିଡରଶିପ୍ ଇନ୍ ଇଣ୍ଡିଆ ଆଇଏନ୍‌ସି' ଶୀର୍ଷକ ଅଧ୍ୟୟନ ଭାରତୀୟ ଶିଳ୍ପ ଜଗତରେ ଥିବା ଲିଙ୍ଗଗତ ଅସମାନତା ଉପରେ ଆଲୋକପାତ କରିଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ ସମର୍ଥନରେ ଦିଲ୍ଲୀ-ଏନ୍‌ସିଆର୍, ମୁମ୍ବାଇ, କୋଲକାତା ଓ ବେଙ୍ଗାଲୁରୁରେ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ ୧୩୦ ଇଣ୍ଡଷ୍ଟ୍ରି ଲିଡର ଭାଗ ନେଇଥିଲେ। ଏହି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ମାନଙ୍କ ମଧ୍ୟରୁ ୫୪% ମହିଳା ଓ ୪୬ ପ୍ରତିଶତ ପୁରୁଷ। ଫର୍ଚ୍ଚୁନ ୫୦୦ କମ୍ପାନୀଗୁଡ଼ିକୁ ସମୀକ୍ଷା ପାଇଁ ଏକ ସର୍ଭେ ପ୍ରଶ୍ନପତ୍ର ବଣ୍ଟନ କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ସୋମବାର ଏହାର ଫଳାଫଳ ପ୍ରକାଶ କରିଛନ୍ତି। ତଦନୁଯାୟୀ ଶିଳ୍ପ କ୍ଷେତ୍ରରେ ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଦଶନ୍ଧି ଧରି ଉଦ୍ୟମ ଚଳାଇ ଆସୁଥିଲେ ମଧ୍ୟ ମହିଳାଙ୍କୁ ନେତୃତ୍ୱ ଦେବା ପାଇଁ କମ୍ପାନୀଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ଏଥିଯୋଗୁ ବଡ଼ କମ୍ପାନୀଗୁଡ଼ିକର ସାଙ୍ଗଠନିକ ନୀତି, କ୍ୟାରିୟର ସୁଯୋଗ ଓ ଅନ୍ୟ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ମହିଳାମାନଙ୍କ ଭୂମିକା ଗୌଣ ହୋଇଯାଇଛି। କମ୍ପାନୀଗୁଡ଼ିକ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ଇରାନୀ ସାମାଜିକ ଗଣମାଧ୍ୟମ ମଞ୍ଚ ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ଫର୍ଚ୍ଚୁନ ଇଣ୍ଡିଆ ପ୍ରତିବର୍ଷ ଦେଶର ସର୍ବଶ୍ରେଷ୍ଠ ୫୦୦ କମ୍ପାନୀର ତାଲିକା ପ୍ରକାଶ କରିଥାଏ। ଏହା ତଳକୁ ଥିବା ୫୦୦ କମ୍ପାନୀକୁ ଫର୍ଚ୍ଚୁନ ଇଣ୍ଡିଆ ନେକ୍ସଟ୍ ୫୦୦ରେ ସାମିଲ କରାଯାଇଥାଏ।



ଶନେଲ ସିଇଓ ଲୀନା ନାଏର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୪୭ତମ ବାର୍ଷିକ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଦୁଦୁରା ବସ୍ତିସ୍ଥିତ ମହାବୀର ମନ୍ଦିର ପରିସର, ସମୟ: ସକାଳ ୮ଟା।
- ୩୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା, ସ୍ଥାନ: ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁରସ୍ଥିତ ଆଖଣ୍ଡଳେଶ୍ୱର ମହାଦେବଙ୍କ ପୀଠ, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ବେଲେଶ୍ୱର ମହାରୁଦ୍ରଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଜଳଯାତ୍ରା, ସ୍ଥାନ ବଇଁରୁଆ ପଞ୍ଚାୟତର ଭେଲୁରି ହାଟ, ସମୟ: ପୂର୍ବାହ୍ନ ୧୦ ଟା।
- ଏଏସ୍‌ଏଫ୍ ପକ୍ଷରୁ ପ୍ରତିବାଦ ରାଲି, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ମହିଳା ଚିତ୍ର ଶିଳ୍ପୀ ଶିବିର, ସ୍ଥାନ: ପାନ୍ଥ ନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷ ମହାସଂଘର ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଳିଙ୍ଗ ନାଟ୍ୟ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଶିବରାତ୍ରୀ ପାଇଁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ପ୍ରକାଶନୀ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।
- ନାରୀ ଶକ୍ତି ଉତ୍ସବ 'ସ୍ତ୍ରୀ ଶକ୍ତି', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ନିଳାଦ୍ରୀ ବିହାର,ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ଉତ୍ସବ 'ଚାନ୍ଦବିଭା', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବୃନ୍ଦାବନ ନାଟ୍ୟ ସଂସଦ, ଭୁବନେଶ୍ୱରର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ୨୭ତମ ବାର୍ଷିକ ବାଦି ପାଲା, ସ୍ଥାନ: ବାଲିଅନ୍ତା ବ୍ଲକର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଗୋହଳ ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଫିଲ୍ମ ସୋସାଇଟି ଅଫ୍ ରେଭେନ୍‌ଶା ପକ୍ଷରୁ ରେଭେନ୍‌ଶା ୨ୟ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦ୍ ମଜଦୁର ସଭାର ୟୁଥ୍ କାଉନସିଲ୍ ବୈଠକ, ସ୍ଥାନ: ସିଡିଓ କାର୍ଯ୍ୟାଳୟ ପରିସରସ୍ଥ ସଂଘ ଗୃହ, ଅରୁଣୋଦୟ ମାର୍କେଟ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁସେନା ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ,କଟକ, ସମୟ: ପୂର୍ବାହ୍ନ ୧୧ଟା।
- ଓର୍ମାସ ପକ୍ଷରୁ ଗ୍ରାମାଞ୍ଚଳ ଶିଳ୍ପ ପାର୍କ ସମ୍ପର୍କିତ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ୟେଟିଂ ଆସୋସିଏଶନ ପକ୍ଷରୁ ନ୍ୟାଶନାଲ ସେଲିଂ ସାର୍ଟିଫିକେଶନ୍ କୋର୍ସର ଉଦ୍‌ଘାଟନ, ସ୍ଥାନ: ସିଲଭର ସିଟି ବୋଟ୍ କ୍ଲବ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ମହିଳା ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ବିଶ୍ୱ ମହିଳା ଦିବସ, ସ୍ଥାନ: କର୍ମଜୀବୀ ମହିଳା ନିବାସ, କଳାବିକାଶ କେନ୍ଦ୍ର ରୋଡ୍, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ପୁରୀସ୍ଥିତ ଶ୍ରୀଶ୍ରୀ ଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର, ସ୍ଥାନ: ଲୋକନାଥ ପୀଠ, ସମୟ: ସକାଳ ୮ଟା ୩୦।
- ଡାବର ଇଣ୍ଡିଆ ଲିମିଟେଡ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ, ସମୟ: ସକାଳ ୯ଟା।
- ମହାବୀର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପୁରୀସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ଜିଲ୍ଲା ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ସଂଘର ଆନ୍ଦୋଳନ ସମ୍ପର୍କରେ ଶୋଭାଯାତ୍ରା, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଗୋପ ବ୍ଲକର ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: ବ୍ଲକ ପରିସର, ସମୟ: ଅପରାହ୍ନ ୩ଟା।
- ବୃହତ ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ, ସ୍ଥାନ: ପୁରୀ ଲୋକନାଥ ପୀଠ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ, ସ୍ଥାନ: ବୃନ୍ଦାବନବିହାରୀ ମଠ ପରିସର, ହରିପୁରପାଟଣା, ବୋଲଗଡ଼, ସମୟ: ପ୍ରାତଃ ୫ଟା।
- ୨୨ତମ ବିଶ୍ୱନାଥ ମହାଯଜ୍ଞ ଅବସରରେ ଜଳଯାତ୍ରା, ସ୍ଥାନ: ପଦନପୁର ଗ୍ରାମ, ଜଟଣୀ ସମୟ: ସକାଳ ୭ଟା।
- ଏନ୍‌ଏସି ମାନ୍ୟତା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ବୋଲଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାନବରଜ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ଗୃହ, କାଫେ ଓ ଜିମ୍ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ନିକଟ ଓ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍.ଡି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାଲୁଗାଁ ମୁସଲିମ ସାହି, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଖଇରାକୁ ଏନଏସି ଦାବିରେ ସ୍ୱାଭିମାନ ମଞ୍ଚର ପ୍ରତୀକ ଧାରଣା, ସ୍ଥାନ: ଖଇରା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ–୨୦୨୪, ସ୍ଥାନ: ସଦର ବ୍ଲକ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ବାର୍ଷିକ ସମାରୋହ, ସ୍ଥାନ: ପିଞ୍ଛାବଣିଆ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ କୃଷି କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣିତାଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ବ୍ଲକ ଡୁଙ୍ଗୁରା, ନୟାଖଣ୍ଡି, ଖଇରା, ସୁଣ୍ଡିରା ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ସମ୍ପୃକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଦେଉଳା ଆଶ୍ରମ ବିଦ୍ୟାଳୟରେରେ ବାର୍ଷିକ ଉତ୍ସବ, ସ୍ଥାନ: ଦେଉଳା ଆଶ୍ରମ ବିଦ୍ୟାଳୟ ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ବାବା ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ଏବଂ ନାମଯଜ୍ଞ ସମାପନ, ସ୍ଥାନ: ବାଖରବାଦ, ରୂପସା, ସମୟ: ମଧ୍ୟାହ୍ନ ୧୨ଟା।
- ୧୩ତମ ବାର୍ଷିକ ରୂପସା ମହୋତ୍ସବର ଉଦଯାପନୀ ଉତ୍ସବ, ସ୍ଥାନ: ପୋଡ଼ାଡ଼ିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଶ୍ରୀଶ୍ରୀ ବାବା ରାମେଶ୍ୱରଙ୍କ ଶକ୍ତି ପ୍ରତିଷ୍ଠା,ସ୍ଥାନ: ଉଦଳା ବ୍ଲକ ପହଣ୍ଡା (କୁମ୍ଭାରସାହି), ସମୟ: ସକାଳ ୬ଟା୩୦।
- ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନେଇ ମେଗା ରକ୍ତଦାନ ଶିବିର, ସ୍ଥାନ: ବାରିପଦା ରଙ୍ଗାମାଟିଆସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ପ୍ରାୟସ ହଲ୍ ମୁର୍ଗାବାଡ଼ି, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ୩ୟ ବୈଠକ, ସ୍ଥାନ: ମୁର୍ଗାବାଡ଼ିସ୍ଥିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ 'ଆନୁଆଲ ଫେଷ୍ଟ', ସ୍ଥାନ: ବେତନଟୀ ବ୍ଲକ ତୋଟାପଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଶ୍ରୀ ଗଜେନ୍ଦ୍ରଶ୍ୱରଙ୍କ ମହାଶିବରାତ୍ରି ମହୋତ୍ସବ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ, ସ୍ଥାନ: ଗଳଗଣ୍ଡପୁର, ତିହିଡ଼ି, ସମୟ: ସକାଳ ୭ଟା।
- ତାରକେଶ୍ୱର ମନ୍ଦିର ପ୍ରତିଷ୍ଠାର ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ସାନଚନ୍ଦ୍ରଭାନୁପୁର, ବାସୁଦେବପୁର, ସମୟ: ସକାଳ ୯ଟା।
- ରାସ୍ତା ଶିଳାନ୍ୟାସ, ସ୍ଥାନ: ତେନ୍ତୁଲିଡିହ ଓ ଭାଟପଡ଼ା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସୁନାମୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଧାକାନ୍ତପୁର, ଆଡ଼ିଆ, ବାସୁଦେବପୁର ପୌରପାଳିକା, ସମୟ: ପୂର୍ବାହ୍ନ ୧୧ଟା।
- ଧାମନଗର ପ୍ରେସ୍ କ୍ଲବର ବନ୍ଧୁମିଳନ, ସ୍ଥାନ: ନଳାଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ନବଜୀବନ କିନ୍ନର ସଂଘର ୧୦ମ ବାର୍ଷିକୋତ୍ସବ ଓ ମାତା ପୂଜା, ସ୍ଥାନ: ଶ୍ରୀରାମ ମଣ୍ଡପ, ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- କୋଷ୍ଟ କେନାଲ– ଶାଶୁଭୁଆଶୁଣୀ ରାସ୍ତାର ଶିଳାନ୍ୟାସ, ସ୍ଥାନ: ରାଧାକାନ୍ତପୁର, ବାସୁଦେବପୁର, ସମୟ: ମଧ୍ୟାହ୍ନ ୧୨ଟା।
- ପୁରୁଣାବଜାର ପ୍ରିମିୟର ଲିଗ୍, ଗ୍ରୁପ୍–ସି କ୍ରିକେଟ ଲିଗ୍ ମ୍ୟାଚ୍, ସ୍ଥାନ: ପୁରୁଣାବଜାର ମହାବୀର ପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଜିଲ୍ଲାସ୍ତରୀୟ ନିର୍ବାଚନ ପ୍ରସ୍ତୁତି ଓ ବ୍ୟୟ ବରାଦ ସର୍ବଦଳୀୟ ବୈଠକ, ସ୍ଥାନ: ମିନି କନଫରେନ୍ସ ହଲ, କେନ୍ଦୁଝର, ପୂର୍ବାହ୍ନ: ୧୦ ଟା ୩୦।
- ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହରିହର ମନ୍ଦିର, ବଡବିଲ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଗୃହ ହିତାଧିକାରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ:ବିଇଡିଏ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- କ୍ରିକେଟ ଫାଇନାଲ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଲାସପଦର ଶିକ୍ଷାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଗଞ୍ଜାମ ବ୍ଲକ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ,ଗଣିତ ଶିକ୍ଷକ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୧୦ ଟା।
- ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ,ସ୍ଥାନ: ବୁଗୁଡା ବ୍ଲକ ସଙ୍କୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇକୋ କ୍ଲବ କର୍ମକର୍ତ୍ତାଙ୍କ ବୈଠକ, ସ୍ଥାନ: ଆସିକା ରେଞ୍ଜ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆ ଓ ମେଧାବୃତ୍ତି ଅନୁଦାନ ପତ୍ର ପ୍ରଦାନ ଉତ୍ସବ, ସ୍ଥାନ: କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା ୩୦।
- ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ, ସ୍ଥାନ: ଆସିକା ବ୍ଲକ ପରିସର, ସମୟ: ଅପରାହ୍ନ ୩ଟା।
- ଶିବ ସନ୍ଦେଶ ଯାତ୍ରା ଅବସରରେ ସଭା, ସ୍ଥାନ: ଭଞ୍ଜନଗର ଓମ ଶାନ୍ତି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ମେଗା ହଳଦୀ କ୍ଲଷ୍ଟର ଋଣ କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି ହେଲିପ୍ୟାଡ଼ ପଡିଆ,ସମୟ: ପୂର୍ବାହ୍ନ୧୦ଟା।

## ଗଜପତି

- ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ, ସ୍ଥାନ: ପାରଳାଖେମୁଣ୍ଡି ଆଶୀର୍ବାଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୧୦ଟା ୩୦।

## ରାୟଗଡ଼ା

- ଉଦ୍ୟୋଗୀ ଦିବସ ପାଳନ, ସ୍ଥାନ: ରାୟଗଡ଼ା ଜିଲ୍ଲା ଶିଳ୍ପ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଗୁଣପୁର ବ୍ଲକ ଅଫିସ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା ।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ,ସମୟ: ଅପରାହ୍ନ ୫ଟା ୩୦।

## କୋରାପୁଟ

- ଶିଳ୍ପ ସପ୍ତାହ ପାଳନ ନେଇ ବୈଠକ, ସ୍ଥାନ: କୋରାପୁଟ କୋଟସ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଗୁଡାର ସମୀକ୍ଷା ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ସାଧାରଣ ନିର୍ବାଚନ ନେଇ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନିସିପାଲିଟି ଅଡିଟୋରିୟମ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପ୍ରାଣୀଧନ ମେଳା, ସ୍ଥାନ: ଝରିଗାଁ ବ୍ଲକ ଗଉଡ଼ାଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଏସ୍‌କେୱାଇ ନବୀନ କାର୍ଡ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବିଏସ୍‌କେୱାଇ କାର୍ଡ ବଣ୍ଟନ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ହାଇସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା୩୦।
- ବିଏସ୍‌କେୱାଇ ନବୀନ କାର୍ଡ ବିତରଣ ଉତ୍ସବ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- ଜିଲ୍ଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂତନ ମଣ୍ଡେଇ ପଡ଼ିଆ, ସମୟ: ସନ୍ଧ୍ୟା୬ଟା।

## ମାଲକାନଗିରି

- ବିଜେଡିର ଯୁବ ସମାବେଶ, ସ୍ଥାନ: ମାଥିଲି ଖେଳପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କୋରୁକୋଣ୍ଡା ୟୁଜିଏମ୍‌ଇ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା ଶୁଭାରମ୍ଭ, ସ୍ଥାନ: ଚାଉଁରପୁର (ଗୋପପୁର), ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ କର୍ମଚାରୀଙ୍କ ଆନ୍ଦୋଳନ, ସ୍ଥାନ: ଉତ୍ତରାଞ୍ଚଳ ଆର୍‌ସିଏସ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ ଅତିଥି ସଭା, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୋପପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର, ସମୟ: ସନ୍ଧ୍ୟା ୭ଟା।
- ରଙ୍ଗସଭା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ଏବଂ ଉଗ୍ରସେନଙ୍କ ଗାଦିଚ୍ୟୁତ ଓ କଂସଙ୍କ ରାଜାଭିଷେକ, ସମୟ: ରାତି ୮ଟା।

## ବଲାଙ୍ଗୀର

- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ନିର୍ବାଚନ ମଣ୍ଡଳୀ ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ଲୋଇସିଂହା ସାପ୍ତାହିକ ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ ମେଳା, ସ୍ଥାନ: ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ଶିବରାତ୍ରି ମେଳାର ପଞ୍ଚମ ରଜନୀରେ ଜଳନ୍ଧର ଦରବାର, ଭଜନ ସନ୍ଧ୍ୟା, ସ୍ଥାନ: ଯୋଗୀସର୍ଡ଼ା ମେଳା ପଡିଆ, ସମୟ: ରାତି ୮ ଟା।

## ସୁବର୍ଣ୍ଣପୁର

- ବିନିକାକୁ ଉପଖଣ୍ଡ ଘୋଷଣା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା,ସ୍ଥାନ: ବିନିକା ତହସିଲ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ କଂସ ଦରବାର, ସ୍ଥାନ: ଉଲୁଣ୍ଡିପାଲି ବ୍ଲକର ଶିଆଳବାହାଲି ଗାଁ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଶିବ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ସାମକଟା, ସୋହେଲା, ସମୟ: ସକାଳ ୮ଟା।
- ଶିବରାତ୍ରି ଅବସରରେ କଳସ ଯାତ୍ରା, ସ୍ଥାନ: ଭୂତିବାହାଲ, ଗାଇସିଲେଟ, ସମୟ: ସକାଳ ୮ଟା।
- ଚିନିକଳ କର୍ମଚାରୀଙ୍କ ଧାରଣା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପାକ୍ସ କର୍ମଚାରୀଙ୍କ ଧାରଣା, ସ୍ଥାନ: ଏସ୍‌ଡ଼ିସିସି ବ୍ୟାଙ୍କ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଫ୍ୟାଶନ ଶୋ' କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟିକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସାରସ୍ୱତ ସଭା, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ, ସ୍ଥାନ: ରାଉରକେଲା ବନ ବିଭାଗ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।–ସ୍ଥାନ: ସ୍ୱୟଂଶାସିତ ସରକାରୀ କଲେଜ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ସୁଶୀଳାବତୀ ସରକାରୀ ମହିଳା କଲେଜରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୨, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମହିଳା ହକି ଲିଗ–୨୦୨୪, ସ୍ଥାନ: ଆଇଜି ଷ୍ଟାଡିୟମ, ସମୟ: ସକାଳ୯ଟା।
- ଡିପିଡବ୍ଲୁଓଡିଏଲ କାର୍ଯ୍ୟାଳୟ ଘେରାଉ, ଦାବିପତ୍ର ପ୍ରଦାନ, ସ୍ଥାନ: ଡିପିଡବ୍ଲୁଓଡିଏଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମାଣ୍ଡିଆ ପ୍ରୋତ୍ସାହନ ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ସିଡିଏଓ କନ୍‌ଫରେନ୍ସ ହଲ,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ବେଟି ବିଚାଓ ବେଟି ପଢ଼ାଓ ସ୍ପୋର୍ଟ୍ସ ମିଟ, ସ୍ଥାନ: ରିଜର୍ଭ ପଡ଼ିଆ ଭବାନୀପାଟଣା, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ ବ୍ଲକ ପରିସର ବିଶ୍ୱନାଥପୁର, ସମୟ: ପୂର୍ବାହ୍ନ ୧୦ଟା।
- ସମର୍ଥ ପରୀକ୍ଷା ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ଶାସ୍ତ୍ରୀଜୀ କଲେଜ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରଦର୍ଶନୀ, ସ୍ଥାନ: କେସିଙ୍ଗା ବିଦ୍ୟାପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ ପରିସର, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ସପ୍ତମ ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ, ସ୍ଥାନ: ଜିଲ୍ଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୯ଟା।
- ବୌଦ୍ଧ ବ୍ଲକ କସୁରବନ୍ଧ ପଞ୍ଚାୟତର ସିଂହପାଲି ( ଭାଲୁପାବଲି)ଠାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ସିଂହପାଲି, ସମୟ: ମଧ୍ୟାହ୍ନ ୧୨ ଟା।
- ବୌଦ୍ଧ ବ୍ଲକ ଗୋଛାପଡା ପଞ୍ଚାୟତ କରଡାପଡା ଶ୍ରୀକପିଳେଶ୍ୱର ମନ୍ଦିରରେ ଜାଗର ଯାତ୍ରା ଅବସରରେ ରାବଣ ଦରବାର, ସ୍ଥାନ: କରଡାପଡା, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ ହଲ, ସମୟ : ପୂର୍ବାହ୍ନ ୧୧ ଟା।

## ଅନୁଗୋଳ

- ଜିଲ୍ଲାସ୍ତରୀୟ ମହିଳା ଦିବସ ପାଳନ, ସ୍ଥାନ: ଜିଲ୍ଲାପରିଷଦ ସଭାଗୃହ, ଅନୁଗୋଳ,ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ମାସ କର୍ମଶାଳା, ସ୍ଥାନ: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଡିଏଲ୍‌ସି ବୈଠକ, ସ୍ଥାନ: ଜିଲ୍ଲା କାର୍ଯ୍ୟାଳୟ ସମୟ: ମଧ୍ୟାହ୍ନ ୧୨ଟା।
- ୫–ଟି ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ, ସ୍ଥାନ: କିଶୋରନଗର ବଡ଼ପଡ଼ିଆ, ସମୟ: ଅପରାହ୍ନ ୧ଟା୩୦।
- ୫–ଟି ଅଧ୍ୟକ୍ଷ ଓ ବିଜେଡିର ସାଧାରଣ ସମ୍ପାଦକଙ୍କ ସାଧାରଣ ସଭା, ସ୍ଥାନ: ଛେଣ୍ଡିପଦା ବ୍ଲକ ବରସାହି ଖେଳ ପଡିଆ, ସମୟ: ଅପରାହ୍ନ ୨ଟା୩୦।
- ୫–ଟି ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା , ସମୟ: ଅପରାହ୍ନ ୨ଟା ୩୫।
- ଗଣିତ ଓ ବିଜ୍ଞାନ କ୍ଲବ କୁଇଜର ପୁରସ୍କାର ବିତରଣ, ସ୍ଥାନ: କଣିହାଁ ବ୍ଲକ ବଡହୀରା ସରକାରୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଅଣସଂକ୍ରମିତ ରୋଗ ପାଇଁ ସମୀକ୍ଷା, ସ୍ଥାନ: ଜିଲ୍ଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ଓ ରାଜ୍ୟ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ପାରାଦୀପ ବଡ଼ପଡିଆ ଓମ୍ଫା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ମାଘ ଏକାଦଶୀ ମେଳାର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମୁଣ୍ଡିଆ ହନୁମାନ ପୀଠରେ ରାମ ଚରିତ ମାନସ ପାରାୟଣର ଉଦ୍‌ଯାପନୀ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ମର୍ଦ୍ଦରାଜପୁର, ସମୟ: ଅପରାହ୍ନ ୪ଟା।
- ୪ର୍ଥରାଜ୍ୟସ୍ତରୀୟ ନାଟ୍ୟମେଳାର ୫ମ ଦିବସରେ ମଞ୍ଚସ୍ଥ ନାଟକ 'ମହାପାପ', ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ,ନୟାଗଡ଼, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦ୍ରାପଡ଼ା

- ୭୫ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ, ସ୍ଥାନ: ମହିଷାସୁର ପଡିଆ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ଭତ୍ତା ବଣ୍ଟନ ମେଳା, ସ୍ଥାନ: ଯଦୁପୁର ପଞ୍ଚାୟତ, ମହାକାଳପଡା, ସମୟ: ପୂର୍ବାହ୍ନ ୧୧ଟା।
- ପାଇକା ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ପୋଡାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

# କପିଳାସ ଉଦ୍ଧାର କେନ୍ଦ୍ରରେ ମାଈହାତୀ ମୃତ

**ଢେଙ୍କାନାଳ,୫।୩(ରତନ ନାୟାର)**

ଢେଙ୍କାନାଳ ଜିଲ୍ଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ମଙ୍ଗଳବାର ସକାଳେ ଚିକିତ୍ସିତ ହେଉଥିବା ଏକ ୧୧ବର୍ଷର ମାଈ ହାତୀର ମୃତ୍ୟୁ ଘଟିଛି। ବନବିଭାଗ ହାତୀ ମୃତ୍ୟୁ କାରଣ ସମ୍ପର୍କରେ କୌଣସି ସୂଚନା ଦେଉ ନ ଥିବାରୁ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସଦର ଥାନା କାଇମାଟି ପଞ୍ଚାୟତ ଲୋଚାପଲୀ ଗ୍ରାମ ନିକଟରେ ବାରହା ଶିକାର ପାଇଁ ଉଦ୍ଦିଷ୍ଟ ଏକ ବୋମାକୁ ଖାଇ ଦେବାରୁ ବୋମାଟି ଫୁଟି ହାତୀ ଗୁରୁତର ହୋଇଥିଲା। ପରେ ହାତୀକୁ ଚିକିତ୍ସା ପାଇଁ କପିଳାସ ପ୍ରାଣୀ ଉଦ୍ୟାନ ପରିସର ହାତୀ ଉଦ୍ଧାର କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଦୁଇଦିନ ଚିକିତ୍ସା କରାଯିବା ପରେ ହାତୀର ମଙ୍ଗଳବାର ସକାଳ ୬ଟାରେ ମୃତ୍ୟୁ ଘଟିଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଥିଲା। ସେହିପରି ସୋମବାର ରାତିରେ ହିନ୍ଦୋଳ ରେଞ୍ଜ୍ ସାତମାଇଲ ଅଞ୍ଚଳରୁ ଏକ ଅସୁସ୍ଥ ୧୨ବର୍ଷର ମାଈ ହାତୀକୁ ଟ୍ରାଙ୍କୁଲାଇଜ କରି ହାଇୱା ଜରିଆରେ ଢେଙ୍କାନାଳ ଦେଇ କପିଳାସ ହାତୀ ଉଦ୍ଧାର କେନ୍ଦ୍ରକୁ ନିଆଯାଇଛି। ଏହି ହାତୀଟି ମଧ୍ୟ ମୃତ୍ୟୁ ସହ ସଂଗ୍ରାମ କରୁଥିବା ସୂଚନା ମିଳିଛି। ପ୍ରାୟ ଦୁଇମାସ ମଧ୍ୟରେ ଚିକିତ୍ସିତ ଅବସ୍ଥାରେ କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ୩ଟି ହାତୀଙ୍କ ମୃତ୍ୟୁ ଘଟିସାରି ଲାଣି। କପିଳାସ ପ୍ରାଣୀ ଉଦ୍ୟାନରେ ଠିକାରେ ଜଣେ ପ୍ରାଣୀ ଚିକିତ୍ସକ ନିଯୁକ୍ତି ହୋଇଥିବାବେଳେ ଏଠାରେ ପ୍ରାଣୀଙ୍କ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରିବା ପାଇଁ ବହୁବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଜିଲ୍ଲା ଓ ରାଜ୍ୟ ବନବିଭାଗ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଆଲୋଚନାର ହେଉଛି। ଏ ସଂକ୍ରାନ୍ତରେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କରଙ୍କୁ ତାଙ୍କ ମୋବାଇଲ ନଂ. ୯୪୨୪୬୯୧୭୨୦ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରଙ୍କ ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ହେତୁ ଗୃହ ସମସ୍ୟା ସମାଧାନ ହୋଇପାରିବ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ଯୋଜନାରମ୍ଭ ସକାଶେ ବନ୍ଧୁବର୍ଗଙ୍କ ସହମତି ଉତ୍ସାହକୁ ଦ୍ୱିଗୁଣିତ କରିବ। ସଭାସମିତି, ସଂଗଠନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରେଇଯିବ।

**ବୃଷ**
ଏକାଧିକ ଗ୍ରହଙ୍କ ସମାବେଶ କାରଣରୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ କରିପାରିବେ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବେ। ବାଣିଜ୍ୟ, ଯୋଜନାରମ୍ଭ ସକାଶେ ବନ୍ଧୁ ମୋଟାଅଙ୍କର ଅର୍ଥ ମାଗିପାରନ୍ତି। ଅବଶ୍ୟ ହିତାକାଂକ୍ଷୀ କିମ୍ବା ସହକର୍ମୀମାନେ ସହଯୋଗର ହାତ ବଢାଇବେ।

**ମିଥୁନ**
ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ହେତୁ ମନର ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କୁ କହିବାର ପ୍ରୟାସ କରିପାରନ୍ତି। ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କୌଣସି ବ୍ୟକ୍ତିଙ୍କ ଦୁଷ୍ଟ ବୁଦ୍ଧି ଲାଗି ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ସବୁ ଓଲଟ ପାଲଟ ହୋଇଯିବ। ବ୍ୟବସାୟରେ ଶତ୍ରୁତା ସମସ୍ୟା ବିଷୟରେ ବନ୍ଧୁଙ୍କ ପରାମର୍ଶ ନେଇପାରନ୍ତି।

**କର୍କଟ**
ବୃହସ୍ପତି ଓ ଚନ୍ଦ୍ରଙ୍କ ପାରସ୍ପରିକ ସମ୍ବନ୍ଧ କାରଣରୁ ଆଜିର ଦିନଟି ଭଲରେ କଟିବ। ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ରହିବ ନାହିଁ। ବୃତ୍ତି, ବାଣିଜ୍ୟ, କଳା, ସାହିତ୍ୟ, ସାମ୍ବାଦିକତା, ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଠିକ୍ ହେବ।

**ସିଂହ**
ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ମନୋବଳ ଅତୁଟ ରହିଥିଲେ ମଧ୍ୟ ପାରିବାରିକ ଜଞ୍ଜାଳରେ ଅତିଷ୍ଠ ରହିବେ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ ପରିପାରନ୍ତି। ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତ ରହିବେ।

**କନ୍ୟା**
ନୀଚାରୋହୀ ବୁଧଙ୍କ ପ୍ରଭାବରେ ଅନ୍ୟମାନଙ୍କ ସାହାଯ୍ୟରେ କାମକୁ ପୂର୍ଣ୍ଣାଙ୍ଗ କରିବେ। କର୍ମକ୍ଷେତ୍ରସ୍ଥ ବିବାଦୀୟ ପରିସ୍ଥିତିରେ ପକ୍ଷଭୁକ୍ତ ହେଲେ ସମାଲୋଚିତ ହେବେ। ସାମାନ୍ୟ ଘଟଣାର ତର୍କବିତର୍କ କାରଣରୁ ଭାଙ୍ଗି ପଡିଥିବା ସମ୍ପର୍କ ଆଜି ପୁଣି ଯୋଡି ହୋଇଯିବ। ଗୃହନିର୍ମାଣ, କର୍ମାରମ୍ଭ ତଥା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ତୁଳା**
କେନ୍ଦ୍ରସ୍ଥ ଶୁକ୍ରଜନିତ ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ମାନସିକ ସ୍ଥିତି ଭଲ ଦିଗକୁ ଗତି କରିବ। ଅର୍ଥର ଅଭାବକୁ ଜଣେ ବାନ୍ଧବୀ ପୂରଣ ପ୍ରତିଶ୍ରୁତି ଦେବେ। ସାଧାରଣ କଥାକୁ କେନ୍ଦ୍ର କରି ନିକଟ ସମ୍ପର୍କୀୟମାନଙ୍କ ସହ ତର୍କର ସମ୍ମୁଖୀନ ହେବାକୁ ପଡିପାରେ। ବନ୍ଧୁଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ବିଛା**
ଅପୂରଣୀୟ ଅଭିଳାଷ ପୂରଣ ହେଲେ ମଧ୍ୟ ମାନସିକ ସ୍ଥିତି ଦୋଦୁଲ୍ୟମାନ ରହିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟିହେବ। ରଚନାତ୍ମକ କାର୍ଯ୍ୟରୁ କଳା, ସାହିତ୍ୟ, ସଙ୍ଗୀତରେ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। ପାରିବାରିକ ସ୍ତରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**
ରାଶିର ଲକ୍ଷଣ ସହ ଅଷ୍ଟମାଧିପତିଙ୍କ ସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ ଧନୁପରି ଭାଙ୍ଗିଯିବେ ପଛକେ ନଇଁବେ ନାହିଁ। ବିଭିନ୍ନ କର୍ମଜଞ୍ଜାଳ ମଧ୍ୟରେ ମନ ଅଶାନ୍ତ ରହିବ କିନ୍ତୁ ଅନ୍ୟମାନଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ମନ ହାଲୁକା ରହିପାରେ। ନିଜ ପରିସରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର**
ଶୁକ୍ର ଓ ମଙ୍ଗଳଙ୍କ ଅନୁକମ୍ପାରୁ ଅନ୍ୟକୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିପାରିବେ। ସଭାସମିତିରେ ବୟସ୍କ ବ୍ୟକ୍ତିଙ୍କ ନିକଟରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ ଶିକ୍ଷା ଓ ପରୀକ୍ଷା, ଶୁଭେଚ୍ଛୁଙ୍କ ସଦୁପଦେଶ ମନକୁ ପ୍ରଫୁଲ୍ଲିତ ରଖିବ।

**କୁମ୍ଭ**
ଷଷ୍ଠାଧିପ ଏକାଦଶସ୍ଥ ଯୋଗୁ ମନ ଚାହୁଁଥିବା ପ୍ରକାରେ କାମ ନ ହେବାରୁ ଅସନ୍ତୁଷ୍ଟ ରହିବେ। ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ଲାଗି କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ଜମିଜମା, ଯାନବାହନ, ବାଣିଜ୍ୟ, ବ୍ୟବସାୟ ସମସ୍ୟା ଜଟିଳ ରହିବ। ଅବଶ୍ୟ ଅର୍ଥସଙ୍କଟ ଦୂରୀଭୂତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ**
ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଟଙ୍କା ପଇସାକୁ କେନ୍ଦ୍ରକରି କୌଣସି ବ୍ୟକ୍ତି ସହ କଳହର ସୂତ୍ରପାତ ହୋଇପାରେ। କେତେକ କ୍ଷେତ୍ରରେ ଅଜଣା ଭୟ ଓ ଆଶଙ୍କାଜନିତ ଆତଙ୍କିତ ହୋଇ କୌଣସି କାର୍ଯ୍ୟାରମ୍ଭ କରିପାରିବେ ନାହିଁ। ମତଭେଦଜନିତ ପରିବାରରେ ଛୋଟଛୋଟ କଥାକୁ କେନ୍ଦ୍ର କରି କଳହର ଆଶଙ୍କା ରହିଛି।

ଆଜି ମାର୍ଚ୍ଚ ୬ ତାରିଖ, ଫାଲଗୁନ୍ କୃଷ୍ଣପକ୍ଷର ପଙ୍କୋଦ୍ଧାର ଏକାଦଶୀ ବୁଧବାର, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ, ରାଶିନକ୍ଷତ୍ର–ପୂର୍ବାଷାଢା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୫ ଗତେ, ଘ.୦୭।୩୯ ମଧ୍ୟେ, ଘ.୧୦।୨୯ ଗତେ, ଘ.୧୧।୩୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୫୭ ମି. ଗତେ, ଘ.୦୧।୨୫ ମଧ୍ୟେ ରାହୁକାଳ।







# ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତିଙ୍କୁ ଇଡି ଜେରା

**ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଘଟଣା**

ଭୁବନେଶ୍ୱର,୫।୩
(ସତ୍ୟଜିତ୍ ରାଉତ)

ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ଓରଫ ଲୁଲୁ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଛନ୍ତି। ନୟାପଲ୍ଲୀସ୍ଥିତ ଇଡି ଆଞ୍ଚଳିକ କାର୍ଯ୍ୟାଳୟରେ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରୁ ପ୍ରୟାସକାନ୍ତି ହାଜର ହେବା ପରେ ତାଙ୍କୁ ମାରାଥନ ଜେରା କରାଯାଇଛି। ଇଡିର ଏକାଧିକ ଟିମ୍ ତାଙ୍କୁ ଉକ୍ତ ଦୁର୍ନୀତି ସଂକ୍ରାନ୍ତରେ ବହୁ ପ୍ରଶ୍ନ ପଚାରି ଅଧିକ ତଥ୍ୟ ହାସଲ କରିବାକୁ ପ୍ରୟାସ କରୁଛି। ଅନ୍ୟପକ୍ଷରେ ପ୍ରୟାସକାନ୍ତିଙ୍କ ଘରେ ଚଢ଼ାଉ ବେଳେ ଜବତ ହୋଇଥିବା ତାଙ୍କ ମୋବାଇଲ ଫୋନ୍‌ରୁ ମାମଲା ସଂକ୍ରାନ୍ତ କିଛି ପ୍ରମାଣ ଇଡି ପାଇଥିବା ସୂଚନା ମିଳିଛି। ତେବେ ମୋବାଇଲରୁ କିଛି ତଥ୍ୟ ଡିଲିଟ୍ ହୋଇଥିବାରୁ ତାହାର ପୁନରୁଦ୍ଧାର ପାଇଁ ସାଇବର ଏକ୍ସପର୍ଟ ଟିମ୍ ଚେଷ୍ଟା ଚଳାଇଛି। ଏଥିସହ ପ୍ରୟାସକାନ୍ତି ଆଣିଥିବା କାଗଜପତ୍ରକୁ ମଧ୍ୟ ଇଡି ଟିମ୍ ଯାଞ୍ଚ କରୁଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ରାତି ପ୍ରାୟ ୮ଟା ୧୫ ପର୍ଯ୍ୟନ୍ତ ପ୍ରୟାସକାନ୍ତିଙ୍କୁ ଜେରା ଜାରି ରହିଥିଲା। ପୂର୍ବରୁ ଗତ ଫେବୃଆରୀ ୨୮ରେ ତାଙ୍କ ବାପା ପ୍ରଫୁଲ୍ଲ ସାମଲଙ୍କୁ ମଧ୍ୟ ଇଡି ୮ ଘଣ୍ଟା ଧରି ଜେରା କରିଥିଲା। ପ୍ରୟାସକାନ୍ତି ୨୦୦୮ରୁ କଲେଜ ସୋସାଇଟିର ସଭାପତି ଦାୟିତ୍ୱ ତୁଲାଉଛନ୍ତି। ସୋସାଇଟି ନାଁରେ ଦାମୀ ଗାଡି ଏବଂ ଫ୍ଲାଟ୍ କିଣାଯାଇ ବହୁ କୋଟି ଟଙ୍କା ହଡ଼ପ ହୋଇଥିବା ନେଇ କଲେଜର



ପ୍ରୟାସକାନ୍ତି ସାମଲ

କର୍ମଚାରୀମାନେ ବିଧାୟକ ପ୍ରଫୁଲ୍ଲଙ୍କ ସମେତ ପୁଅ ପ୍ରୟାସକାନ୍ତି ଏବଂ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗ ଆଣି ଆନ୍ଦୋଳନ ଚଳାଇଛନ୍ତି। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଇଡି ଏହାର ଖୋଳତାଡ଼ ଜାରି ରଖିଛି। ଗତ ଫେବୃଆରୀ ୧୫ରେ ଇଡି ପକ୍ଷରୁ ପ୍ରଫୁଲ୍ଲଙ୍କ ଭଦ୍ରକ ନୂଆବଜାରସ୍ଥିତ ବାସଭବନ, ସାନ ବଜାରସ୍ଥିତ ଘର, ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ପ୍ରୟାସକାନ୍ତିଙ୍କ ଘର, ବରପଦା ଇଞ୍ଜିନିୟରିଂ କଲେଜ ଆଦି ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉବେଳେ ବିଭିନ୍ନ ଦସ୍ତାବିଜ୍, ୯ ଲକ୍ଷ ଟଙ୍କା, ୪୦ ଲକ୍ଷ ଟଙ୍କାର ଏକ ଟୟୋଟା ଫର୍ଚ୍ୟୁନର କାର୍, ତାରିଖ ନ ଥିବା କିଛି ଚେକ୍, ଜମି ଚୁକ୍ତିପତ୍ର, ଡିଜିଟାଲ ଡିଭାଇସ୍ ଜବତ କରିଥିଲା। ଏନେଇ ଇଡି ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।






# ଅସନ୍ତୁଷ୍ଟ ପଡ଼ୋଶୀ

ଲାକ୍ଷାଦ୍ୱୀପର ମିନିକଏରେ ଭାରତ ଜଟାୟୁ ନାମକ ନୂଆ ନୌସେନା ଘାଟି ନିର୍ମାଣ କରିବାକୁ ନିକଟରେ ନିଷ୍ପତ୍ତି ନେଇଛି। ଏହା ପୂର୍ବରୁ ଲାକ୍ଷାଦ୍ୱୀପର କାଭାରତିରେ ଦ୍ୱୀପରକ୍ଷକ ନୌସେନା ଘାଟି ଥିଲା। ନୂଆ ଘାଟି ନିର୍ମାଣ ହେଲେ ଆରବ ସାଗରରେ ନୌସେନା କ୍ଷମତା ବୃଦ୍ଧି ପାଇବା ସହ ସୋମାଲିଆ ଜଳଦସ୍ୟୁ, ହୁଟି ଉଗ୍ରବାଦୀ ଓ ଚାଇନାର ବିସ୍ତାରବାଦକୁ ପ୍ରତିହତ କରିବା ସହଜ ହେବ ବୋଲି ଦର୍ଶାଯାଉଛି। କିନ୍ତୁ ବାସ୍ତବତା ହେଉଛି ମହମ୍ମଦ ମୁଇଜ୍ଜୁ ମାଳଦ୍ୱୀପ ରାଷ୍ଟ୍ରପତି ହେବା ପରେ ଭାରତ ସହ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଏପଟେ ଭାରତ ସରକାରଙ୍କ ପ୍ରତ୍ୟେକ ପଦକ୍ଷେପ ମଧ୍ୟ ମାଳଦ୍ୱୀପକୁ ଦୂରେଇ ଦେବାରେ ସହାୟକ ହେଉଛି। ନିକଟରେ ଲାକ୍ଷାଦ୍ୱୀପରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ଯାଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଳଦ୍ୱୀପକୁ ଇଙ୍ଗିତ କରି ଭାରତୀୟଙ୍କୁ ନିଜ ଦେଶରେ ବୁଲିବା ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ବାର୍ତ୍ତା ଦେଇଥିଲେ। ଏହାପରେ ମାଳଦ୍ୱୀପକୁ ଭାରତୀୟ ପର୍ଯ୍ୟଟକଙ୍କ ଗସ୍ତ ଘୋର ପ୍ରଭାବିତ ହୋଇଥିଲା। ବିଶେଷକରି ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ ମାଳଦ୍ୱୀପକୁ ଏଥିପାଇଁ ଅଧିକ କ୍ଷତି ସହିବାକୁ ପଡ଼ିଛି ବୋଲି କୁହାଯାଉଛି। ଏହିସବୁ ଘଟଣା ପରେ ଭାରତ ଓ ମାଳଦ୍ୱୀପ ସମ୍ପର୍କ ଆହୁରି ଖରାପ ହୋଇଛି।

ଏହି ପ୍ରଚ୍ଛଦପଟରେ ମାଳଦ୍ୱୀପର ରାଷ୍ଟ୍ରପତି ମୁଇଜ୍ଜୁଙ୍କ ଆଭିମୁଖ୍ୟ ଚାଇନା ଆଡ଼କୁ ଢଳିବାରେ ଲାଗିଛି। ନୂଆଦିଲ୍ଲୀ ଏବେ ଭାରତ ମହାସାଗରରେ ଚାଇନାର ଆଧିପତ୍ୟକୁ ରୋକିବା ଲାଗି ସତର୍କ ହେଉଥିବା କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତ ନୌସେନା ଘାଟି ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେବା ପରେ ମୁଇଜ୍ଜୁ ମାଳଦ୍ୱୀପରେ ଥିବା ଭାରତୀୟ ସୈନ୍ୟଙ୍କୁ ମେ ୧୦ ସୁଦ୍ଧା ମାଳଦ୍ୱୀପ ଛାଡ଼ି ଚାଲିଯିବାକୁ କହିଛନ୍ତି। ଏହାବ୍ୟତୀତ ଚାଇନା ସହ ଏକ ସାମରିକ ଚୁକ୍ତି କରିଛନ୍ତି। ଏହି ଚୁକ୍ତି ମୁତାବକ ଚାଇନା ମାଳଦ୍ୱୀପକୁ ବିନା ମୂଲ୍ୟରେ ମିଲିଟାରୀ ସହଯୋଗ ଦେବାକୁ କହିଛି। ଉଲ୍ଲେଖନୀୟ ଯେ, ମୁଇଜ୍ଜୁ ରାଷ୍ଟ୍ରପତି ହେବା ପରେ ପ୍ରଥମେ ଚାଇନା ଗସ୍ତରେ ଯାଇଥିଲେ। ପରେ ମାଳଦ୍ୱୀପରେ ଥିବା ଭାରତୀୟ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେବାକୁ ସେ ଭାରତ ସରକାରଙ୍କୁ ଜଣାଇ ଦେଇଥିଲେ। ବାସ୍ତବତା ହେଉଛି ମୁଇଜ୍ଜୁ ଭାରତ ବିରୋଧୀ ମାନସିକତାକୁ ଆଧାର କରି ଶାସନକୁ ଆସିଥିଲେ। ତାଙ୍କ ଭାରତ ବିରୋଧୀ ପଦକ୍ଷେପକୁ ଲକ୍ଷ୍ୟ କରି ଚାଇନା ନିଜ ଲକ୍ଷ୍ୟ ହାସଲ କରିବା ସୁଯୋଗ ହାତେଇବାରେ ଲାଗିଛି। କେବଳ ମାଳଦ୍ୱୀପ ନୁହେଁ, ଭାରତର ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ଚାଇନା ନିଜ ସପକ୍ଷରେ ନେବାରେ ସକ୍ଷମ ହେଉଛି। ଏଭଳି ସ୍ଥିତିରେ ଭାରତ ସରକାରଙ୍କ ବୈଦେଶିକ ନୀତି ବନ୍ଧୁତ୍ୱ ସ୍ଥାପନ ପରିବର୍ତ୍ତେ ପଡ଼ୋଶୀଙ୍କ ସହ ସମ୍ପର୍କକୁ ତିକ୍ତ କରିବାରେ ଲାଗିଛି। ଏହାର ଏକ ଉଦାହରଣ ହେଲା ପଡ଼ୋଶୀ ନେପାଳ ସହ ବିଗିଡ଼ି ଯାଉଥିବା ସମ୍ପର୍କ। ୨୦୧୫ରେ ନେପାଳର ନୂଆ ସମ୍ବିଧାନ ହିନ୍ଦୁ ରାଷ୍ଟ୍ର ପରିବର୍ତ୍ତେ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ସୂଚିତ କରିବା ପରେ ଭାରତର ଅସନ୍ତୋଷ ବଢ଼ିଥିଲା। ଏହି ବିଷୟରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଔପଚାରିକ ଭାବେ ନେପାଳକୁ ଅବଗତ କରିଥିଲା। ନେପାଳ ଭାରତର ଦାବିକୁ ଅଣଦେଖା କରି ନିଜର ସମ୍ବିଧାନ ପ୍ରଣୟନ କରିବା ପରେ ଭାରତ ଏହି ସ୍ଥଳସୀମାବଦ୍ଧ ଦେଶ ଉପରେ କଠୋର ବ୍ଲକେଡ୍ ଆଣିଲା। ଏହାଫଳରେ ନେପାଳରେ ଇନ୍ଧନ, ଔଷଧ ଓ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଯୋଗୁ ଏକ ବଡ଼ ମାନବୀୟ ସଙ୍କଟ ଦେଖାଦେଇଥିଲା। ପରେ ବାଧ୍ୟହୋଇ ନେପାଳକୁ ଚାଇନାର ସାହାଯ୍ୟ ନେବାକୁ ପଡ଼ିଥିଲା। ଏହା ପରଠାରୁ ପୂର୍ବର ବନ୍ଧୁ ନେପାଳ ଓ ଭାରତ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି।

ଭାରତ ସରକାର ଆଣିଥିବା ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍‌ଆର୍‌ସି) ଯୋଗୁ ବହୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଢାକା ଗ୍ରହଣ କରିବାକୁ ବାଧ୍ୟ ହୋଇପାରେ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଉଛି ତାହାକୁ ନେଇ ଏହି ଦେଶ ବିରୋଧ କରିଛି। ଗତ ବର୍ଷ ଅଗଷ୍ଟରେ ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ବାଂଲାଦେଶ ଉପରେ ବାହ୍ୟ ଶକ୍ତି ହସ୍ତକ୍ଷେପକୁ ରୋକିବା ଲାଗି ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲା ଚାଇନା। ଜିନ୍‌ପିନ୍‌ଙ୍କ ଏହି ଆଶ୍ୱାସନାକୁ ହାଲୁକାରେ ଏଡ଼ାଇଯିବା ଉଚିତ ନୁହେଁ। ଚାଇନା ଏବେ ଭାରତର ସବୁ ପଡ଼ୋଶୀଙ୍କୁ ନିଜ ଆଡ଼କୁ ଟାଣିବାରେ ବ୍ୟସ୍ତ। ଏହା ଭାରତ ପାଇଁ ଅଶୁଭ ସଙ୍କେତ।

> **ମୁଇଜ୍ଜୁଙ୍କ ଭାରତ ବିରୋଧୀ ପଦକ୍ଷେପକୁ ଲକ୍ଷ୍ୟ କରି ଚାଇନା ନିଜ ଲକ୍ଷ୍ୟ ହାସଲ କରିବା ସୁଯୋଗ ହାତେଇବାରେ ଲାଗିଛି। କେବଳ ମାଳଦ୍ୱୀପ ନୁହେଁ, ଭାରତର ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ଚାଇନା ନିଜ ସପକ୍ଷରେ ନେବାରେ ସକ୍ଷମ ହେଉଛି। ଏଭଳି ସ୍ଥିତିରେ ଭାରତ ସରକାରଙ୍କ ବୈଦେଶିକ ନୀତି ବନ୍ଧୁତ୍ୱ ସ୍ଥାପନ ପରିବର୍ତ୍ତେ ପଡ଼ୋଶୀଙ୍କ ସହ ସମ୍ପର୍କକୁ ତିକ୍ତ କରିବାରେ ଲାଗିଛି।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 7 | 4 | | | | 9 |
| | 3 | | | | 1 | | | |
| 8 | | | | 3 | | | 4 | 2 |
| 4 | | | | 1 | | 9 | | |
| | | 3 | 8 | | | | | |
| | | | | 9 | 2 | | | |
| | | | | | 7 | | 1 | 5 |
| | | | | 6 | 5 | 3 | 8 | |
| 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 7 | 9 | 6 | 5 | 4 | 2 | 1 |
| 4 | 9 | 2 | 1 | 8 | 3 | 7 | 5 | 6 |
| 1 | 5 | 6 | 4 | 7 | 2 | 8 | 9 | 3 |
| 2 | 3 | 9 | 6 | 1 | 7 | 5 | 4 | 8 |
| 6 | 4 | 1 | 5 | 2 | 8 | 9 | 3 | 7 |
| 5 | 7 | 8 | 3 | 4 | 9 | 1 | 6 | 2 |
| 9 | 1 | 4 | 7 | 3 | 6 | 2 | 8 | 5 |
| 8 | 6 | 5 | 2 | 9 | 1 | 3 | 7 | 4 |
| 7 | 2 | 3 | 8 | 5 | 4 | 6 | 1 | 9 |

ଗତକାଲିର ଉତ୍ତର

# ଦଳୀୟ ରାଜନୀତିରେ ଏମାନଙ୍କ ପ୍ରାବଲ୍ୟ



ହରେକୃଷ୍ଣ ପଣ୍ଡା

ଦଳୀୟ ରାଜନୀତିରେ ଏବେ ବଡ଼ ବିସ୍ମୟକର ପରିସ୍ଥିତି ଅନୁଭୂତ ହେଉଛି। ୨୦୨୪ ନିର୍ବାଚନ ଘୋଷଣା ହେବାର ପ୍ରାକ୍ ଦୃଶ୍ୟପଟ ଜନସାଧାରଣଙ୍କ ମାନସିକତାକୁ ଦୋହଲାଇ ଦେଉଛି। କେଉଁ ଅଞ୍ଚଳରୁ ପ୍ରାର୍ଥୀ କିଏ ହେବ ସେଥିପାଇଁ ସବୁ ମହଲରେ ଅଙ୍କକଷା ଛିଡୁନାହିଁ। ଦେଖାଯାଇଛି ପୂର୍ବବର୍ଷଗୁଡ଼ିକରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖଯାଏ ଦଳୀୟ ପ୍ରାର୍ଥୀ ସ୍ଥିରୀକୃତ ହୋଇ ପାରି ନ ଥିଲେ। ଚଳିତ ନିର୍ବାଚନ ଦେଶ ଓ ରାଜ୍ୟଗୁଡ଼ିକ ପାଇଁ ଏକ ଚାଲେଞ୍ଜ ସୃଷ୍ଟି କରିଥିବା ଏବେଠୁ ଅନୁଭବ କରାଯାଉଛି। ରାଜ୍ୟଗୁଡ଼ିକ ଏଥର ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବା ସ୍ପଷ୍ଟ ବାରି ହୋଇପଡୁଛି। ଆମ ଗଣତନ୍ତ୍ରରେ ନିର୍ବାଚନ ସମୟରେ ପ୍ରାର୍ଥୀଚୟନ ଦଳୀୟ ନେତୃବୃନ୍ଦଙ୍କ ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି କରିଥାଏ। କାରଣ ଏ କ୍ଷେତ୍ରରେ ସାମ୍ବିଧାନିକ କୌଣସି ଧାରା ନାହିଁ। ତେଣୁ ଦଳୀୟ ନେତୃବୃନ୍ଦଙ୍କୁ ସୁହାଇଲା ପରି ଅର୍ଥାତ୍ ବଶତା ସ୍ୱୀକାର, ଦଳ ନେତୃତ୍ୱକୁ ସନ୍ତୁଷ୍ଟୀକରଣ କଲାଭଳି ପ୍ରାର୍ଥୀଙ୍କୁ ନିର୍ବାଚନରେ ଟିକେଟ ମିଳିଥାଏ। ସେ ବରଂ ଦେଶଦ୍ରୋହୀ ହୋଇଥାଉ, ତାଙ୍କ ନାମରେ ହଜାରେ ଆପରାଧିକ ମାମଲା ଥାଉ, ଦକ୍ଷତା, ବିଜ୍ଞତା ନଥାଉ ; ସେମାନଙ୍କୁ ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ହେବା ପାଇଁ ଟିକେଟ ଦିଅନ୍ତି। ଆହୁରି ମଧ୍ୟ ଦେଖାଯାଇଛି, ଦଳ ପାଇଁ କିଏ କେତେ ଅର୍ଥ ଦେଇପାରୁଛି। ଚଳିତ ନିର୍ବାଚନର ପ୍ରାର୍ଥୀ ଚୟନକୁ ଦୃଷ୍ଟିଦେଲେ ଦେଖାଯାଏ ଗୋଟିଏ ଗୋଟିଏ ନିର୍ବାଚନମଣ୍ଡଳୀରୁ ୧୦/୧୫ ଭଳି ଆଶାୟୀ ପ୍ରାର୍ଥୀ ଯଥେଷ୍ଟ ପୁଞ୍ଜି ସହାୟତା ଦେବାକୁ ସମର୍ଥ ଅଛନ୍ତି। ନିର୍ବାଚନ ମଇଦାନରେ ଶକ୍ତି ପ୍ରଦର୍ଶନ କରିବାକୁ ମଧ୍ୟ ସକ୍ଷମ ଅଛନ୍ତି। ଏମାନେ ହେଲେ ଠିକାଦାର, ପୂର୍ବତନ ଜନପ୍ରତିନିଧି, କିଛି ଶିଳ୍ପପତି, ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କୋଟିପତିମାନେ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ଦଳୀୟ ଟିକେଟ ପାଇବାକୁ ସକ୍ଷମ ହେବେ ନାହିଁ।

ଯାହା ମନେହୁଏ, ଚଳିତ ନିର୍ବାଚନରେ ଦଳଗୁଡ଼ିକରୁ ଏଭଳି ପ୍ରଥା ଏକ ବିରାଟ ବିପ୍ଳବର ସମ୍ମୁଖୀନ ହେବେ। କାରଣ ଚଳିତ ନିର୍ବାଚନ ପାଇଁ ଅନ୍ୟ ବର୍ଷଠାରୁ ୩/୪ ଗୁଣା ଆଶାୟୀ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। ବିଶେଷକରି ବିଭିନ୍ନ ଦଳରେ ବହୁ ନିଷ୍ଠାପର କର୍ମୀ ଅଛନ୍ତି। ଯେଉଁମାନଙ୍କୁ ବା ଏହି ମାନଙ୍କ ଭଳି ଦଳୀୟ କର୍ମୀଙ୍କୁ ନେତୃବୃନ୍ଦ କୋଣଠେସା କରି ରଖି ଆସିଛନ୍ତି, ସେମାନଙ୍କ ପାଖରେ ଯଥେଷ୍ଟ ପୁଞ୍ଜି ନାହିଁ, କିନ୍ତୁ ଲୋକମାନଙ୍କ ସାଥିରେ, ଭଲରେ ମନ୍ଦରେ ରହି ଆସିଛନ୍ତି। ନିର୍ବାଚନ ସମୟରେ ସମର୍ଥନ ଦିଅନ୍ତି, ବାଡ଼ି ଧରନ୍ତି, ବୁଥ୍ ଦଖଲ କରି ଶାସକ ବା ବିରୋଧୀ ଦଳର କର୍ମୀଙ୍କୁ ଜିତାଇ ଆସୁଛନ୍ତି। ସେମାନେ ମଧ୍ୟ ୨୦୨୪ ନିର୍ବାଚନରେ ପ୍ରାର୍ଥିତ୍ୱ ହାସଲ କରିବା ପାଇଁ ସବୁଆଡ଼େ ଅଣ୍ଟା ଭିଡ଼ିଥିବା ଦେଖାଯାଉଛି। ଏମାନେ ପ୍ରତ୍ୟକ୍ଷ ରାଜନୀତିର ଆଗଧାଡ଼ିରେ ଅଛନ୍ତି। ଦୁର୍ନୀତି, ଅନ୍ୟାୟ, ଅନୀତିକୁ ତଳସ୍ତରରୁ ସମର୍ଥନ



କରି ସରକାର ଓ ଦଳୀୟ ପ୍ରତିନିଧିଙ୍କ ମର୍ଯ୍ୟାଦାକୁ ସୁରକ୍ଷିତ କରି ଆସିଛନ୍ତି। ସେମାନଙ୍କ ଆଶାକୁ ଯଦି ଦଳ ପୂରଣ ନ କରେ, ତେବେ ଏମାନେ ଦଳୀୟ ବିପ୍ଳବର ସୂତ୍ରଧର ହେବେ ବୋଲି ମନେହୁଏ, ଯାହା ଆଗରୁ କେବେ ଦେଖାନଥିଲା। ଏହାର କାରଣ ହେଉଛି ଏହି ୫ ବର୍ଷ ମଧ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଯାଇଛି। ଅନୀତି, ଭ୍ରଷ୍ଟାଚାର ସବୁ ନୀତିରେ ପରିଣତ ହୋଇଯାଇଛି। ସାମାଜିକ ନ୍ୟାୟ ଆଉ ମିଳୁ ନାହିଁ। କାରଣ ଶାସକ ଓ ଅମଲାତନ୍ତ୍ର ଏକାକାର ହୋଇଯାଇଛନ୍ତି। ଦଳୀୟ କର୍ମୀ ତଥା ଜନପ୍ରତିନିଧିମାନେ ଠିକା କାମରେ ପ୍ରଚୁର ଅର୍ଥ ଲାଭ ଉଠାଇ ସମାଜରେ ଐଶ୍ୱର୍ଯ୍ୟଶାଳୀ ହେବା ସହିତ ଖୁବ୍ ପ୍ରତିପତ୍ତିଶାଳୀ ହୋଇଛନ୍ତି। ଏଭଳି ଲୋଭକୁ କ’ଣ କେହି ସମ୍ବରଣ କରିପାରିବେ ? ପ୍ରତି ଗ୍ରାମାଞ୍ଚଳରେ ଯିଏ ଗତ ୫ ବର୍ଷ ତଳେ ସାଇକେଲ ଚଢୁଥିଲା, ସେ ଆଜି ୪/୫ଟା ଦାମିକା ଗାଡ଼ିର ମାଲିକ ହୋଇ ପାରିଛି। ତେଣୁ ପ୍ରାର୍ଥିତ୍ୱ ପାଇଁ ଆଶାୟୀ ସଂଖ୍ୟା ୧୦ ଗୁଣା ବଢ଼ିଯିବା ଏକ ସ୍ୱାଭାବିକ ଘଟଣା।

ଏଠାରେ ପ୍ରଶ୍ନ ଉଠୁଛି ଦଳୀୟ ନେତୃବୃନ୍ଦ କେଉଁ ମାପକାଠିରେ ପ୍ରାର୍ଥୀ ଚୟନ କରିବେ ? ଯେଉଁ ଦଳ ଶାସନ କରିବାର ଆଶା ଅଧିକ ସେହି ଦଳକୁ ସମସ୍ତେ ଲାଳାୟିତ ହେବା ସ୍ୱାଭାବିକ। ତେବେ ସେମାନେ କାହାକୁ ଚୟନ କରିବେ, ତାହା ସେମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେବ ହିଁ ହେବ। ଦେଖାଯାଏ, କୌଣସି ରାଜନୈତିକ ଦଳ ଗଣତାନ୍ତ୍ରିକ ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ ନୁହନ୍ତି। ଦଳଗୁଡ଼ିକ ଜନମଙ୍ଗଳ ରାଷ୍ଟ୍ରଠାରୁ ବହୁ ଦୂରରେ। ସେମାନେ ଯେଉଁ ପ୍ରାର୍ଥୀ ଚୟନ କରିବେ, ତାହା ନିଜକୁ, ନିଜ ଦଳକୁ ସୁହାଇଲା ଭଳି ଦୃଷ୍ଟି ଦେବେ। ସବୁ ଦଳ ମଧ୍ୟରେ ଶାସନଗାଦିର ମୋହ ରହିଛି। ଯେନତେନ ପ୍ରକାରେଣ ଗାଦି ଦଖଲ କରିବା ପାଇଁ ଏମାନେ ସବୁ ଅଗଣତାନ୍ତ୍ରିକ ନୀତି ଆପଣେଇ ପାରନ୍ତି। ଦଳୀୟ ନେତୃବୃନ୍ଦଙ୍କ ଏଭଳି ମାନସିକତା ଦେଶରେ ହିଂସା, ହତ୍ୟା, ନୃଶଂସତା, ବୁଥ୍ ଜବରଦଖଲ ଭଳି ଅରାଜକତା ସୃଷ୍ଟି କରିବାକୁ ପଛାନ୍ତି ନାହିଁ। ଏହିଭଳି ଏକ ପରମ୍ପରା ବହୁ ଦିନରୁ ଭାରତୀୟ ରାଜନୀତିରେ ସୃଷ୍ଟି ହୋଇଥିବା ଦେଖାଯାଉଛି। ଏହାର ପୂର୍ଣ୍ଣଚ୍ଛେଦ କ’ଣ ପଡ଼ିପାରିବ ? ଏହାର ପୂର୍ଣ୍ଣଚ୍ଛେଦ ପଡ଼ି ନ ପାରିଲେ ମଧ୍ୟ ଚଳିତ ନିର୍ବାଚନ ସବୁ ଦଳ ପାଇଁ ସତର୍କତାର ଘଣ୍ଟି ବଜାଇପାରେ। ସ୍ୱାଧୀନ ଗଣତାନ୍ତ୍ରିକ ଭାରତୀୟମାନଙ୍କ ସ୍ୱପ୍ନ ସେହି ରାମରାଜ୍ୟ, ଶାନ୍ତି, ସଂହତି, ସାମାଜିକ ନ୍ୟାୟ, ଭାରତୀୟ ସଂସ୍କୃତିର ଅଭ୍ୟୁତ୍ଥାନ ଆଜି ଅଧୁରା ହୋଇ ପଡ଼ିରହିଛି। ସରକାର ପରେ ସରକାର ଗଠନ ହୋଇ ଚାଲିଛି। ଦଳୀୟ ନେତୃବୃନ୍ଦ ଇସ୍ତାହାର ପରେ ଇସ୍ତାହାର ପ୍ରକାଶ କରି ଚାଲିଛନ୍ତି, କିନ୍ତୁ ଭାରତୀୟମାନଙ୍କ ସ୍ୱପ୍ନକୁ ସାକାର କରିବାର କେବେ ଗ୍ୟାରେଣ୍ଟି ଦେଇ ପାରୁନାହାନ୍ତି। ପ୍ରତି ନିର୍ବାଚନରେ ଦଳବଦଳ କରୁଥିବା ନେତା ବା କର୍ମୀମାନଙ୍କ ଆଭିମୁଖ୍ୟ କ’ଣ ବୋଲି ପଚାରିଲେ ତାହାର ଉତ୍ତର ମିଳେନା। କାରଣ ଦେଶ ବା ରାଜ୍ୟର ରାଜକୋଷ ପ୍ରତି ଥିବା ମୋହ ବା ଆକର୍ଷଣ ଏମାନଙ୍କୁ ପାଗଳ କରିଥିବାରୁ କ୍ଷମତା ହାସଲ ପାଇଁ ଦଳବଦଳ କରୁଛନ୍ତି। ଏହା ଜାଣିଶୁଣି ଭୋଟରମାନଙ୍କ ମଧ୍ୟରେ କୌଣସି ଚେତନା ଜାଗ୍ରତ ହୋଇପାରେନା। କାରଣ ଭୋଟରମାନେ ରାଷ୍ଟ୍ର ଭକ୍ତ ନୁହନ୍ତି, କେବଳ ଦଳର ଭକ୍ତ ବୋଲି ନିର୍ବାଚନ ସମୟରେ ନିଜକୁ ପ୍ରମାଣିତ କରନ୍ତି। ସେହିଭଳି ପ୍ରାର୍ଥୀମାନେ ନିଜକୁ ଦେଶଭକ୍ତ ବୋଲି ମନେକରନ୍ତି ନାହିଁ। ସେମାନେ ବରଂ ଦଳର ନେତାଙ୍କ ଭକ୍ତ, ଏବଂ ରାଜକୋଷ ଏମାନଙ୍କ ଏକମାତ୍ର ଲକ୍ଷ୍ୟ ବୋଲି ଜାଣନ୍ତି। ତେବେ ବିଚାର କରନ୍ତୁ ଆମେ କ’ଣ ସତରେ ଗଣତନ୍ତ୍ରପ୍ରେମୀ ?

ଭାରତର ଏକ ସଂସ୍ଥା (ଆସୋସିଏଶନ ଫର ଡେମୋକ୍ରାଟିକ୍ ରିଫର୍ମସ୍)ର ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ୩୬% ପ୍ରାର୍ଥୀଙ୍କ ବିରୋଧରେ ଫୌଜଦାରି ମାମଲା ରହିଛି। ଦଳୀୟ ନେତୃବୃନ୍ଦ ମନମୁଖି ପ୍ରାର୍ଥୀ ଚୟନ କରି ଭୋଟରମାନଙ୍କ ଉପରେ ଲଦି ଦେଉଛନ୍ତି। ଦଳୀୟ ଚିହ୍ନକୁ ପାଥେୟ କରି ନିର୍ବାଚନରେ ଭୋଟରମାନେ କାହାକୁ ଭୋଟ ଦେଲେ, କାହିଁକି ଦେଲେ ତାହା କହିପାରନ୍ତି ନାହିଁ। ସେମାନେ ଦେଇଥିବା ଭୋଟ କେତେବେଳେ ଦେଶଦ୍ରୋହୀ, ଅପରାଧୀ, ଦେଶ ଲୁଣ୍ଠନକାରୀ ଆଡ଼କୁ ଚାଲି ଯାଇଥିବା ସେମାନେ ଜାଣନ୍ତି ନାହିଁ। ତେଣୁ ଦେଖାଯାଉଛି ଯେ, ଗଣତନ୍ତ୍ରକୁ ସୁଦୃଢ଼ କରିବା ଓ ରାଷ୍ଟ୍ରମଙ୍ଗଳ ରାଷ୍ଟ୍ର ଗଠନ ପାଇଁ ରାଜନୈତିକ ଦଳଗୁଡ଼ିକର ଭୂମିକା ରାଷ୍ଟ୍ରମଙ୍ଗଳ ଅଭିମୁଖୀ ହୋଇ ପାରୁ ନାହିଁ। ଏଥିପାଇଁ ଆମ ସମ୍ବିଧାନ, ନିର୍ବାଚନ କମିଶନର ନୀରବ। ଉତ୍ତମ ପ୍ରାର୍ଥୀ ଚୟନ କରିବା ଦାୟିତ୍ୱ ଗୋଟିଏ ଅଗଣତାନ୍ତ୍ରିକ ସଂସ୍ଥା (ଦଳ) ଉପରେ ନ୍ୟସ୍ତ କରାଯାଇଥିବାର ସେହି ସଂସ୍ଥା ନିଜର ଇଚ୍ଛା ଅନୁସାରେ ।ର୍ଥୀ ଚୟନ କରି ଚାଲିଛନ୍ତି। ତା’ର ପରିଣତି ସମସ୍ତେ ଭୋଗୁଛନ୍ତି। ୭୫ ବର୍ଷ ହେଲା ନିର୍ବାଚନୀ ପ୍ରକ୍ରିୟାର ସଂସ୍କାର ହୋଇ ପାରିଲା ନାହିଁ। ଯାହାଫଳରେ ଚଳିତ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର କର୍ମୀମାନଙ୍କ ମଧ୍ୟରେ ରହିଥିବା ଲାଭ ଲୋଭର ମୋହ ଏକ ବିପ୍ଳବର ସୂତ୍ରପାତ ଘଟାଇବ ବୋଲି ଜଣାପଡୁଚି। ଅବଦମିତ ହୋଇ ରହିଥିବା ରାଜନୈତିକ କର୍ମୀ, ଜନ ନେତାଙ୍କ ଅସନ୍ତୋଷ ଚଳିତ ନିର୍ବାଚନରେ ପ୍ରତିଫଳିତ ହୋଇ ଏକ ପରିବର୍ତ୍ତନ ଘଟାଇବାର ଆଶା କରାଯାଏ।

ସୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ



ଉତ୍କଳିକା ଦାଶ

ଅଜ୍ଞାନତାର ଅମା ଅନ୍ଧାରକୁ ବଧ କରି ଯାହା ମାଧ୍ୟମରେ ସମାଜରେ ଜ୍ଞାନର ଆଲୋକ ବିଚ୍ଛୁରିତ ହୁଏ, ତାହା ହେଉଛି ଶିକ୍ଷା। ଏହି ଶିକ୍ଷା ପଦ୍ଧତିକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ଅବଦାନ ମଧ୍ୟ ଅତ୍ୟନ୍ତ ଜରୁରୀ। ତିନିହେଁ ପରସ୍ପରର ପରିପୂରକ। ଗୋଟିଏ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ ରହିଯାଏ। ପ୍ରକୃତ ଶିକ୍ଷା ମନୁଷ୍ୟକୁ ଜ୍ଞାନର ସର୍ବୋଚ୍ଚ ଶିଖରରେ ପହଞ୍ଚାଇଥାଏ। ବୈଷୟିକ ଶିକ୍ଷା ହେଉ ଅବା ନୈତିକ ଶିକ୍ଷା, ଉଭୟକୁ ସକାରାତ୍ମକ ଭାବେ ଗ୍ରହଣ କଲେ ବିଦ୍ୟାର୍ଥୀ ଜୀବନରେ ଉନ୍ନତି କରିଥାଆନ୍ତି। ଏହି ଶିକ୍ଷାକୁ ଉଚିତ ମାର୍ଗରେ ଶିକ୍ଷାର୍ଥୀଙ୍କ ନିକଟରେ ଉପସ୍ଥାପନା କରିବା ଦାୟିତ୍ୱ ଗୁରୁଙ୍କର। ତେଣୁ ଶିକ୍ଷକଙ୍କ ଉପରେ ନ୍ୟସ୍ତ ଥାଏ ଶୃଙ୍ଖଳିତ ଓ ସଫଳ ଛାତ୍ର ଗଠନର ଦାୟିତ୍ୱ। ଶିକ୍ଷକଙ୍କ କର୍ତ୍ତବ୍ୟ ସେମାନେ ଛାତ୍ରୀଛାତ୍ରମାନଙ୍କୁ ବୌଦ୍ଧିକ, ସାମାଜିକ, ଶାରୀରିକ, ଭାବନାତ୍ମକ ଓ ନୈତିକ ଭାବରେ ବିକଶିତ କରିବାରେ ସହାୟକ ହେବା। ଭାରତରେ ଗୁରୁ-ଶିଷ୍ୟର ପରମ୍ପରା ଆବାହମାନ କାଳରୁ ଚାଲିଆସିଛି। ଗୁରୁମାନଙ୍କ ଜୀବନ ସର୍ବଦା ସମର୍ପିତ ହୋଇଥାଏ ଶିଷ୍ୟ ତଥା ସମାଜର ଉନ୍ନତି ନିମନ୍ତେ। ଏହାଦ୍ୱାରା ସମାଜକୁ ସେମାନେ ସଚେତନପୂର୍ଣ୍ଣ ନାଗରିକ ଦେଇପାରିବେ। ଅତୀତରେ ଆମ ସଂସ୍କୃତିରେ ଗୁରୁ-ଶିଷ୍ୟର ସମ୍ପର୍କ ବହୁ ମହତ୍ତ୍ୱପୂର୍ଣ୍ଣ ଓ ମର୍ଯ୍ୟାଦାପୂର୍ଣ୍ଣ ଥିଲା। ବିଭିନ୍ନ ଉପାୟରେ ସେମାନେ ବିଦ୍ୟାର୍ଥୀଙ୍କୁ ସଫଳ କରିବାକୁ ପ୍ରଚେଷ୍ଟା କରୁଥିଲେ। ବୃତ୍ତିଗତ ଓ ନୈତିକ ଉଭୟ ବିଦ୍ୟାରେ ପାରଙ୍ଗମ କରୁଥିଲେ। ସମୟ ପରିବର୍ତ୍ତନ ହେବା ସହ ବଦଳି ଯାଇଛି ଶିକ୍ଷା ବ୍ୟବସ୍ଥା ଓ ଗୁରୁ-ଶିଷ୍ୟଙ୍କ ସମ୍ପର୍କ। ଶିକ୍ଷକଙ୍କ ସଂଜ୍ଞା ବଦଳି ଯାଇଛି ସମ୍ପୂର୍ଣ୍ଣ ରୂପେ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି କେବଳ ଅର୍ଥ ଉପାର୍ଜନ ନିମନ୍ତେ। ବିଦ୍ୟାର୍ଥୀଙ୍କୁ ଅନୁଚିତ ରାସ୍ତାରେ ଯାଉଥିବା ଦେଖି ଆକଟ ମଧ୍ୟ କରୁନାହାନ୍ତି। ସେଥିପାଇଁ ଅନେକ ପିଲା ଏବେ ଅବାଟରେ ଗତି କରୁଛନ୍ତି। ଅନେକ ଶିକ୍ଷକ ତ ଏବେ ବିଭିନ୍ନ କଳଙ୍କିତ ଅଧ୍ୟାୟ ସୃଷ୍ଟି କରୁଛନ୍ତି। କେବେ ମଦ୍ୟପାନ କରି ବିଦ୍ୟାଳୟ ପରି ପବିତ୍ର ସ୍ଥାନକୁ ଆସୁଛନ୍ତି ତ ପୁଣି କେବେ ଛାତ୍ରୀଛାତ୍ରଙ୍କ ପ୍ରତି ଅସଦାଚରଣ କରୁଛନ୍ତି। ପ୍ରତ୍ୟେହ ଏପରି ଶିକ୍ଷକଙ୍କ କୁକର୍ମ ପଦାରେ ପଡୁଛି। ଏହାଦ୍ୱାରା ଗୁରୁମାନଙ୍କ ଉପରୁ ବିଶ୍ୱାସ ତୁଟିଯାଉଛି ଅଭିଭାବକ ତଥା ଶିଷ୍ୟମାନଙ୍କର।

ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀ ମୁଖ୍ୟ ମାନଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଦ୍ୟାର୍ଥୀଟିର ପ୍ରଥମ କର୍ତ୍ତବ୍ୟ ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ଦ୍ୱାରା ଦିଆଯାଉଥିବା ପ୍ରତ୍ୟେକଟି ଶିକ୍ଷାକୁ ଧ୍ୟାନପୂର୍ବକ ଶୁଣିବା ଏବଂ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ମଧ୍ୟ ପ୍ରଚେଷ୍ଟା କରିବା। ତେବେ ଯାଇ ବିଦ୍ୟାର୍ଥୀ ସୁନାଗରିକ ହୋଇପାରିବ। କିନ୍ତୁ ପରିତାପର ବିଷୟ, ବର୍ତ୍ତମାନ ଛାତ୍ରସମାଜ ସମ୍ପୂର୍ଣ୍ଣ ବିପରୀତଗାମୀ ହୋଇଯାଇଛି କହିଲେ ଭୁଲ୍ ହେବ ନାହିଁ। ସେମାନେ ଶିକ୍ଷାନୁଷ୍ଠାନକୁ କେବଳ କେଇ ଘଣ୍ଟାର ମନୋରଞ୍ଜନ ସ୍ଥଳ ଭାବୁଛନ୍ତି। ଗୁରୁଙ୍କୁ ଅସମ୍ମାନ, ସହପାଠୀ ତଥା ଅନ୍ୟ ବିଦ୍ୟାର୍ଥୀଙ୍କ ପ୍ରତି ଅଶାଳୀନ ବ୍ୟବହାର ଏବଂ ଚିନ୍ତନ ସେମାନଙ୍କୁ ଅନୁଚିତ ମାର୍ଗରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ସାହାଯ୍ୟ କରୁଛି। ଏଥିପାଇଁ ବିଦ୍ୟାଳୟକୁ ‘ଦଣ୍ଡମୁକ୍ତ ଅଞ୍ଚଳ’ କରାଯିବା ଅଧିକନ୍ତୁ ଦାୟୀ। ତତ୍‌ସହ ପ୍ରଯୁକ୍ତି ବିଜ୍ଞାନର ଅପପ୍ରୟୋଗ ଛାତ୍ରସମାଜକୁ ବିଶୃଙ୍ଖଳିତ କରୁଛି। କୁହାଯାଏ ଭୟରୁ ଭକ୍ତି ଜାତହୁଏ। ଭୟ ଓ ଭକ୍ତିର ସମ୍ମିଶ୍ରଣରେ ଛାତ୍ରୀଛାତ୍ରଙ୍କ ଜୀବନ ଶୃଙ୍ଖଳିତ ହୋଇଥାଏ। ଅନେକ ତରୁଣ ଛାତ୍ରୀଛାତ୍ର ଭୟହୀନ ହୋଇ ବିଭିନ୍ନ ଆପରାଧିକ କାର୍ଯ୍ୟ କରୁଛନ୍ତି।

କିଛି ଦିନ ପୂର୍ବରୁ ପଡ଼ୋଶୀଙ୍କ ପୁଅ ବାହାରେ ଖେଳୁଥିବାର ଦେଖି ପଚାରିଲି, ଆଜି ବିଦ୍ୟାଳୟ ଯାଇନାହଁ କି? ପିଲାଟି ଉତ୍ତର ଦେଲା, ‘ନାଇଁ, ମୋତେ ସାତଦିନ ପାଇଁ ନିଲମ୍ବନ କରାଯାଇଛି’। ମୋତେ ଟିକେ ଅଲଗା ଲାଗିବାରୁ ତାଙ୍କ ମାଆଙ୍କୁ ପଚାରିଲି ଘଟଣା ବିଷୟରେ। ସେ କହିଲେ ଯେ, ତାଙ୍କ ପୁଅ ତୃତୀୟ ଶ୍ରେଣୀର ଛାତ୍ର, ଭଲ ପାଠ ପଢୁଛି। ହେଲେ ସେ ଟିକେ ଅସ୍ଥିର। ଶ୍ରେଣୀଗୃହରେ ସ୍ଥିର ହୋଇ ବସି ପାରୁନାହିଁ। ଶୀଘ୍ର ପାଠସାରି ପିଲାମାନଙ୍କ ସହ ଗପୁଛି। ଯଦ୍ୱାରା ଅନ୍ୟ ପିଲାମାନେ ପାଠପଢ଼ା ଛାଡ଼ି ତା’ ସହିତ କଥାରେ ମଜ୍ଜି ଯାଉଛନ୍ତି। ଶିକ୍ଷକମାନଙ୍କ କହିବାନୁସାରେ ପିଲାଟି ସମସ୍ତ ପ୍ରତିଭାର ଅଧିକାରୀ। ଗୀତ, ନାଚ, ପାଠ, ଅଭିନୟ ଏବଂ ମଞ୍ଚ ଉପରେ ବକ୍ତୃତା ଆଦି ଦେବାରେ ପାରଙ୍ଗମ। ଏଥିସହିତ ଖୁବ୍ ଜିଦ୍‌ଖୋର ମଧ୍ୟ। ଯେଉଁ କାମ କରିବାକୁ ଇଚ୍ଛା କରିଥିବ, ତାକୁ ଯେମିତିବି ହେଉ କରି ଦେଖାଇବ। ସେତେବେଳେ ଶିକ୍ଷକଙ୍କ କଥା ମଧ୍ୟ ଶୁଣି ନଥାଏ। ଅବଶ୍ୟ ସେ ଖରାପ କାମ କେବେ କରିବାକୁ ଜିଦ୍ ଧରି ନଥାଏ। ତଥାପି ଏହାର ଅଯଥା ଗପିବା ଗୁଣ ଓ ଜିଦ୍ ସ୍ୱଭାବ ଅନ୍ୟ ପିଲାଙ୍କୁ ବିଶୃଙ୍ଖଳିତ କରୁଛି ଏବଂ ଶିକ୍ଷକମାନେ ମଧ୍ୟ କେବଳ ଆକଟ କରିବେ, ମାରି ପାରିବେ ନାହିଁ। ତେଣୁ ସେମାନେ ତାକୁ ନିଲମ୍ବିତ କରିଛନ୍ତି, ଯଦ୍ୱାରା ତା’ର ଏହି କୁଅଭ୍ୟାସକୁ ବଦଳା ଯାଇପାରିବ। ହେଲେ ଦୁଃଖର କଥା, ସେ ନିଲମ୍ବନ କ’ଣ ବୁଝିନାହିଁ। କାହିଁକି ସ୍କୁଲ୍ ଯିବି ନାହିଁ ବୋଲି ଜିଦ୍ ଧରୁଛି। ଯେତେ ବୁଝାଇଲେ ବି ସେ କହୁଛି ମୁଁ ତ ପାଠସବୁ କରିଦେଉଛି, କାହିଁକି ଯିବି ନାହିଁ। କ’ଣ କରିବି କିଛି ବୁଝିପାରୁ ନାହିଁ। ଏତିକି କହି ମା’ ଜଣଙ୍କ ମନଦୁଃଖ କଲେ।



ପ୍ରକୃତରେ ଉପରୋକ୍ତ ଦୃଷ୍ଟାନ୍ତରେ କାହାର ଭୁଲ୍ ବୋଲି ପ୍ରଶ୍ନଟିଏ ଉଙ୍କିମାରୁଛି। ପିଲାଟି ଯଦି ସମସ୍ତ କ୍ଷେତ୍ରରେ ପାରଙ୍ଗମ, ତେବେ ତା’ର ଏହି ଅଳ୍ପ କୁଅଭ୍ୟାସକୁ କ’ଣ ଶିକ୍ଷକଙ୍କ ଦ୍ୱାରା ବଦଳା ଯାଇ ପାରିନଥା’ନ୍ତା ? ଏହା ମଧ୍ୟ ସତ ଯେ, ଜଣଙ୍କ ଦ୍ୱାରା ପୂରା ଶ୍ରେଣୀର ଛାତ୍ରୀଛାତ୍ର ବିଶୃଙ୍ଖଳିତ ହୋଇପଡୁଛନ୍ତି। ତେବେ ଏଥିରୁ ଅନୁମେୟ ଯେ, ଶିକ୍ଷା ବ୍ୟବସ୍ଥାରେ ଦଣ୍ଡ ଉଠିଯିବା ପରେ ଶିକ୍ଷକ ଅକ୍ଷମ ହୋଇ ପଡ଼ିଛନ୍ତି ବିଦ୍ୟାର୍ଥୀଙ୍କୁ ଶାସନ କରିବାରେ ଏବଂ ଭୟହୀନ ହୋଇ ଛାତ୍ରୀଛାତ୍ର ମୁଖ୍ୟସ୍ରୋତରୁ ବିଚ୍ୟୁତ ହେଉଛନ୍ତି। ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏମାନଙ୍କର ସାମାନ୍ୟତମ ତ୍ରୁଟି ସମାଜରେ ଅସ୍ଥିରତା ସୃଷ୍ଟି କରିବ। ତେଣୁ ଶିକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ସହ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ମଧ୍ୟ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇବା ଉଚିତ।

ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ: ୭୦୦୮୫୫୯୬୯୩

## ଏଇ ଭାରତରେ

କର୍ଣ୍ଣାଟକର ମହିଳା ଚାଷୀ ରୋଜା ରେଡ୍ଡୀଙ୍କ ସଫଳତା ଏକ ଉଦାହରଣ ସୃଷ୍ଟି କରିଛି। ସେ କର୍ପୋରେଟ ଚାକିରି ଛାଡ଼ି ଜୈବିକ ଚାଷରୁ ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ୨୮ ବର୍ଷିଆ ରୋଜା କର୍ଣ୍ଣାଟକର ଡୋନେହାଲି ଗାଁରେ ଏହି ଚାଷ କରୁଛନ୍ତି। ରୋଜା ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ବେଙ୍ଗାଲୁରୁରେ ଚାକିରି କରିଥିଲେ। କୋଭିଡ୍ ସମୟରେ ଘରକୁ ଫେରି ସେ ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଘରେ ରହି ଅଫିସ କାମ କରିବା ସହ ଅପରାହ୍ନରେ ଜମିରେ କାମ କରୁଥିଲେ। ପରେ ଚାକିରି ଛାଡ଼ି ୫୦ ଏକରରେ ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ପ୍ରତିଦିନ ୫୦୦ରୁ ୭୦୦ କେ.ଜି. ପରିବା ଉତ୍ପାଦନ କରୁଛନ୍ତି। ରାସାୟନିକ ଚାଷରେ ଉର୍ବରତା ହରାଇ ପଡ଼ିଆ ପଡ଼ିଥିବା ୬ ଏକର ପୈତୃକ ଜମିରେ ପ୍ରଥମେ ସେ ଚାଷ ଆରମ୍ଭ କରିଥିଲେ। ରୋଜା କେବଳ ଚାଷରେ ଅଟକି ନାହାନ୍ତି, ସେ କର୍ଣ୍ଣାଟକର ବିଭିନ୍ନ ଅଞ୍ଚଳକୁ ଯାଇ କୃଷକମାନଙ୍କୁ ଜୈବିକ ଚାଷ ପାଇଁ ସଚେତନ କରୁଛନ୍ତି। ଏବେ ସୁଦ୍ଧା ୫୦୦ରୁ ଅଧିକ କୃଷକଙ୍କୁ ଜୈବିକ କୃଷିରେ ସାମିଲ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୬ ମାର୍ଚ୍ଚ ୧୯୭୫

- ଟାଇମ୍ସ ଅଫ୍ ଇଣ୍ଡିଆର ସ୍ୱତନ୍ତ୍ର ପ୍ରତିନିଧି ସୁଦର୍ଶନ ଭାଟିଆଙ୍କ ୪୫ ବର୍ଷ ବୟସରେ ପରଲୋକ।
- ଅପରାଧିକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଅଭିଯୋଗରେ ଏମ୍‌ପି ଚନ୍ଦ୍ରଶେଖର ସିଂହ ସିପିଆଇ ଦଳରୁ ସସ୍‌ପେଣ୍ଡ।
- ମହମ୍ମଦ ଅବଦୁଲ୍ଲାଟିଫ୍ ରସିଦ ଭାରତରେ ମିଳିତ ଆରବ ଏମିରେଟ୍ସର ନୂଆ ରାଷ୍ଟ୍ରଦୂତ ମନୋନୀତ।

## ଚିରନ୍ତନୀ

ଭୁଲିଗଲି ମୋର ଛୋଟ ଘରଟିର ପୁରୁଣା ମାଟି-
ଦୂର ଦିଗନ୍ତ ଧାନ ବିଲେ କେତେ ଖେଳିଛି ଖେଳ
ମାନି ନାହିଁ ଖରା ବରଷା ପବନ ପିଛିଳ ବାଟ
ଶଇଶବ ପ୍ରିୟ ବନ୍ଧନ ସବୁ ଆସିଲି କାଟି!
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ତମାଖୁ ସେବନରୁ ନିବୃତ୍ତ ହୁଅ

ମହାଶୟ,

ତମାଖୁ ସେବନରୁ ନିବୃତ୍ତ ରହିବା ଭଲ କଥା। ମାତ୍ର ମନରେ ପ୍ରଶ୍ନଉଠେ, ଗାଁର ପିଲାଏ ସ୍କୁଲ ଗଲାବେଳେ ବାଟରେ ଖଣ୍ଡିଆ ବଲ୍‌ଟାଏ ଦେଖିଲେ ଗୋଡ଼ରେ ଗଡ଼ାଇମାରନ୍ତି। ଏହା ପିଲାଙ୍କର ବାସ୍ତବ ପିଲାଳିଆମି। ଠିକ୍ ସେହିପରି ଆଖିଆଗରେ ତମାଖୁ ଦେଖି ଅନିଚ୍ଛାରେ ମଧ୍ୟ ତମାଖୁ ପ୍ରେମୀଟିଏ ଭାତରେ ଡାଲି ଗୋଳାଇବା ପରି ଦୁଇ ଜରି ପ୍ୟାକେଟ୍‌ର ସମ୍ମିଶ୍ରଣ ନ କରି ରହିପାରନ୍ତି ନାହିଁ। କାଲି ଆମ ଗାଁ ନାଟୁଆ ଦାଦା କହୁଥିଲେ ପିଲା ସଫଳ ଖାଅନା। କ୍ୟାନ୍‌ସର ହବ ଏତିକି ଜାଣିପାରୁନ ? କି ପାଠ ପଢୁଛ ତମେ ? ପୁଣି ନିଜକୁ ନିଜେ କହିଲେ ଗୁଟ୍‌ଖା ନ ମିଳିଲେ ଏତେ ସବୁ ଅସୁବିଧା ହୁଅନ୍ତା ନାହିଁ। ସରକାର ତିଆରି କରି ବିକ୍ରି କରୁଛି ଏହା ଏକ ଭୁଲ୍ କଥା, ଯାହା ଟିପଚିହ୍ନରେ ମାସକୁ ୫୦୦ ଟଙ୍କା ଭତ୍ତା ପାଉଥିବା ଆମ ଗାଁ ନାଟୁଆ ଦାଦା ବୁଝି ପାରୁଛନ୍ତି। ମାତ୍ର ପାଠ ପଢ଼ିବା ପରି ଜଣାପଡୁଥିବା ବଡ଼ ବାବୁମାନେ ଆମ ଗାଁ ନାଟୁଆଦାଦାଙ୍କଠାରୁ କେତେ ମୂର୍ଖ ସତରେ।

- ନିତ୍ୟାନନ୍ଦ ଭୋଳ, ସିହା, ଏରସମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଫି ଉଦ୍ୟୋଗରେ ପର୍ଯ୍ୟାପ୍ତ ସୁଯୋଗ


ଡ. କାମାକ୍ଷା ଦାସ

**ସ୍ପେଶାଲିଟି କଫି ଭେଞ୍ଚର 'କୃତି କଫି'ର ସହପ୍ରତିଷ୍ଠାତା ହେଉଛନ୍ତି ଡ. କାମାକ୍ଷା ଦାସ। ସ୍ପେଶାଲିଟି କଫି ଆସୋସିଏଶନ (ଏସ୍‌ସିଏ)ର ସଦସ୍ୟ ଥିବା ଡ. ଦାସ ଏମ୍‌ବିବିଏସ ସହ ମୁମ୍ବାଇସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍‌ରୁ ହେଲ୍‌ଥ ଆଡ୍‌ମିନିଷ୍ଟ୍ରେଶନରେ ମାଷ୍ଟର ଡିପ୍ଲୋମା କରିଛନ୍ତି। ଦେଶ ବିଦେଶରେ ଜଣାଶୁଣା କର୍ପୋରେଟ୍ ସଂସ୍ଥାରେ କାର୍ଯ୍ୟ କରିବାର ୨୦ ବର୍ଷର ଅଭିଜ୍ଞତା ରହିଛି। ହୋଲିଷ୍ଟିକ୍ ୱେଲ୍‌ନେସ୍ ଭେଞ୍ଚର 'ଯୋଗାକାର'ର ମଧ ସେ ସହପ୍ରତିଷ୍ଠାତା ଅଛନ୍ତି। ଦେଶ ବିଦେଶର ବିଭିନ୍ନ ଫୋରମ୍‌ରେ ବକ୍ତବ୍ୟ ଦେଇଥିବା ଡ. ଦାସଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**

**ପ୍ର– କୃତି କଫି ଦେଶର ଏକ ଅଗ୍ରଣୀ କଫି ଅନୁଷ୍ଠାନ। ଓଡ଼ିଶା ବଜାରରେ ଏହାର କିପରି ଚାହିଦା ରହିଛି ବୋଲି ଆପଣ ଭାବୁଛନ୍ତି?**
ଉ–'କୃତି କଫି' ଅଗ୍ରଣୀ କଫି ବ୍ରାଣ୍ଡ୍ ଭାବେ ଓଡ଼ିଶାରେ ଯାତ୍ରା ଆରମ୍ଭ କରିଛି। ଗ୍ରାହକଙ୍କ କେବଳ ଆବଶ୍ୟକତାକୁ ନୁହେଁ, ବରଂ ଭାବାବେଗକୁ ଆମେ ଗୁରୁତ୍ୱ ଦେଉ। ଏହା ଗ୍ରାହକଙ୍କ ଚାହିଦାକୁ ପୂରଣ କରିବା ସହ କୃତି କଫି ପାଇଁ ମାର୍କେଟ୍ ଶେୟାର ମଧ ବୃଦ୍ଧି କରିବାରେ ସହାୟକ ହେବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩ଟି କାଫେ ରହିଥିବାବେଳେ ୨୦୨୪ ଏପ୍ରିଲରେ ଆଉ ଏକ କାଫେ ବ୍ରହ୍ମପୁରରେ ଖୋଲିବାକୁ ଯାଉଛି।

**ପ୍ର–କଫି ଚାଷ ଏବଂ କଫି ଶିଳ୍ପକୁ ସରକାରୀ ପ୍ରୋତ୍ସାହନ କେତେ ସହାୟକ ହୋଇପାରୁଛି?**
ଉ–ରାଜ୍ୟରେ କଫି ଚାଷର ଅଗ୍ରଗତି ପାଇଁ ସରକାରଙ୍କ ଯଥେଷ୍ଟ ପ୍ରୋତ୍ସାହନ ରହିଛି। ଗତବର୍ଷ ନୂଆଦିଲ୍ଲୀରେ ଅନୁଷ୍ଠିତ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ'ରେ ଆମେ ମଧ ଓଡ଼ିଶା ପାଭିଲିୟନରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲୁ। ରାଜ୍ୟ ସରକାରଙ୍କ ଉଦ୍ୟମକୁ ବିଭିନ୍ନ ସମୟରେ କଫି ବୋର୍ଡ ପକ୍ଷରୁ ପ୍ରଶଂସା କରାଯାଇଛି। କୋରାପୁଟ କଫିକୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଫଳରେ କଫି ଇକୋସିଷ୍ଟମ୍ ସହ ଜଡ଼ିତ ବ୍ୟକ୍ତିମାନେ ସଶକ୍ତ ହେବା ସହିତ ଆଗକୁ ବଢ଼ିବାର ସୁଯୋଗ ପାଉଛନ୍ତି।

**ପ୍ର–କଫି ଚାଷ ଆରମ୍ଭରୁ ଉତ୍ପାଦନରେ କେଉଁ ସବୁ ପ୍ରକ୍ରିୟା ସାମିଲ ରହିଛି?**
ଉ– ଗ୍ରାହକଙ୍କୁ କପେ ଭଲ କଫି ପରଷିବା ପାଇଁ ଆମେ କଫି ଫାର୍ମରୁ ଆରମ୍ଭ କରି କଫି ଭେଞ୍ଚର ପର୍ଯ୍ୟନ୍ତ ଟିକିନିଖି ତଦାରଖ କରୁ। କଫି ଗଛ ଲଗାଇବାଠାରୁ ଆରମ୍ଭ କରି ପାଚିଲା ଫଳ ଅମଳ, ଫଳରୁ ମଞ୍ଜି ବାହାର କରି ତାହାକୁ ଭାଜି ଗୁଣ୍ଡ କରାଯାଏ। ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଏବଂ ଉପକରଣ ବ୍ୟବହାରରେ ସମସ୍ତ କାର୍ଯ୍ୟ କରାଯାଉଛି। ସାରା ଦେଶରେ ଓଡ଼ିଶା କଫିକୁ ପରିଚିତ କରାଇବା ପାଇଁ କୃତି କଫି ଆଗଭର ରହିଛି।

**ପ୍ର– କଫି ମାର୍କେଟର ଉନ୍ନତି ପାଇଁ କେଉଁ ସବୁ ପଦକ୍ଷେପ ଆବଶ୍ୟକ? ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଆପଣଙ୍କ ଉତ୍ପାଦରେ କେଉଁ ବିଶେଷତା ରହିଛି?**
ଉ– କଫି ବଜାରର ଉନ୍ନତି ପାଇଁ ଏକାଧିକ ଦିଗ ପ୍ରତି ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଏକ ସ୍ୱତନ୍ତ୍ର କଫି ଉଦ୍ୟୋଗ ଭାବରେ ସରକାରଙ୍କ ବିଭିନ୍ନ ଯୋଜନା ଓ ନିର୍ଦ୍ଦେଶାନୁସାରେ କଫି ବଜାରକୁ ଆମେ ପ୍ରଭାବିତ କରିପାରିବୁ। ରାଜ୍ୟ ସରକାରଙ୍କ ସୁଚିନ୍ତିତ ପଦକ୍ଷେପ ଯୋଗୁ ଓଡ଼ିଶା କଫି ଗଛ ଲଗାଇ କର୍ନାଟକ ଭଳି ରାଜ୍ୟଠାରୁ ଉତ୍ପାଦନରେ ବହୁ ଆଗକୁ ବଢ଼ିପାରିଛି। ବର୍ତ୍ତମାନର ଆବଶ୍ୟକତା ହେଉଛି ବୈଷୟିକ ଅଭିଜ୍ଞତାକୁ ସମନ୍ୱିତ କରି ଏହି କ୍ଷେତ୍ରରେ ଉଦ୍ୟମ ଜାରି ରଖିବା। କୃଷି ସଶକ୍ତୀକରଣ କ୍ଷେତ୍ରରେ ସଚ୍ଚୋଟତା ଯୋଗୁ ଆମ ଗ୍ରାହକ ଆକର୍ଷିତ ହେଉଛନ୍ତି। ଚାଷଜମି ହେଉ କି କଫିମଞ୍ଜି ଶୁଖା ଓ ଭଜା ଆଦି ପ୍ରକ୍ରିୟାରେ କୁଶଳତା, ସ୍ୱତନ୍ତ୍ର ଉତ୍ପାଦ ଗ୍ରାହକଙ୍କୁ ଆମ ସହ ଯୋଡ଼ିବାରେ ସହାୟକ ହେଉଛି।

**ପ୍ର– ଏକ ଦଶନ୍ଧି ଧରି କୃତି କଫି ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ନୂଆକରି ଏ କ୍ଷେତ୍ରରେ ପାଦ ଥାପୁଥିବା ବ୍ୟକ୍ତିଙ୍କୁ ଅନୁଷ୍ଠାନର ସହପ୍ରତିଷ୍ଠାତା ଭାବେ ଆପଣ କ'ଣ ବାର୍ତ୍ତା ଦେବେ?**
ଉ– କଫି ଉଦ୍ୟୋଗୀମାନଙ୍କ ପାଇଁ ମୋର ଏକମାତ୍ର ପରାମର୍ଶ ରହିବ ଯେ, ସେମାନେ ପ୍ରଥମେ ଭିତ୍ତିଭୂମି ସୁଦୃଢ଼ କରିବା ଆବଶ୍ୟକ। କଫି ଉଦ୍ୟୋଗରେ ସଫଳତା ପାଇଁ କିଛି ବର୍ଷ କଷ୍ଟ କରିବାକୁ ପଡ଼ିବ, ଯାହାକି ବର୍ଷ ବର୍ଷ ଧରି ଆପଣଙ୍କୁ ଲାଭାନ୍ୱିତ କରିବ। ଜଣେ ଦକ୍ଷ ଉଦ୍ୟୋଗୀ ପାଇଁ କଫି ଉଦ୍ୟୋଗରେ ବିସ୍ତୃତ ସୁଯୋଗ ରହିଛି। ଏହାକୁ ଉପଯୋଗ କରି ଭାରତରେ ଜଣେ ସଫଳ କଫି ଉଦ୍ୟୋଗୀ ଭାବେ ପରିଚୟ ସୃଷ୍ଟି କରିପାରିବ।

ଧରିତ୍ରୀ | OrissaPOST
BUSINESS EMINENCE AWARDS




# ଗାଁର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ପଞ୍ଚାୟତିରାଜ, ଲୋକସେବା ଦିବସ ପାଳିତ

ଭୁବନେଶ୍ୱର,୫।୩(ଅନିଲ ଦାସ)

ବିଜୁବାବୁ ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ମଧ ଏ ମାଟି ଓ ମାଟିର ମଣିଷ ସହ ତାଙ୍କର ସମ୍ପର୍କ ଥିଲା ନିବିଡ଼। ତାଙ୍କ ସ୍ୱପ୍ନ ଥିଲା ଗାଁର ଲୋକମାନେ ସଶକ୍ତ ହୁଅନ୍ତୁ। ଗାଁରେ ଭଲ ସ୍କୁଲ ହେଉ, ଡାକ୍ତରଖାନା ହେଉ। ସମସ୍ତଙ୍କ ପାଇଁ ଘର ଓ ପିଇବା ପାଣି ଏବଂ ଗାଁରେ ସହରର ସବୁ ସୁବିଧା ମିଳୁ। ମଙ୍ଗଳବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଏବଂ ପଞ୍ଚାୟତିରାଜ ଓ ଲୋକସେବା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ସେ କହିଛନ୍ତି ଯେ, ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଅନେକ ଐତିହାସିକ ପଦକ୍ଷେପ ନେଇଥିଲେ। ଆଜି ଗାଁରେ ରୂପାନ୍ତର ଆସିଛି। ଗାଁ ସ୍କୁଲର ପିଲା ଆଜି ଡାକ୍ତର, ଇଞ୍ଜିନିୟର, ଆଇଏଏସ୍ ଅଫିସର ହେବାର ସ୍ୱପ୍ନ ଦେଖିପାରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଗାଁ ଲୋକଙ୍କର ଚିକିତ୍ସା ଚିନ୍ତା ଦୂର କରିଛି। ବ୍ୟାଙ୍କ ନ ଥିବା ଗାଁରେ ଆଜି ବ୍ୟାଙ୍କ ସୁବିଧା ମିଳୁଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗାଁର ଡିଜିଟାଲ୍ ଭିତ୍ତିଭୂମିକୁ ମଜଭୁତ କରିବା ସହ ଜଗନ୍ନାଥ ସଂସ୍କୃତିର ପ୍ରସାର କରୁଛି। ଲକ୍ଷ୍ମୀ ବସ ଯୋଜନା ଗାଁର ଅର୍ଥନୀତିରେ ବଡ଼ ପରିବର୍ତ୍ତନଆଣିବାକୁ ଯାଉଛି। ମିଶନ ଶକ୍ତି ମା'ମାନେ ଗାଁର ସାମାଜିକ-ଅର୍ଥନୈତିକ ଉନ୍ନତିରେ ଆଗୁଆ ଭୂମିକା ନେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ମା'ମାନେ ୫୦ ପ୍ରତିଶତରୁ ଅଧିକ ସଂଖ୍ୟାରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିଛନ୍ତି। ଗାଁର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ। ଲୋକଙ୍କ ସୁଖଦୁଃଖର ସାଥୀ ହେବା ସହ ଭଲ କାମ କରି ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଛନ୍ତି ଯେ, ଓଡ଼ିଶା ପାଇଁ ବିଜୁବାବୁ ଯେଉଁ ବିକାଶର ନକ୍ସା ଆଙ୍କିଥିଲେ, ତାକୁ ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ସମୟର ନୂଆ ଆହ୍ୱାନ ଓ ଆବଶ୍ୟକତା ଭିତ୍ତିରେ ଅନୁସରଣ କରୁଛନ୍ତି। ପଞ୍ଚାୟତିରାଜ ପ୍ରତିନିଧିମାନେ ଅଧିକ ଯତ୍ନବାନ ହେଲେ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ସାକାର ହୋଇପାରିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ଓଡ଼ିଶାକୁ ଭାରତର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଖିଥିବା ସ୍ୱପ୍ନକୁ ସାକାର କରିବାକୁ ହେଲେ ରାଜ୍ୟର ଯୁବବର୍ଗଙ୍କୁ ବିକାଶ ପର୍ବର ସାରଥି ସାଜିବାକୁ ହେବ ବୋଲି ସେ କହିଛନ୍ତି।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

# ନିଖୋଜ ବୃଦ୍ଧଙ୍କ ମୃତଦେହ ମାଟିତଳୁ ଜବତ

## ଜମିବାଡ଼ି ବିବାଦରୁ ହତ୍ୟା, ଅଭିଯୁକ୍ତ ଗିରଫ

କଣ୍ଟାବାଞ୍ଜି, ୫।୩ (ଗୁରୁଦୟାଳ ହଂସ)

୧୫ଦିନ ତଳେ ନିଖୋଜ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଧାମନଡଙ୍ଗା ପଞ୍ଚାୟତ ରଜାମରା ଗାଁର ଧ୍ରୁବଲ ରଣା(୭୦)ଙ୍କ ମୃତଦେହ ମଙ୍ଗଳବାର ମୁରିବାହାଲ ଥାନା କଟାଡୁଙ୍ଗୁରୀ ଗାର୍ଡୱାଲ ନିକଟ ମାଟିତଳୁ ଜବତ ହୋଇଛି। ଜମିବାଡି ବିବାଦରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ରଜାମରା ଗାଁର ପରମେଶ୍ୱର ମହାକୁଡ (୪୨)ଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁସାରେ ଗତ ଫେବୃୟାରୀ ୧୯ରେ ଧ୍ରୁବଲ ରଣା ତାଙ୍କ ଚାଷଜମିକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକଙ୍କ ଅଭିଯୋଗ ପରେ କଣ୍ଟାବାଞ୍ଜି ଥାନା ପୋଲିସ ପ୍ରଥମେ ଏକ ନିଖୋଜ ମାମଲା ରୁଜୁ କରିଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପରିବାର ଲୋକେ କାଳେ ତାଙ୍କୁ କେହି ହତ୍ୟା କରିଥାଇପାରେ ବୋଲି ଅନୁମାନ କରି ଫେବୃୟାରୀ ୨୧ରେ ପୁଣି ଥରେ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଘଟଣାର ଛାନଭିନ୍ ଆରମ୍ଭ କରିଥିଲା। ସେହିଦିନ ଗାଁକୁ ଯାଇ ପରିବାର ଲୋକ ଓ ଅନ୍ୟ କେତେଜଣଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ଏହି ସମୟରେ ଗାଁ ପୋଖରୀ ବନ୍ଧରେ ଏକ ଟାଙ୍ଗିଆ ଏବଂ ଚପଲ ପଡିଥିବା ନେଇ ଖବର ମିଳିଥିଲା। ପରିବାର ଲୋକେ ଚପଲ ଧ୍ରୁବଲଙ୍କର ବୋଲି ଚିହ୍ନଟ କରିଥିଲେ। ଏହାପରେ ପୋଲିସ ତଦନ୍ତକୁ ଆଗକୁ ବଢାଇଥିଲା। ଧ୍ରୁବଲଙ୍କ ସହ ବିବାଦ ଥିବା ପରମେଶ୍ୱର ମହାକୁଡଙ୍କୁ ମଙ୍ଗଳବାର ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିଥିଲା। ଜେରାବେଳେ ପରମେଶ୍ୱର ଧ୍ରୁବଲଙ୍କୁ ହତ୍ୟା କରିଥିବା ସ୍ୱୀକାର କରି ହତ୍ୟାକାଣ୍ଡ ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ହତ୍ୟାକାଣ୍ଡସ୍ଥଳକୁ ଯାଇଥିଲା। ହତ୍ୟା କରିବା ପରେ ଗାଁଠାରୁ ଅନତି ଦୂର ସୀମାନ୍ତ ମୁରିବାହାଲ ଥାନା କଟାଡୁଙ୍ଗୁରି ଗାର୍ଡୱାଲ ନିକଟରେ ମାଟିତଳେ ବୃଦ୍ଧଙ୍କ ମୃତଦେହ ପୋତି ଦେଇଥିବା ଅଭିଯୁକ୍ତ କହିଥିଲେ। ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ରତନଲାଲ ମୁଣ୍ଡାଙ୍କ ଉପସ୍ଥିତିରେ ପୋତା ଯାଇଥିବା ସ୍ଥାନରୁ ମୃତଦେହ ବାହାର କରାଯାଇଥିଲା। ଜମିବାଡି ଏବଂ ଅନ୍ୟ କାରଣରୁ ଧ୍ରୁବଲଙ୍କୁ ସେ ହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତଦେହ ଗଳିତ ହୋଇପଡିଥିବାରୁ ତାକୁ ବଲାଙ୍ଗୀର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଯାଇଛି। ମଙ୍ଗଳବାର କଣ୍ଟାବାଞ୍ଜି ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ଏବଂ ଥାନା ଆଇଆଇସି ରଶ୍ମିତା ବେହେରା ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ମୃତକଙ୍କ ପୁଅ ଭୂତେଶ୍ୱର ରଣାଙ୍କ ଏତଲା ଆଧାରରେ ଏକ ମାମଲା(୭୨/୨୪)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ହାଇକୋର୍ଟରେ ହାଜର ହେଲେ ଓସିଏମ୍‌ଆର୍ ଅଧ୍ୟକ୍ଷ

## ନକଲି ଡାକ୍ତର ଚିହ୍ନଟ ନେଇ ମାମଲା

କଟକ,୫।୩ (କାର୍ତ୍ତିକ ସାହୁ)

ରାଜ୍ୟରେ ନକଲି ଡାକ୍ତରମାନଙ୍କୁ ଚିହ୍ନଟ କରାଯିବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଓଡ଼ିଶା କାଉନ୍‌ସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେଶନ (ଓସିଏମ୍‌ଆର) ଅଧ୍ୟକ୍ଷ ହାଜର ହୋଇ ନିଜର ପକ୍ଷ ରଖିଛନ୍ତି। ନକଲି ଡାକ୍ତରଙ୍କୁ କିପରି ନିୟନ୍ତ୍ରଣ କରିହେବ ସେନେଇ ସବିଶେଷ ତଥ୍ୟ ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧର ଶରଣ ସିଂହ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ମାର୍ଚ୍ଚ ୨୭କୁ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟରେ ନକଲି ଡାକ୍ତରଙ୍କୁ ଚିହ୍ନଟ ନେଇ ଏକ ମାମଲା ହାଇକୋର୍ଟରେ ରୁଜୁ କରାଯାଇଛି। ରାଜ୍ୟରେ ନକଲି ଡାକ୍ତରଙ୍କୁ ଚିହ୍ନଟ ପାଇଁ ରୁଜୁ ମାମଲାରେ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି, ନକଲି ଡାକ୍ତର ଯାଞ୍ଚ ଲାଗି କୌଣସି ବ୍ୟବସ୍ଥା ରହିଛି କି ନାହିଁ ସେ ବାବଦରେ ସତ୍ୟପାଠ ଦାଖଲ ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତୀୟ ସତ୍ୟପାଠ ପୂର୍ବରୁ ଦାଖଲ କରାଯାଇଥିଲା। ରାଜ୍ୟ ସରକାର ଜବାବ ଦାଖଲ କରିବା ପରେ ଆବେଦନକାରୀଙ୍କୁ ପ୍ରତି ଜବାବ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଫେବୃୟାରୀ ୨୭ ତାରିଖ ଶୁଣାଣିରେ ଓଡ଼ିଶା କାଉନ୍‌ସିଲ ଅଫ ମେଡିକାଲ ରେଜିଷ୍ଟ୍ରେଶନର ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନକଲି ଡାକ୍ତର ନିଯୁକ୍ତି ରୋକିବା କ୍ଷେତ୍ରରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ହଜିଗଲା ଚଣ୍ଡିଖୋଲ ତୈଳଭଣ୍ଡାର ପ୍ରକଳ୍ପ

## ମୋଦିଙ୍କ ସରକାରୀ କାର୍ଯ୍ୟକ୍ରମରେ ମିଳିଲାନି ସ୍ଥାନ

ଯାଜପୁର,୫।୩ (ହର୍ଷବର୍ଦ୍ଧନ ବେହେରା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଚଣ୍ଡିଖୋଲ ନିକଟ ବେଣାପୁରଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ୧୯,୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ହେଲେ ଦୀର୍ଘ ୬ ବର୍ଷ ତଳେ କ୍ୟାବିନେଟ ମଞ୍ଜୁରପ୍ରାପ୍ତ ଦେଶର ୪ର୍ଥ ବୃହତ୍ ତୈଳଭଣ୍ଡାର ପ୍ରକଳ୍ପ ଏବେ ହଜି ଯାଇଛି। ଏଥିରୁ ଉକ୍ତ ତୈଳଭଣ୍ଡାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ପଡିବା ନିଶ୍ଚିତ ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପ ପାଇଁ ୨୦୧୮ ଜୁନ ୨୬ରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିଥିଲା। ହେଲେ ଡଙ୍କାରୀ, ରାହାଡପୁର, ବରଡା ଓ ବାରମାଣ ପାହାଡ଼ରେ ଥିବା ୩୬ଟି ପଥର ଖାଦାନ ଏବଂ ପଥର ବ୍ୟବସାୟୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପର ଅଗ୍ରଗତିରେ ବିରାମ ଲାଗିଥିଲା। ଦେଶରେ ଅତିରିକ୍ତ ୬.୫ ମିଲିୟନ ମେଟ୍ରିକ ଟନ୍ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ସୁବିଧା ପ୍ରତିଷ୍ଠା ପାଇଁ ଚଣ୍ଡିଖୋଲ ସମେତ କର୍ନାଟକର ପାଦୁର ଏବଂ ଆନ୍ଧ୍ରପ୍ରଦେଶର ମାଙ୍ଗାଲୋରଠାରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାରର ପ୍ରକଳ୍ପ ପରିକଳ୍ପନା କରାଯାଇଥିଲା। ୨୦୧୭-୧୮ ବର୍ଷର ସାଧାରଣ ବଜେଟରେ ଏନେଇ ସ୍ଥାନ ପାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ତୈଳ ଭଣ୍ଡାର ନିର୍ମାଣ ପାଇଁ ଆବଶ୍ୟକ ୪୦୦ ଏକର ଜମି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ଡଙ୍କାରୀରେ କଳାପଥର ଉତ୍ତୋଳନକୁ ନେଇ ବାଦବିବାଦ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହେଲେ ପଥର ଖାଦାନରୁ ଆଦାୟ ହେଉଥିବା ବାର୍ଷିକ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ ହୋଇଥିଲା। ତେଣୁ ଜମି ଯୋଗାଇ ଦେବାରେ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳରେ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ବହୁ ବିଳମ୍ବ ହେଲା। ଅନ୍ୟପକ୍ଷେ ସମାନ ସମୟରେ ଘୋଷଣା ହୋଇଥିବା ପାଦୁର ଓ ମାଙ୍ଗାଲୋର କାର୍ଯ୍ୟ ଆରମ୍ଭ ହୋଇଯାଇଥିବାର ସୂଚନା ମିଳିଛି। ଏହିକ୍ରମରେ କେନ୍ଦ୍ର ସରକାରଙ୍କ ଆଇଏସ୍‌ପିଆର୍‌ଏଲ୍ ଯାଜପୁର ଜିଲା ପ୍ରଶାସନକୁ ଏକ ରିପୋର୍ଟ ପ୍ରଦାନ କରି ତୈଳ ଭଣ୍ଡାର ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ୪୦୦ ଏକର ଜମିରେ ପରିକଳ୍ପିତ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଭୂଗର୍ଭରେ ହେଉଥିବାରୁ ୧୦ ବର୍ଗ କି.ମି.ପରିମିତ ବିଶିଷ୍ଟ ଡଙ୍କାରୀ ପାହାଡ଼ର ମାତ୍ର ୧୫ ପ୍ରତିଶତ ଅଞ୍ଚଳ ଅନ୍ତର୍ଭୁକ୍ତ ହେବ ବୋଲି ରିପୋର୍ଟରେ ସ୍ଥାନ ପାଇଥିଲା। କୌଣସି ଗ୍ରାମବାସୀ ଏଥିରେ ପ୍ରଭାବିତ ହେବେ ନାହିଁ। ପ୍ରଦୂଷଣର କୌଣସି ଆଶଙ୍କା ନାହିଁ। ଏହାବାଦ୍ ଯେଉଁଠାରେ ଏଭଳି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ସେଠାକୁ ଯାଜପୁର ଜିଲାର ଏକ ପରିଦର୍ଶନ ଟିମ ଗସ୍ତ କରିବେ ବୋଲି ଭାରତୀୟ ତୈଳ ନିଗମ ଲିଃ(ଆଇଓସିଏଲ)ର ତତ୍କାଳୀନ ସିଇଓ ଅଜୟ ଦାସରା ସେତେବେଳେ ପ୍ରକାଶ କରିଥିଲେ। କିନ୍ତୁ ପଥର ମାଫିଆ ଏବଂ ଏଥିରେ ସଂପୃକ୍ତ କେତେକ ରାଜନେତାଙ୍କ ସ୍ୱାର୍ଥକୁ ସେତେବେଳେ ଅଧିକ ଗୁରୁତ୍ୱ ଦିଆଗଲା ବୋଲି ଚର୍ଚ୍ଚା ଜୋର ଧରିଥିଲା। ଏହାବାଦ୍ ଆଇଓସିଏଲ ସିଇଓ ଦାସରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡଙ୍କାରୀ ଗସ୍ତ କରି ପୂର୍ବରୁ ଚିହ୍ନଟ ହୋଇଥିବା ଜମି ଅନୁଧ୍ୟାନ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଜମି ଯୋଗାଇବାରେ ବିଳମ୍ବ ହେବାରୁ ପ୍ରକଳ୍ପ କାର୍ଯ୍ୟ ଅଟକି ରହିଥିଲା। ଜରୁରିକାଳୀନ ସମୟରେ ପେଟ୍ରୋଲିୟମ ଦ୍ରବ୍ୟ ଯୋଗାଇ ଦେବାକୁ ଉକ୍ତ ସଂରକ୍ଷଣ ଭଣ୍ଡାରର ନିର୍ମାଣ ଯୋଜନା ଥିଲା। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ଏହି ଐତିହାସିକ ପ୍ରସ୍ତାବକୁ ସବୁ ମହଲରୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ମୁଖ୍ୟ ଶାସନ ସଚିବ ତାଙ୍କ ପତ୍ରସଂଖ୍ୟା ୦୦୦୬୩-ସିଏସପିଜି/୨୦।୩।୨୦୧୮ରେ ପ୍ରସ୍ତାବିତ ସ୍ଥାନ ଓ ଏହାର ଆଖପାଖରେ ଚାଲିଥିବା ପଥର ଖାଦାନଗୁଡିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଧର୍ମଶାଳା ତହସିଲଦାର ତାଙ୍କ ପତ୍ରସଂଖ୍ୟା ୧୧୮୬/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ସମସ୍ତ ପଥର ଖାଦାନକୁ ବନ୍ଦ କରିବାକୁ ଯାଜପୁର ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ପଥର ଖାଦାନ ଲିଜ୍ ଦେବାକୁ ପରିବେଶ ମଞ୍ଜୁରୀ ସକାଶେ ଜନଶୁଣାଣି କାର୍ଯ୍ୟକ୍ରମକୁ ତହସିଲ ପ୍ରଶାସନ ପକ୍ଷରୁ ସେତେବେଳେ ଗୁରୁତ୍ୱ ଦିଆଯାଇଥିଲା। ଜମି ଯୋଗାଇ ଦେବା ବଦଳରେ ଖାଦାନଗୁଡିକୁ ଗୁରୁତ୍ୱ ଦେଉଥିବା ଅଭିଯୋଗ କରି ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟ ଓ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ହେଁ ପ୍ରାୟ ୫୦୦ ଲୋକ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇଥାନ୍ତେ ବୋଲି ସେତେବେଳେ ଆଶା କରାଯାଇଥିଲା। ହେଲେ କଳାପଥରର କଳା ଟଙ୍କାରେ ଏହି ବିକାଶମୁଖୀ ପ୍ରକଳ୍ପ ଅଟକି ରହିଗଲା ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ପ୍ରତିରକ୍ଷା ବଜେଟ ୭.୨% ବଢ଼ାଇଲା ଚାଇନା

**ବେଜିଂ,୫।୩:** ତାଇୱାନ, ଦକ୍ଷିଣ ଚାଇନା ସାଗର ଏବଂ ଭାରତ ସମେତ ସୀମାନ୍ତ ଦେଶଗୁଡ଼ିକ ସହ ଚାଇନାର ଉତ୍ତେଜନା ଲାଗିରହିଥିବାବେଳେ ଆମେରିକା ସହ ବିବାଦ ବଢ଼ୁଛି। ଏହି ପରିପ୍ରେକ୍ଷୀରେ ଚାଇନା ଏହାର ସୈନ୍ୟବାହିନୀର ବ୍ୟାପକ ଆଧୁନିକୀକରଣ ପାଇଁ ମଙ୍ଗଳବାର ପ୍ରତିରକ୍ଷା ବଜେଟ ୭.୨ ପ୍ରତିଶତ ବଢ଼ାଇଛି। ଫଳରେ ଏହାର ପ୍ରତିରକ୍ଷା ବ୍ୟୟବରାଦ ୨୩୨ ବିଲିୟନ ଡଲାରରେ ପହଞ୍ଚିଛି, ଯାହାକି ଭାରତର ୩ ଗୁଣା। ଚଳିତ ବର୍ଷ ଭାରତର ପ୍ରତିରକ୍ଷା ବ୍ୟୟବରାଦ ୬,୨୧,୫୪୧ କୋଟି ଟଙ୍କା (୭୪.୮ ବିଲିୟନ ଡଲାର) ରହିଛି। ଆମେରିକା ପରେ ଚାଇନା ପ୍ରତିରକ୍ଷା କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ ବ୍ୟୟ କରିଥାଏ। ଆମେରିକାର ପ୍ରତିରକ୍ଷା ବଜେଟ ପରିମାଣ ଗତବର୍ଷ ୮୮୬ ବିଲିୟନ ଡଲାର ରହିଥିଲା। ଚାଇନାର ପ୍ରତିରକ୍ଷା ବଜେଟ ଗତବର୍ଷ ୭.୨ ପ୍ରତିଶତ ବଢ଼ି ୨୨୫ ବିଲିୟନ ଡଲାର ହୋଇଥିଲା।

**ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ**

### ୨୩ କର୍ମଚାରୀଙ୍କୁ ଉଦ୍ଧାର କଲା ଭାରତୀୟ ନୌସେନା

**ନୂଆଦିଲ୍ଲୀ,୫।୩:** ଆଡେନ୍ ଉପସାଗରରେ ଏକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହୋଇଛି। ଭାରତୀୟ ନୌସେନାର ଆଇଏନ୍ଏସ୍ କୋଲକାତାରେ ଥିବା ସ୍ୱତନ୍ତ୍ର ଅଗ୍ନିଶମ ଟିମ୍ ପହଞ୍ଚି ୨୩ କର୍ମଚାରୀଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣ ହେଉଛନ୍ତି ଭାରତୀୟ। ନୌସେନା ସୂଚନା ଅନୁଯାୟୀ ଲାଇବେରିଆର ବ୍ୟବସାୟିକ ଜାହାଜ ଏମ୍ଏସ୍‌ସିସ୍କାଏ-୨ ଉପରେ ସୋମବାର ଡ୍ରୋନ ଆକ୍ରମଣରୁ ନିଆଁ ଲାଗିଯାଇଥିଲା। ଉକ୍ତ ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ଅପରେଶନରେ ନିୟୋଜିତ ଥିବା ନୌସେନାର ଆଇଏନ୍ଏସ୍ କୋଲକାତା ଯୁଦ୍ଧଜାହାଜ ତୁରନ୍ତ ସେଠାରେ ପହଞ୍ଚି ନିଆଁ ଲିଭାଇବା ସହ କର୍ମଚାରୀମାନଙ୍କୁ ଉଦ୍ଧାର କରିଥିଲା।

### ବିମାନ ଦୁର୍ଘଟଣାରେ ୫ ମୃତ

**ନାଶଭିଲେ,୫।୩:** ଆମେରିକାର ଟେନେସି ରାଜ୍ୟ ଅନ୍ତର୍ଗତ ନାଶଭିଲେରେ ଏକ ସିଙ୍ଗଲ ଇଞ୍ଜିନ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଆନ୍ତଃରାଜ୍ୟ ରାଜପଥ ନିକଟରେ ଏହି ଦୁର୍ଘଟଣା ଘଟିଛି। ଇଞ୍ଜିନ୍‌ରେ ସମସ୍ୟା ଥିବା ନେଇ ପାଇଲଟ୍ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଜରୁରୀ ଅବତରଣ ଅନୁମତି ମିଳିଥିଲା। ବିମାନଟି ଏୟାରପୋର୍ଟରେ ପହଞ୍ଚି ପାରୁ ନ ଥିବା କିଛି ସମୟ ପରେ ପାଇଲଟ ଜଣାଇଥିଲେ। ଏହା ବିମାନବନ୍ଦରଠାରୁ ୪.୮ କିଲୋମିଟର ଦୂରରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା।

### ଭାଜପାରେ ଯୋଗଦେବେ ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ

**ନୂଆଦିଲ୍ଲୀ,୫।୩:** କାଲ୍‌କାଟା ହାଇକୋର୍ଟରେ ବିଚାରପତି ଜଷ୍ଟିସ୍ ଅଭିଜିତ ଗଙ୍ଗୋପାଧ୍ୟାୟ ମଙ୍ଗଳବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ଗୁରୁବାର ଅପରାହ୍ନରେ ଭାଜପାରେ ଯୋଗଦେବେ ବୋଲି କହିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ତୃଣମୂଳ କଂଗ୍ରେସ ଦୁର୍ନୀତିଗ୍ରସ୍ତ। ମୋଦି କଠିନ ପରିଶ୍ରମୀ ଓ ସେ ଦେଶ ପାଇଁ କିଛି କରିବାକୁ ଉଦ୍ୟମ ଜାରି ରଖିଥିବାରୁ ରାଜନୀତିରେ ପ୍ରବେଶ ପାଇଁ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଜଷ୍ଟିସ୍ ଗଙ୍ଗୋପାଧ୍ୟାୟ କହିଛନ୍ତି। ସେ ତାମଲୁକ୍ ଆସନରୁ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

### ଜେଲରେ କଟ୍ଟରପନ୍ଥୀ ପାଠ: ୭ ରାଜ୍ୟରେ ଏନ୍ଆଇଏ ଚଢ଼ାଉ

**ନୂଆଦିଲ୍ଲୀ,୫।୩:** ଲଶ୍କର ଆତଙ୍କବାଦୀ ବେଙ୍ଗାଲୁରୁର ଏକ ଜେଲରେ ବନ୍ଦୀମାନଙ୍କୁ କଟ୍ଟରପନ୍ଥୀ କରିବା ମାମଲାରେ ଏନ୍ଆଇଏ ୭ ରାଜ୍ୟର ୧୭ଟି ସ୍ଥାନରେ ଚଢ଼ାଉ କରିଛି। ଜାନୁଆରୀରେ ଏନ୍ଆଇଏ ୮ ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିଲା। ସେମାନଙ୍କ ମଧ୍ୟରେ କେରଳ କନ୍ନୁର ଅଞ୍ଚଳର ଟି. ନାସିର, ଜୁନୈଦ ଅହମଦ ଏବଂ ସଲମାନ୍ ଖାନ୍ ରହିଛନ୍ତି। ନାସିର ବେଙ୍ଗାଲୁରୁ କେନ୍ଦ୍ରୀୟ ଜେଲରେ ୨୦୧୩ରୁ ଆଜୀବନ ଜେଲଦଣ୍ଡ ଭୋଗୁଥିବାବେଳେ ଜୁନୈଦ ଏବଂ ସଲମାନ ମଧ୍ୟ ସେଠାରେ ରହି ଅନ୍ୟମାନଙ୍କୁ କଟ୍ଟରପନ୍ଥୀ କରାଇବାକୁ ଉଦ୍ୟମ ଚଳାଇଥିଲେ।

# ସିବିଆଇକୁ ସନ୍ଦେଶଖାଳି ମାମଲା ଭାର

**କୋଲକାତା,୫।୩**


ଶାଜହାନ ଶେଖ୍

- ଶାଜହାନଙ୍କ ସମ୍ପତ୍ତି ଜବତ କଲା ଇଡି
- ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସିବିଆଇକୁ ହସ୍ତାନ୍ତର କଲାନି ପୋଲିସ
- ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ପଶ୍ଚିମବଙ୍ଗ ସରକାର

ପଶ୍ଚିମବଙ୍ଗର ସନ୍ଦେଶଖାଳିରେ ଇଡ଼ି ଅଧିକାରୀଙ୍କୁ ଆକ୍ରମଣ ମାମଲାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ କାଲ୍‌କାଟା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ତଥା ଆଦିବାସୀ ମହିଳାଙ୍କୁ ଯୌନ ନିର୍ଯାତନା, ଜମି ହଡ଼ପ ଏବଂ ଜବରଦସ୍ତ ଚାନ୍ଦା ଆଦାୟ ମାମଲାରେ ସମ୍ପୃକ୍ତ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପୂର୍ବତନ ବାହୁବଳୀ ନେତା ଶାଜହାନ ଶେଖ୍‌ଙ୍କୁ ତୁରନ୍ତ ସିବିଆଇକୁ ହସ୍ତାନ୍ତର କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହାଇକୋର୍ଟଙ୍କ ଏହି ରାୟକୁ ପଶ୍ଚିମବଙ୍ଗ ସରକାର ତୁରନ୍ତ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ତେବେ ହାଇକୋର୍ଟ ମାମଲାର ତ୍ୱରିତ୍ ଶୁଣାଣି କରିବାକୁ ମନା କରିଦେଇଥିବା ଜଣାପଡ଼ିଛି। ରାଜ୍ୟ ସରକାର ସୁପ୍ରିମକୋର୍ଟ ଯାଇଥିବାରୁ ଶାଜହାନଙ୍କୁ ସିବିଆଇକୁ ହସ୍ତାନ୍ତର କରିବାକୁ ପଶ୍ଚିମବଙ୍ଗ ସିଆଇଡି ମନା କରିଦେଇଛି। ଇତିମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିଏମ୍‌ସିର ନିଲମ୍ବିତ ନେତା ଶାଜହାନଙ୍କର ଜମି, ଆପାର୍ଟମେଣ୍ଟ ସମେତ ୧୨.୭୮ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତି କରିଛି। ତାଙ୍କର ଦୁଇଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଜବତ ହୋଇଛି।

ସନ୍ଦେଶଖାଳି ମାମଲାର ତଦନ୍ତ ପାଇଁ ସିବିଆଇ ଏବଂ ରାଜ୍ୟ ପୋଲିସକୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ମୁଖ୍ୟ ବିଚାରପତି ଟି.ଏସ୍. ଶିବଜ୍ଞାନମ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇ ମାମଲା ସିବିଆଇକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ରାୟକୁ ଉଭୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। କେବଳ ସିବିଆଇ ଦ୍ୱାରା ମାମଲାର ତଦନ୍ତ କରାଯିବାକୁ ଇଡି ଦାବି କରିଥିବାବେଳେ ପୋଲିସ ତଦନ୍ତ କରୁ ବୋଲି ରାଜ୍ୟ ସରକାର ଚାହୁଁଥିଲେ।

ଗତ ଜାନୁଆରୀ ୫ରେ ଇଡି ଅଧିକାରୀମାନେ ଚଢ଼ାଉ କରିବାକୁ ଯାଇଥିବାବେଳେ ଶାଜହାନଙ୍କ ସମର୍ଥକମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହା ପରଠାରୁ ଶାଜହାନ ଫେରାର ହୋଇଯାଇଥିଲେ। ୫୫ ଦିନ ପରେ ସ୍ୱତନ୍ତ୍ର ପୋଲିସ ଟିମ୍ ତାଙ୍କୁ ଗିରଫ କରିବା ପରେ ଟିଏମ୍‌ସି ତାଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବନ କରିଛି।

### ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଏନ୍‌ସିଡବ୍ଲ୍ୟୁର ସୁପାରିସ

**ନୂଆଦିଲ୍ଲୀ,୫।୩ (ପି.ଟି.)**

ସନ୍ଦେଶଖାଳି ହିଂସା ଘଟଣାକୁ ନେଇ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ରାଷ୍ଟ୍ରପତିଙ୍କୁ ସୁପାରିସ କରିଛନ୍ତି। ସେ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ପୂର୍ବରୁ ଜାତୀୟ ଅନୁସୂଚିତ ଜାତି ଆୟୋଗ (ଏନ୍‌ସିଏସ୍‌ସି) ମଧ୍ୟ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ପାଇଁ ସୁପାରିସ କରିଥିଲା। ଏବେ ମଧ୍ୟ ସନ୍ଦେଶଖାଳି ସ୍ଥିତି ଗମ୍ଭୀର ରହିଛି। ପୂର୍ବରୁ ରାଜ୍ୟରେ ଅନେକ ହିଂସାକାଣ୍ଡ ଘଟିଥିଲେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେଥିପାଇଁ ସେଠାରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ଏନ୍‌ସିଡବ୍ଲ୍ୟୁ ସୁପାରିସ କରିଥିବା ଶର୍ମା କହିଛନ୍ତି।

# 'ଭାରତ କେବେ ଦେଶ ନ ଥିଲା'

**ଚେନ୍ନାଇ,୫।୩**

**ବିବାଦୀୟ ମନ୍ତବ୍ୟ ପରେ ଏ. ରାଜାଙ୍କ ଗିରଫ ଦାବିକଲା ଭାଜପା**



ଭାରତ କଦାପି ଏକ ଦେଶ ନ ଥିଲା, ବରଂ ଏହା ଏକ ଉପମହାଦେଶ ଯେଉଁଠି ବିବିଧ ପ୍ରଥା ଓ ସଂସ୍କୃତି ରହିଛି ବୋଲି ଡିଏମ୍‌କେ ନେତା ଏ. ରାଜା କହିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଡିଏମ୍‌କେ ନେତାଙ୍କ ଏଭଳି ମନ୍ତବ୍ୟକୁ ଭାଜପା କଡ଼ା ନିନ୍ଦା କରିଛି। ଦେଶକୁ ଭାଗଭାଗ କରିବା ପାଇଁ ଏହା ଏକ ଆହ୍ୱାନ ବୋଲି ଭାଜପା କହିଛି। ସହଯୋଗୀ ଦଳ କଂଗ୍ରେସ ମଧ୍ୟ ଡିଏମ୍‌କେ ନେତାଙ୍କ ବିବାଦୀୟ ମନ୍ତବ୍ୟକୁ ନିନ୍ଦା କରିଛି। ଜଣେ ମନ୍ତବ୍ୟ ଦେବାବେଳେ ସଂଯମ ହେବା ଆବଶ୍ୟକ। ରାଜାଙ୍କ ମନ୍ତବ୍ୟ ସହ କଂଗ୍ରେସ ଶତ ପ୍ରତିଶତ ସହମତ ନୁହେଁ ବୋଲି ଦଳର ମୁଖପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏକ ଦଳୀୟ ସଭାକୁ ସମ୍ବୋଧନ କଲାବେଳେ ଭାରତ କଦାପି ଗୋଟିଏ ଦେଶ ନ ଥିଲା ବୋଲି କହିଥିଲେ। କାରଣ ଗୋଟିଏ ଦେଶରେ ଗୋଟିଏ ଭାଷା, ଗୋଟିଏ ପରମ୍ପରା ଓ ସଂସ୍କୃତି ରହିଥାଏ। ଏଠାରେ ବହୁବିଧ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି। ଏଠାରେ ତାମିଲ ଗୋଟିଏ ଭାଷା, ଗୋଟିଏ ରାଷ୍ଟ୍ର ଓ ଗୋଟିଏ ଦେଶ। ମାଲାୟାଲମ ଗୋଟିଏ ଭାଷା, ଗୋଟିଏ ରାଷ୍ଟ୍ର ଓ ଗୋଟିଏ ଦେଶ। ଓଡ଼ିଆ ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା ଓ ଗୋଟିଏ ଦେଶ। ଏହି ସମସ୍ତ ରାଷ୍ଟ୍ରୀୟ ଜାତିକୁ ନେଇ ଭାରତ ଗଠିତ। ତେଣୁ ଭାରତ ଏକ ଉପମହାଦେଶ ବୋଲି ରାଜା କହିଥିଲେ। ଏଥିସହ ସେ ଭଗବାନ ରାମ ଏବଂ ରାମାୟଣ ଉପରେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଥିଲେ, ଯାହା ଭାଇରାଲ ହୋଇଛି। ୨୦୨୨ ଅଗଷ୍ଟରେ ବିଲ୍‌କିସ୍ ବାନୋ ମାମଲାର ଅପରାଧୀମାନଙ୍କୁ ଜେଲରୁ ମୁକ୍ତ କରିଦିଆଯିବା ବେଳେ ସମର୍ଥକମାନେ 'ଜୟ ଶ୍ରୀରାମ' କହିଥିଲେ। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରିଦେବା ସହ ତୁରନ୍ତ ଅପରାଧୀମାନେ ଜେଲକୁ ଫେରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବୋଲି ରାଜା ଦଳୀୟ ସଭାରେ କହିଥିଲେ।


ରାଷ୍ଟ୍ରପତି ଭବନସ୍ଥିତ ଅମୃତ ଉଦ୍ୟାନରେ ମଙ୍ଗଳବାର ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଓ ତାଙ୍କ ସ୍ତ୍ରୀ କଳ୍ପନା ଦାସ ସେଲ୍‌ଫି ନେଉଛନ୍ତି।

# ସିଏଏକୁ ବିରୋଧ: ମୋଦିଙ୍କୁ ଭେଟିବେ ଆସାମ ବିରୋଧୀ ଦଳ

**ଗୁଆହାଟୀ,୫।୩**

ଆସାମରେ ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ ହେଲେ ଅସ୍ଥିରତା ସୃଷ୍ଟି ହେବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଅବଗତ କରାଇବା ପାଇଁ ସେମାନେ ଅନୁମତି ଲୋଡ଼ିଛନ୍ତି। ଚଳିତ ସପ୍ତାହରେ ମୋଦି ଆସାମ ଗସ୍ତରେ ଆସୁଥିବାରୁ ବିରୋଧୀ ନେତାମାନେ ତାଙ୍କୁ ଭେଟିବାକୁ ଚାହାନ୍ତି ବୋଲି ରାଜ୍ୟ କଂଗ୍ରେସ ସଭାପତି ଭୁପେନ୍ ବୋରା ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି। ବୋରା ୟୁନାଇଟେଡ୍ ଅପୋଜିଶନ ଫୋରମ୍ ଅଫ୍ ଆସାମ (ୟୁଓଏଫ୍ଏ)ର ଅଧ୍ୟକ୍ଷ ଅଛନ୍ତି। ଏହି ସଂଗଠନ ୧୬ଟି ବିରୋଧୀ ଦଳର ପ୍ରତିନିଧିତ୍ୱ କରୁଛି। ସିଏଏ ଅସମୀୟାମାନଙ୍କ ସଂସ୍କୃତି, ଇତିହାସ, ସାମାଜିକ-ଆର୍ଥିକ ସ୍ଥିତି, ସାମାଜିକ ସମ୍ପର୍କ ଏବଂ ପରିଚୟ ପ୍ରତି ବିପଦ ସୃଷ୍ଟି କରିବ ବୋଲି ରାଜ୍ୟବାସୀଙ୍କର ଧାରଣା ରହିଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ସିଏଏ ଲାଗୁ ହେଲେ ଐତିହାସିକ ଆସାମ ଚୁକ୍ତିନାମ, ୧୯୮୫ ଅକାମୀ ହୋଇଯିବ ବୋଲି ଏଥିରେ କୁହାଯାଇଛି।

# ହାଇକୋର୍ଟରେ ସାଇବାବା ଦୋଷମୁକ୍ତ

**ନାଗପୁର,୫।୩**

**ମାଓବାଦୀ ଲିଙ୍କ୍ ମାମଲା**



ମାଓବାଦୀ ଲିଙ୍କ୍ ମାମଲାରେ ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)ର ପୂର୍ବତନ ପ୍ରଫେସର ଜି.ଏନ୍. ସାଇବାବାଙ୍କୁ ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ ମଙ୍ଗଳବାର ଦୋଷମୁକ୍ତ କରିଛନ୍ତି। ତାଙ୍କ ଉପରେ ହୋଇଥିବା ଆଜୀବନ ଜେଲଦଣ୍ଡାଦେଶକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ବିନୟ ଜୋଷୀ ଏବଂ ବାଲ୍ମୀକି ଏସ୍.ଏ. ମେନେଜେସ୍‌ଙ୍କ ଖଣ୍ଡପୀଠ ଏହି ମାମଲାରେ ଅନ୍ୟ ୫ ଜଣଙ୍କୁ ମଧ୍ୟ ଦୋଷମୁକ୍ତ କରିଛନ୍ତି। ସେମାନଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ କରିବାରେ ତଦନ୍ତକାରୀ ସଂସ୍ଥା ଆବଶ୍ୟକ ତଥ୍ୟ ପ୍ରମାଣ ଦାଖଲ କରିପାରି ନ ଥିବାରୁ ସେମାନଙ୍କୁ ମୁକ୍ତ କରାଯାଇଛି। ହାଇକୋର୍ଟଙ୍କ ରାୟ ବିରୋଧରେ ତଦନ୍ତକାରୀ ସଂସ୍ଥା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କହିଛି। ୨୦୨୨ ଅକ୍ଟୋବର ୧୪ରେ ହାଇକୋର୍ଟ ସାଇବାବାଙ୍କୁ ଦୋଷମୁକ୍ତ କରିଥିଲେ ମଧ୍ୟ ମହାରାଷ୍ଟ୍ର ସରକାର ଏହାକୁ ଚ୍ୟାଲେଞ୍ଜ କରିବାରୁ ସାନି ବିଚାର ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ସୁପ୍ରିମକୋର୍ଟ ଗଲେ ହିମାଚଳର ଅଯୋଗ୍ୟ ଘୋଷିତ ୬ ବିଧାୟକ

**ସିମଲା, ୫।୩ (ପି.ଟି)**

ରାଜ୍ୟ ସଭା ନିର୍ବାଚନରେ କ୍ରସ ଭୋଟିଂ କରି ଅଯୋଗ୍ୟ ଘୋଷିତ ହୋଇଥିବା ହିମାଚଳ ପ୍ରଦେଶର ୬ କଂଗ୍ରେସ ବିଧାୟକ ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ମାସ ୨୯ରେ ବାଚସ୍ପତି କୁଳଦୀପ ସିଂ ପଠାନିଆଙ୍କ ନିଷ୍ପତ୍ତି ବିରୋଧରେ ଏହି ବିଧାୟକମାନେ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଆବେଦନ କରିଛନ୍ତି। ଏହି ୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ହିମାଚଳ ପ୍ରଦେଶ ବିଧାନସଭାରେ ସଦସ୍ୟ ସଂଖ୍ୟା ୬୮ରୁ କମି ୬୨ ହେବା ସହ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୪୦ରୁ କମି ୩୪ ହୋଇଛି।

# ବେଙ୍ଗାଲୁରୁରେ ବଡ଼ ବିସ୍ଫୋରଣ ଧମକ

**ବେଙ୍ଗାଲୁରୁ, ୫।୩**

**କର୍ଣ୍ଣାଟକ ସରକାରଙ୍କୁ ଇମେଲ୍**

କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନକୁ ବୋମାରେ ଉଡ଼ାଇଦେବା ନେଇ ମଙ୍ଗଳବାର କର୍ଣ୍ଣାଟକ ସରକାରଙ୍କୁ ଇମେଲ୍ ଯୋଗେ ଧମକ ମିଳିଛି। ଆସନ୍ତା ମାର୍ଚ୍ଚ ୯ (ଶନିବାର) ବେଙ୍ଗାଲୁରୁର ବିଭିନ୍ନ ସ୍ଥାନକୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଏହି ଧମକରେ କୁହାଯାଇଛି। ଶାହିଦ ଖାନ୍ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଆସିଥିବା ଏହି ଇମେଲ୍‌ରେ ଶନିବାର ଅପରାହ୍ନ ୨ଟା ୪୮ରେ ସହରର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟିବ ବୋଲି ଧମକ ମିଳିଛି। ବସ୍, ଟ୍ରେନ, ମନ୍ଦିର, ହୋଟେଲ ସହ ବିଭିନ୍ନ ଉତ୍ସବରେ ବୋମା ଖଞ୍ଜାଯିବା ସହ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା, ଉପ ମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର, ଗୃହମନ୍ତ୍ରୀ ଓ ବେଙ୍ଗାଲୁରୁର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଟାର୍ଗେଟ କରାଯିବ ବୋଲି ଏହି ଇମେଲରେ ଧମକ ଦିଆଯାଇଛି। ଏହି ବୋମା ବିସ୍ଫୋରଣରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାରଙ୍କୁ ୨୦ କୋଟି ଟଙ୍କାର ଦାବି ମଧ୍ୟ ଏହି ଇମେଲ ଜରିଆରେ କରାଯାଇଛି। ଏହି ଇମେଲ୍ ସାମ୍ନାକୁ ଆସିବା ପରେ ବେଙ୍ଗାଲୁରୁ ସାଇବର ପୋଲିସ ନିଜଆଡୁ ମାମଲା ରୁଜୁକରି ଯାଞ୍ଚ ଆରମ୍ଭ କରିଛି। ଆଇପି ଠିକଣା ଦ୍ୱାରା ଏହି ଧମକଭରା ଇମେଲ୍‌କୁ ପଠାଇଥିବା ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସାଇବର ପୋଲିସ ପକ୍ଷରୁ କୁହାଯାଇଛି।

# ଶିବକୁମାରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ଖାରଜ

**ନୂଆଦିଲ୍ଲୀ,୫।୩**

କଂଗ୍ରେସ ନେତା ତଥା କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ଥିବା ୨୦୧୮ର ମନିଲଣ୍ଡରିଂ ମାମଲାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଫଳରେ ଲୋକ ସଭା ନିର୍ବାଚନ ପୂର୍ବରୁ ଶିବକୁମାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। କୋଟି କୋଟି ଟଙ୍କାର ଟିକସ ଫାଙ୍କି ଏବଂ ହାୱାଲା କାରବାର ଅଭିଯୋଗ ଆଧାରରେ ତାଙ୍କ ନାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମନିଲଣ୍ଡରିଂ ମାମଲା ରୁଜୁ କରିଥିଲା। ଏହି ମାମଲାରେ ୨୦୧୯ ସେପ୍ଟେମ୍ବରରେ ଶିବକୁମାର ଗିରଫ ହୋଇଥିଲେ। ପର ମାସରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଶିବକୁମାର ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଥିଲେ।

# କେନ୍ଦ୍ରର ସମାଲୋଚନା ପରେ ଗୁଗଲ୍‌ର ୟୁ-ଟର୍ନ

**ନୂଆଦିଲ୍ଲୀ,୫।୩**

**ଭାରତୀୟ ଆପ୍ ପୁନଃ ତାଲିକାଭୁକ୍ତ**

ବିଲିଂ ବିବାଦ ପରେ ଗୁଗଲ ଏହାର ଷ୍ଟୋରରୁ ଭାରତୀୟ ଆପ୍‌ଗୁଡ଼ିକୁ ଡିଲିଟ୍ କରିଦେଇଥିବାବେଳେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଏବଂ ସ୍ଥାନୀୟ ଇଣ୍ଟରନେଟ୍ ଷ୍ଟାର୍ଟଅପଗୁଡ଼ିକର ସମାଲୋଚନା ପରେ ମତ ବଦଳାଇଛି। ସମ୍ପୃକ୍ତ ଆପ୍‌ଗୁଡ଼ିକୁ ପୁନଃ ତାଲିକାଭୁକ୍ତ କରାଯିବ ବୋଲି କମ୍ପାନୀ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ସେବା ଦେୟ ପୈଠ ନିୟମାବଳୀକୁ ଅନୁପାଳନ କରାଯାଉ ନ ଥିବାରୁ ଆମେରିକୀୟ କମ୍ପାନୀ ଶୁକ୍ରବାର ମାଟ୍ରିମୋନି ଡଟ୍ କମ୍ ସମେତ ଶତାଧିକ ଭାରତୀୟ ଆପ୍‌କୁ ହଟାଇଦେଇଥିଲା। ଏନେଇ ଆବେଦନ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ସହଯୋଗ ମନୋବୃତ୍ତିରେ ଡେଭେଲପରମାନଙ୍କର ଆପ୍‌କୁ ସାମୟିକ ଭାବେ ପୁନଃସ୍ଥାପିତ କରାଗଲା ବୋଲି ଗୁଗଲ ଏକ ବିବୃତିରେ କହିଛି। ଗୁଗଲ ଇଣ୍ଡିଆ ମୁଖ୍ୟ ସଞ୍ଜୟ ଗୁପ୍ତା ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ମଧ୍ୟରେ ଗୁରୁବାର ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଆପ୍‌କୁ ହଟାଇ ଦିଆଯିବାରୁ ଭାରତୀୟ କମ୍ପାନୀଗୁଡ଼ିକ ଏହାର ସମାଲୋଚନା କରିଥିଲେ। ଇନ୍-ଆପ୍ ପେମେଣ୍ଟରେ ଗୁଗଲ ୧୧ରୁ ୨୬% ଦେୟ ଲଗାଇଥିବାରୁ ଏହାକୁ ନେଇ ଅଧିକାଂଶ ଭାରତୀୟ ଷ୍ଟାର୍ଟଅପ୍‌ଙ୍କ ସହ ଏହାର ବିବାଦ ଲାଗିରହିଛି। ଷ୍ଟାର୍ଟଅପ୍‌ମାନେ ଗୁଗଲ୍‌ର ଏହି ନୀତିକୁ ସୁପ୍ରିମକୋର୍ଟ ସମେତ ବିଭିନ୍ନ ଅଦାଲତରେ ଚ୍ୟାଲେଞ୍ଜ କରିଛନ୍ତି।

**ଆଜି ଉଦ୍‌ଘାଟନ ହେବ**

# ଦେଶର ପ୍ରଥମ ଭୂତଳ ଜଳ ମେଟ୍ରୋ

**କୋଲକାତା, ୫।୩**



**ଦୈନିକ ଯାତାୟାତ କରିବେ ପ୍ରାୟ ୭ ଲକ୍ଷ ଯାତ୍ରୀ**

ଦେଶର ପ୍ରଥମ ଭୂତଳ ଜଳ ମେଟ୍ରୋ ଟ୍ରେନ୍‌କୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଲକାତାରେ ଉଦଘାଟନ କରିବେ। କୋଲକାତାର ହୁଗୁଳି ନଦୀ ତଳେ ଏହି ଭୂତଳ ଜଳ ମେଟ୍ରୋ ଟନେଲର ନିର୍ମାଣ କରାଯାଇଛି। ଏହି ମେଟ୍ରୋ ଟ୍ରେନ୍ ସହରର ହାଓଡା ମୈଦାନଠାରୁ ଏସ୍‌ପ୍ଲାନେଡ୍ ସେକ୍ସନ ପର୍ଯ୍ୟନ୍ତ ଯାତାୟାତ କରିବ। ହୁଗୁଳି ନଦୀ ତଳେ ଭୂତଳ ଜଳ ମେଟ୍ରୋ ଟ୍ରେନ୍ ଗତି କରି କୋଲକାତା ଓ ହାଓଡା ସହରକୁ ସଂଯୋଗ କରିବ। ୧୬.୫ କିଲୋମିଟରର ଲମ୍ବା ଏହି ମେଟ୍ରୋ ଲାଇନ ହୁଗୁଳିର ପଶ୍ଚିମ କୂଳଠାରୁ ହାଓଡାର ପୂର୍ବ କୂଳକୁ ସଂଯୋଗ କରୁଛି। ଏଥିମଧ୍ୟରୁ ୧୦.୮ କିମି ଭୂତଳ ଭାବେ ଏହି ମେଟ୍ରୋ ଟ୍ରେନ୍ ଗତି କରିବ। ହୁଗୁଳି ନଦୀର ୩୨ ମିଟର ତଳେ ଏହି ମେଟ୍ରୋ ଟ୍ରେନ ଯାତାୟାତ କରିବ। ଭାରତର କୌଣସି ନଦୀ ତଳେ ନିର୍ମାଣ ହୋଇଥିବା ଏହା ହେଉଛି ପ୍ରଥମ ପରିବହନ ଟନେଲ। ହୁଗୁଳି ନଦୀ ତଳେ ଏହି ମେଟ୍ରୋ ଟ୍ରେନ୍ ୫୨୦ ମିଟରର ଦୂରତା ମାତ୍ର ୪୫ ସେକେଣ୍ଡରେ ଅତିକ୍ରମ କରିବ। ସେହିପରି ଏହି ମେଟ୍ରୋ ଟ୍ରେନ୍ ୪ଟି ଭୂତଳ ଷ୍ଟେଶନ୍ ଦେଇ ଅତିକ୍ରମ କରିବ। ଏଗୁଡ଼ିକ ହେଉଛି ହାଓଡା ମୈଦାନ, ହାଓଡା ଷ୍ଟେଶନ, ମହାକରଣ ଏବଂ ଏସପ୍ଲାନେଡ ହାଓଡା ଷ୍ଟେଶନ୍। ପ୍ରତିଦିନ ପ୍ରାୟ ୭ ଲକ୍ଷ ଯାତ୍ରୀ ଏହି ଭୂତଳ ଜଳ ମେଟ୍ରୋ ଟ୍ରେନରେ ଯାତାୟାତ କରିବାର ଆକଳନ ହୋଇଥିବା କୋଲକାତା ମେଟ୍ରୋ ରେଲୱେର ଜେନେରାଲ ମ୍ୟାନେଜର ଉଦୟ କୁମାର ରେଡ୍ଡୀ ସୂଚନା ଦେଇଛନ୍ତି। ଏହା ଦ୍ୱାରା କୋଲକାତାବାସୀଙ୍କୁ ଟ୍ରାଫିକ ସମସ୍ୟାରୁ ମୁକ୍ତି ମିଳିବ ବୋଲି ସେ କହିଛନ୍ତି।



ଯାଜପୁର ଜିଲା ଚଣ୍ଡିଖୋଲଠାରେ ମଙ୍ଗଳବାର ଆୟୋଜିତ ମୋଦି ଗ୍ୟାରେଣ୍ଟି ସମାବେଶରେ ଉପସ୍ଥିତ ଭାଜପା ନେତା, କର୍ମୀଙ୍କ ସମେତ ସାଧାରଣ ଜନତା (ବାମ)।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ରୋଡ୍ ଶୋ'ରେ ସଭାସ୍ଥଳକୁ ଯାଉଛନ୍ତି।

# ଓଡ଼ିଶା ବିକଶିତ ଭାରତର ଦ୍ୱାର ହେଉ

## ଚଣ୍ଡିଖୋଲରେ ମୋଦି ଗ୍ୟାରେଣ୍ଟି ସମାବେଶ

■ କଂଗ୍ରେସ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ

ଯାଜପୁର/ଚଣ୍ଡିଖୋଲ(ହର୍ଷବର୍ଦ୍ଧନ ବେହେରା/ପ୍ରଦୀପ୍ତ କୁମାର ପୃଷ୍ଟି),୫।୩

ଆଗାମୀ ନିର୍ବାଚନରେ ୪୦୦ ସିଟ୍ ଅତିକ୍ରମ କରିବା ହେଉଛି ଲକ୍ଷ୍ୟ। ଏ ଦିଗରେ ଓଡ଼ିଶାର ସଙ୍କଳ୍ପ କ'ଣ ରହିଛି ଏହି ବିପୁଳ ଜନସମାଗମ ଦେଖିଲେ ବୁଝାପଡୁଛି ବୋଲି ଭାଜପାର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମଙ୍ଗଳବାର ଯାଜପୁର ଜିଲା ଚଣ୍ଡିଖୋଲଠାରେ ଆୟୋଜିତ 'ମୋଦି ଗ୍ୟାରେଣ୍ଟି' ସମାବେଶରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଓଡ଼ିଶା ବିକଶିତ ଭାରତର ଦ୍ୱାର ହେଉ। ଆତ୍ମନିର୍ଭର ଭାରତକୁ ଓଡ଼ିଶା ଶକ୍ତି ଯୋଗାଉଛି। ଏହା କହିବା ବେଳେ ସେ ବିଜେଡି ବିଷୟରେ କିଛି ଉଲ୍ଲେଖ ନ କରି ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ସେ କଂଗ୍ରେସର ଦୁର୍ନୀତି ବିଷୟରେ ଅବତାରଣା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଜୟ ଜଗନ୍ନାଥ, ଜୟ ମା' ବିରଜା ଓ ଜୟ ସିଆରାମ କହିବା ପରେ ଓଡ଼ିଆରେ ସମସ୍ତ ଭାଇ, ଭଉଣୀମାନଙ୍କୁ ମୋର ନମସ୍କାର କହି ଭାଷଣ ଆରମ୍ଭ କରିଥିଲେ। ଦେଶ ପାଇଁ ଜୀବନ ସମର୍ପଣ କରିଥିବା ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସରେ ସାରା ଦେଶବାସୀ ତାଙ୍କୁ ଆଦରର ସହ ମନେ ପକାଉଛନ୍ତି। ସୌଭାଗ୍ୟ ଯେ, ଓଡ଼ିଶା ମାଟିରେ ବିଜୁବାବୁଙ୍କୁ ନମସ୍କାର କରିବାର ଅବସର ତାଙ୍କୁ ମିଳିଛି ବୋଲି ମୋଦି କହିଥିଲେ। ଏହି ସମାବେଶରେ ଅଭୂତପୂର୍ବ ଭିଡ଼ ଦେଖି ସେ ଅଭିଭୂତ ହୋଇଯାଇଥିଲେ। ସେ କହିଥିଲେ ଓଡ଼ିଶାର ସଂକଳ୍ପ କ'ଣ ଏଠାରେ ତାହା ଜଳଜଳ ଦିଶୁଛି। । ଏଥର ୪୦୦ ପାର ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭାରତକୁ ବିଶ୍ୱର ୩ୟ ବୃହତ୍ ଅର୍ଥନୈତିକ ଦେଶ ଭାବେ ପରିଗଣିତ ହେବାର ଅଛି। କୃଷକ, ଯୁବକ, ନାରୀଶକ୍ତି ଏବଂ ଗରିବମାନଙ୍କ ଜୀବନଧାରାରେ ପରିବର୍ତ୍ତନ କରିବାରେ ଓଡ଼ିଶାର ବଡ଼ ଭୂମିକା ରହିବ ବୋଲି ସେ କହିଥିଲେ। ବିଗତ ୧୦ ବର୍ଷରେ ଭାଜପା ସରକାର ଓଡ଼ିଶାରେ ୨ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ କରିଆସୁଛି। ସେଥିପାଇଁ ଓଡ଼ିଶା ବିକଶିତ ଭାରତର ଗେଟ୍‌ୱେ ହେବାକୁ ଯାଉଛି। ଓଡ଼ିଶା ଆତ୍ମନିର୍ଭର ଭାରତକୁ ଊର୍ଜା ଦେଉଛି। ଏଠାରୁ ଗ୍ୟାସ୍ ପାଇପ୍ ଲାଇନ୍ ଅନ୍ୟ ରାଜ୍ୟରେ ପହଞ୍ଚୁଛି। ଓଡ଼ିଶା ପଲିଷ୍ଟର କ୍ଷେତ୍ରରେ ମଧ୍ୟ ଏକ ବଡ଼ କେନ୍ଦ୍ର। ଟେକ୍ସଟାଇଲ ପାର୍କ ପାଇଁ ଏଠାରୁ କଞ୍ଚାମାଲ ଉତ୍ପାଦନ ହେଉଛି। ଫଳରେ ନିଯୁକ୍ତି ପାଇଁ ବହୁତ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଏହିସବୁ କାର୍ଯ୍ୟ ପ୍ରଥମେ ମଧ୍ୟ ହୋଇପାରିଥାନ୍ତା। କିନ୍ତୁ ୨୦୧୪ ପୂର୍ବରୁ କଂଗ୍ରେସ ସରକାରର ନେତାମାନେ କେବଳ ନିଜର ସମ୍ପତ୍ତି ବଢ଼ାଉଥିଲେ। କୋଇଲା, ୟୁରିଆ, ନିଯୁକ୍ତି ଆଦି କ୍ଷେତ୍ରରେ ଦୁର୍ନୀତି ହେଉଥିଲା। ନିଜର ସମସ୍ୟା ପାଇଁ ଗରିବ ଲୋକ କଂଗ୍ରେସ ପାଖକୁ ଯାଉଥିଲା ବେଳେ ପ୍ରାୟ ସବୁ କ୍ଷେତ୍ରରେ ଗ୍ୟାରେଣ୍ଟି ଆଣିବାକୁ କୁହାଯାଉଥିଲା। ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟି ଆଣ, ଚାଷୀ ଋଣ ସକାଶେ ଗ୍ୟାରେଣ୍ଟି ଆଣ ବୋଲି କୁହାଯାଉଥିଲା। ଗରିବର ପୁଅ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ମୋଦି ହେଲେ ଗରିବ ଲୋକଙ୍କ ଗ୍ୟାରେଣ୍ଟି। ବିନା ଗ୍ୟାରେଣ୍ଟିରେ ଅନେକ ଯୋଜନା ପ୍ରଣୟନ କରାଗଲା। ଫଳରେ ଗରିବଙ୍କ ଆତ୍ମବିଶ୍ୱାସ ବଢ଼ିଲା। ଏହିକ୍ରମରେ ମୋଦି ଗରିବଙ୍କ ସାଥିରେ ଅଛନ୍ତି। ଓଡ଼ିଶାରେ ବହୁ ପଛରେ ଥିବା ଜନଜାତିଙ୍କ ଦୁଃଖ କେହି ବୁଝି ନ ଥିଲେ। କିନ୍ତୁ ମୋଦି ସରକାର ସେମାନଙ୍କ ପାଇଁ ୨୪ ହଜାର କୋଟି ଟଙ୍କାର ପିଏମ୍‌ଜନମନ ଯୋଜନା କରିଛି। ଫୁଟ୍‌ପାଥ୍, ଠେଲାଗାଡ଼ିବାଲା, କୃଷକ, ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ପିଏମ୍‌ସ୍ୱନିଧି ଓ ପିଏମ୍‌ମତ୍ସ୍ୟସମ୍ପଦ ଯୋଜନାରେ ବ୍ୟାଙ୍କଠାରୁ ସିଧାସଳଖ ଲାଭ ମିଳୁଛି। ଗରିବ ଲୋକଙ୍କ ପାଇଁ ଯାହା ସ୍ୱପ୍ନ ହେଉଥିଲା, ତାହା ଆଜି ବାସ୍ତବରେ ପରିଣତ ହୋଇଛି ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଅନ୍ୟଠାରୁ ଯେତେବେଳେ ନିରାଶ ମିଳୁଛି, ସେଠାରେ ମୋଦିଙ୍କ ଗ୍ୟାରେଣ୍ଟି ଆରମ୍ଭ ହେଉଛି। ଏଠାରେ ଉପସ୍ଥିତ ଯୁବକମାନଙ୍କ ଉତ୍ସାହ ଓ ଉଦ୍ଦୀପନା ତାଙ୍କୁ କାମ କରିବାରେ ଆହୁରି ଉତ୍ସାହିତ କରୁଛି, ଯାହାକି ସେ କେବେ ବି ଭୁଲି ପାରିବେ ନାହିଁ ବୋଲି କହିଛନ୍ତି। ଓଡ଼ିଶା ସୂର୍ଯ୍ୟଦେବଙ୍କ ମାଟି। ତେଣୁ ଓଡ଼ିଶାବାସୀଙ୍କୁ ମାଗଣାରେ ବିଜୁଳି ପ୍ରଦାନ କରିବାକୁ 'ମୋଦି ଗ୍ୟାରେଣ୍ଟି' ଦେଇଛି। ଭାଜପା ସରକାର ପିଏମ୍‌ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ପ୍ରଣୟନ କରିଛନ୍ତି। ଘର ଛାତରେ ସୋଲାର ପ୍ୟାନେଲ ନିର୍ମାଣ କରି ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ମିଳିପାରିବ। ଅତିରିକ୍ତ ବିଜୁଳିକୁ ସରକାରଙ୍କ ପାଖରେ ବିକ୍ରି ମଧ୍ୟ କରିପାରିବେ। କୃଷକମାନଙ୍କୁ ମଧ୍ୟ ଊର୍ଜାଦାତା କରାଯାଉଛି। ଜମିରେ ସେମାନେ ସୋଲାର ପ୍ୟାନେଲ ଲଗାଇ ଲାଭବାନ ହୋଇପାରିବେ। ଭଗବାନଙ୍କ କୃପା ବିନା ଏତେ ସ୍ନେହ କାହାକୁ ମିଳି ପାରିବ ନାହିଁ। ଆପଣମାନେ ଦେଉଥିବା ସ୍ନେହ ଭଗବାନ ଜଗନ୍ନାଥଙ୍କ କୃପାରୁ ମିଳୁଛି ବୋଲି ସେ କହିଥିଲେ। ମାଗଣା ଏବଂ ଠିକ୍ ସମୟରେ ରାଶନ ମିଳୁଛି କି ନାହିଁ ବୋଲି ଉପସ୍ଥିତ ଜନତାଙ୍କୁ ସେ ପ୍ରଶ୍ନ କରି ଆସନ୍ତା ୫ ବର୍ଷ ପାଇଁ ରାଶନ ଯୋଗାଣ ବଢ଼ାଇ ଦିଆଯାଇଥିବା କହିଥିଲେ। ଗ୍ରାମଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଲକ୍ଷପତି କରିବାକୁ ଯୋଜନା କରାଯାଉଛି। ଏହା ବିରୋଧୀଙ୍କୁ ପସନ୍ଦ ହେଉନି। ସେମାନେ କହୁଛନ୍ତି ମୋଦିଙ୍କ ପରିବାର ନାହିଁ। ତେଣୁ ମୋଦିଙ୍କୁ ହଟେଇବାକୁ ପଡ଼ିବ। କିନ୍ତୁ ଭାରତର ୧୪୦ କୋଟି ଜନତା ମୋଦିଙ୍କ ପରିବାର। ବିରୋଧୀମାନଙ୍କ ପାଇଁ 'ପରିବାର ପ୍ରଥମ' ହୋଇଥିବା ବେଳେ ମୋଦିଙ୍କ ବିଚାରଧାରାରେ ରାଷ୍ଟ୍ର ହେଉଛି ପ୍ରଥମ। ସେମାନେ କେବଳ ନିଜ ପରିବାର ପାଇଁ ବଞ୍ଚୁଛନ୍ତି। କିନ୍ତୁ ମୋଦି ଭାରତର ସମସ୍ତ ପରିବାରଙ୍କ ପାଇଁ ଖଟୁଛନ୍ତି। ପ୍ରତ୍ୟେକ ପରିବାରଙ୍କ ପାଇଁ ପକ୍କା ଘର ନିର୍ମାଣ କରିବା ମୋଦିଙ୍କ ଗ୍ୟାରେଣ୍ଟି। ତେଣୁ ଭାରତ ହେଉଛି ମୋଦିଙ୍କ ପରିବାର ବୋଲି ସେ କହିଥିଲେ ।

ସମାବେଶସ୍ଥଳରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସୁରେଶ ପୂଜାରୀ, ଜୁଏଲ ଓରାମ, ବରିଷ୍ଠ ନେତା ସମ୍ବିତ ପାତ୍ର, ଡ.ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଯାଜପୁର ଜିଲା ସଭାପତି ଗୌତମ ରୟ, ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ଅନନ୍ତ ନାୟକ, ବଡ଼ଚଣା ନେତା ଅମର ନାୟକ, ବିରଞ୍ଚି ତ୍ରିପାଠୀ, ରୁଦ୍ର ନାରାୟଣ ପାଣି, ରାଜ୍ୟ ପ୍ରଭାରୀ ବିଜୟ ସିଂହ ପାଲ ଯାଦବଙ୍କ ସହ ରାଜ୍ୟର ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ।



# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ କି ଜବାବ ଦେଲେ ମୋଦି: ପଓ୍ୱନ ଖେରା

ଭୁବନେଶ୍ୱର,୫।୩(ସୁନିତ୍ ମିଶ୍ର)

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ୧୦ ବର୍ଷ ଓ ଓଡ଼ିଶାରେ ତାଙ୍କ ବନ୍ଧୁ ନବୀନ ପଟ୍ଟନାୟକଙ୍କ ସରକାରକୁ ୨୪ ବର୍ଷ ହୋଇଗଲା। ଅଥଚ ଓଡ଼ିଶାର ଲକ୍ଷ ଲକ୍ଷ ଗରିବ ମଧ୍ୟବିତ୍ତ ପରିବାର, ଯେଉଁମାନେ ଚିଟ୍‌ଫଣ୍ଡ ଦୁର୍ନୀତିର ଶିକାର ହୋଇ ନିଜ କଷ୍ଟ ଉପାର୍ଜିତ ସଞ୍ଚିତ ଅର୍ଥ ହରାଇଛନ୍ତି, ସେମାନେ ନ୍ୟାୟ ପାଇପାରିଲେ ନାହିଁ। ଅଦ୍ୟାବଧି ନିଜ ସଞ୍ଚିତ ଅର୍ଥ ଫେରିପାଇବା ଆଶାରେ ଏହି ଗରିବ ଲୋକମାନେ ଦିନ ଗଣୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିଥିବାବେଳେ ଏହି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ପରିବାରଙ୍କୁ କ'ଣ ଜବାବ ଦେଲେ ବୋଲି ଅଖିଳ ଭାରତ କଂଗ୍ରେସ କମିଟିର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ପଓ୍ୱନ ଖେରା ପ୍ରଶ୍ନ କରିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଖେରା କହିଛନ୍ତି , କିପରି ସେମାନଙ୍କ ଆଖିରେ ଆଖି ମିଶାଇବେ। ଓଡ଼ିଶାର ବିଭିନ୍ନ କାର୍ଯ୍ୟରେ ଯେତେସବୁ ଟେଣ୍ଡର ହେଉଛି, ସବୁ ଓଡ଼ିଶା ବାହାରର ଲୋକଙ୍କୁ କାହିଁକି ଦିଆଯାଉଛି। ଓଡ଼ିଶାରେ ଦକ୍ଷ ମାନବ ସମ୍ବଳ ଓ ବଡ଼ ଠିକାଦାର ଥିଲେ ମଧ୍ୟ ସେମାନେ ହାତବାନ୍ଧି ବସିଛନ୍ତି। ଓଡ଼ିଶାର ଜଳ, ଜମି, ଜଙ୍ଗଲ, ଖଣିଜ ସମ୍ପଦକୁ ବାହାର ରାଜ୍ୟର ଲୋକଙ୍କୁ ବିକ୍ରି କରାଯାଉଛି। ଓଡ଼ିଶାରେ କୋଟି କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଥିବାବେଳେ ଏହାର ତଦନ୍ତକୁ ଜାଣିଶୁଣି ଫାଇଲ୍ ତଳେ ଚାପି ଦିଆଯାଇଛି। ଉପା ସରକାର ସମୟରେ ଓଡ଼ିଶାର ଖଣି ଦୁର୍ନୀତିର ତଦନ୍ତ ଶାହା କମିଶନଙ୍କ ଦ୍ୱାରା କରାଯାଇଥିଲା। ମାତ୍ର ମୋଦି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ସରକାରଙ୍କ ସହ ମିଶି ଏହି ତଦନ୍ତକୁ ଚାପି ଦେଇଛନ୍ତି। ଉଭୟ ଭାଜପା ଓ ବିଜେଡି ଅଘୋଷିତ ମେଣ୍ଟ କରିଛନ୍ତି ଏବଂ ଓଡ଼ିଶାର ସମ୍ପତ୍ତି ଓ ରାଜକୋଷକୁ ଲୁଟି ଚାଲିଛନ୍ତି। ଜଣେ ବ୍ୟକ୍ତି ଏବେ ଓଡ଼ିଶାରେ ଏକଚ୍ଛତ୍ରବାଦ ଚଳାଇଥିବାବେଳେ ଓଡ଼ିଶାର ଲୋକମାନେ ଅବହେଳିତ ହେଉଛନ୍ତି। ଆସନ୍ତା ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ଏଥିପାଇଁ କଂଗ୍ରେସର କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି। ଯେଉଁଥିଲାଗି ଭାଜପାର କେନ୍ଦ୍ରୀୟ ନେତାମାନେ ଭୟଭୀତ ହୋଇପଡ଼ିଛନ୍ତି। ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଦେଇଥିବା ଅନେକ ପ୍ରତିଶ୍ରୁତି ଅଦ୍ୟାବଧି ପୂରଣ କରି ନ ଥିବା ଖେରା କହିଛନ୍ତି।




କଂଗ୍ରେସ ଭବନରେ ପଓ୍ୱନ ଖେରା ଓ ଦଳୀୟ ନେତୃବୃନ୍ଦ।

# ଅମରେଶ, ବିରଞ୍ଚି ବାୟୋଡାଟା ଦେଲେ

## ବିଜେଡିରେ ବଢୁଛି ଆଶାୟୀଙ୍କ ଭିଡ଼

ଭୁବନେଶ୍ୱର,୫।୩(ଅନିଲ ଦାସ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ନିର୍ବାଚନମଣ୍ଡଳୀଗୁଡ଼ିକରେ ଦିନକୁ ଦିନ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ବିଭିନ୍ନ ଦଳରେ ଆଶାୟୀ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଗୋଟିଏ ପଟେ ବିଧାୟକମାନେ ନିଜ ଆସନ ବଞ୍ଚାଇବାକୁ କସରତ କରୁଥିବା ବେଳେ ଅନ୍ୟପକ୍ଷରେ ସମାନ୍ତରାଳ ଭାବେ ଯୁବ ପ୍ରାର୍ଥୀମାନେ ଖୋଲାଖୋଲି ଭାବେ ସାମ୍ନାକୁ ଆସୁଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଯୁବ ବିଜେଡି ନେତାଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଭୁବନେଶ୍ୱରର ୩ଟି ନିର୍ବାଚନମଣ୍ଡଳୀରେ ବିଜେଡିର ଯୁବ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ ମଧ୍ୟ କରିବା ଆରମ୍ଭ କରିଦେଲେଣି। ଭୁବନେଶ୍ୱର ମହାନଗର ନିଗମର ୪୫ ନମ୍ବର କର୍ପୋରେଟର ତଥା ବିଜେଡିର ବୌଦ୍ଧ ପର୍ଯ୍ୟବେକ୍ଷକ ଅମରେଶ ଜେନା (ବାଇଆଁ) ଭୁବନେଶ୍ୱର ମଧ୍ୟମ ନିର୍ବାଚନମଣ୍ଡଳୀ ପାଇଁ ଏବଂ ଏକାମ୍ର ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀଭାବେ ବିଏମ୍‌ସିର ୫୯ ନମ୍ବର ଓ୍ୱାର୍ଡ କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର ନିଜର ବାୟୋଡାଟା ନବୀନ ନିବାସ ଯାଇ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଆମେ ଆମର ବାୟୋଡାଟା ଦେଇଛୁ ବୋଲି ଅମରେଶ ଓ ବିରଞ୍ଚି କହିଛନ୍ତି। ସେଥିରେ ସେମାନଙ୍କର ଦଳ ପ୍ରତି ଅବଦାନ ଓ ଗତ କିଛିବର୍ଷ ଧରି ସଙ୍ଗଠନ ପାଇଁ କ'ଣ କ'ଣ କାର୍ଯ୍ୟ କରିଛନ୍ତି ସେସବୁ ବିବରଣୀ ଦେଇଥିବା ଉଭୟ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦେଉଥିବାରୁ ୨୦୨୪ ଯୁବବର୍ଗଙ୍କ ପାଇଁ ବର୍ଷ ହେବ। ଯୁବକମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥିତ୍ୱ ପାଇଁ ଆବେଦନ କରିଛୁ ବୋଲି କହିଛନ୍ତି। ଉଭୟ ଏବେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଅଛନ୍ତି। ବିଧାୟକମାନଙ୍କୁ ଟକ୍କର ଦେଇ ଯୁବନେତାମାନେ ନିଜର ଶକ୍ତି ପ୍ରଦର୍ଶନ କରିବା ସହ ସମାନ୍ତରାଳ ସଭା ସମିତି, ପଦଯାତ୍ରା ଓ ବନ୍ଧୁ ମିଳନ ଆୟୋଜନ କରୁଛନ୍ତି। ସେହିପରି ବିଏମ୍‌ସିର ପୂର୍ବତନ ମେୟର ମିହିର ମହାନ୍ତି ମଧ୍ୟ ଭୁବନେଶ୍ୱର ଲୋକ ସଭା ସିଟ୍ ପାଇଁ ଆଶାୟୀ ଥିବା କହିଛନ୍ତି। ତାଙ୍କୁ ଟିକେଟ ଦିଆଗଲେ ବିଜୟ ସମ୍ଭାବନା ଅଧିକ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।




ନବୀନ ନିବାସଠାରେ ବିରଞ୍ଚି ମହାସୂପକାର, ମିହିର ମହାନ୍ତି ଓ ଅମରେଶ ଜେନା।

# ସନାସେନା ସମର୍ଥନ ଅପେକ୍ଷାରେ ବିଜେଡି, ଭାଜପା

## ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ

ପାଟଣା,୫।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ସାଙ୍ଗଠନିକ କାର୍ଯ୍ୟ ବଢ଼ାଇବାରେ ଲାଗିଛନ୍ତି। ବିଜେଡି ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବିକାଶକୁ ମାଧ୍ୟମ କରି ପ୍ରଚାର କରୁଥିବା ବେଳେ ଭାଜପା ମୋଦି ଓ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ବିଷୟରେ ଘର ଘର ବୁଲି ବୁଝାଉଥିବା ଦେଖାଯାଉଛି। ଏଭଳି ସ୍ଥଳେ ଭାଜପା ଓ ବିଜେଡି ମଧ୍ୟରେ ବୁଝାମଣାରେ ସରକାର ଚାଲିଥିବା କଂଗ୍ରେସ ଅଭିଯୋଗ କରି ଜନମତ ହାତେଇବାକୁ ଚେଷ୍ଟା କରୁଛି।

୨୦୦୯ରୁ ଏଠାରେ ବିଜେଡି ବିଜୟଲାଭ କରିଆସୁଛି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଜଗନ୍ନାଥ ନାଏକ ଭାଜପାର ଭବାନୀଶଙ୍କର ନାଏକଙ୍କୁ ପରାସ୍ତ କରିଥିଲେ। ଆଗାମୀ ନିର୍ବାଚନ ପାଇଁ ବିଜେଡି ଟିକେଟରେ ନିର୍ବାଚନ ଲଢ଼ିବାକୁ ପ୍ରଥମ ଦାବିଦାର ଭାବେ ବର୍ତ୍ତମାନର ଯୁବ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ଆଗରେ ରହିଥିବା କୁହାଯାଉଛି। ଏଥିସହ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିବା ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ନାୟକ ମଧ୍ୟ ଟିକେଟ୍ ଲବିରେ ଅଛନ୍ତି। ଯଦି ନିର୍ବାଚନମଣ୍ଡଳୀ ପାଇଁ ମହିଳା ପ୍ରାର୍ଥିତ୍ୱ କଥା ଉଠେ ତେବେ ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ, ବର୍ତ୍ତମାନର ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ ମଧ୍ୟ ଟିକେଟ ଦୌଡ଼ରେ ଅଛନ୍ତି।

ସେହିପରି ଭାଜପାରେ ମଧ୍ୟ ଏକାଧିକ ଆଶାୟୀ। ସେମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଖିଳ ନାଏକଙ୍କ ସହ ସତ୍ୟବ୍ରତ ନାଏକ ମଧ୍ୟ ନିଜ ନିଜ ସମର୍ଥକ ଓ ନେତାଙ୍କୁ ଧରି ଟିକେଟ ପାଇଁ ଲବି ଆରମ୍ଭ କରିଦେଇଛନ୍ତି।

ଅନୁରୂପ ଭାବେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ତଥା ୫ ପାଳି ବିଧାୟକ ହୋଇଥିବା ହୃଷୀକେଶ ନାଏକ କଂଗ୍ରେସରୁ ଟିକେଟ ପାଇବେ ବୋଲି ରାଜ୍ୟ ନେତୃତ୍ୱ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା କହୁଛନ୍ତି। ଏଥିସହ ବିଧାୟକ ପ୍ରାର୍ଥୀ ଦୌଡ଼ରେ କଂଗ୍ରେସର ପୂର୍ବତନ ବିଧାୟକ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ ଓ ଡୁମୁରିଆ ସରପଞ୍ଚ ତଥା ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଗୌରହରି ନାଏକ ପ୍ରମୁଖ ଟିକେଟ୍ ଲବିରେ ଅଛନ୍ତି।

ଏତଦ୍‌ବ୍ୟତୀତ ବିତ୍ତଶାଳୀ ନେତା ସନାତନ ମହାକୁଡ଼ଙ୍କ ସନାସେନା ପକ୍ଷରୁ ମଧ୍ୟ ପୁନର୍ବାର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସଭା, କମ୍ବଳ ବଣ୍ଟନ, ନଳକୂପ ଖନନ ଆରମ୍ଭ କରାଯାଇ ଲୋକଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରାଯାଉଛି। ୨୦୧୯ରେ ସନାସେନା ବିଜେଡି ପାଇଁ କାର୍ଯ୍ୟ କରିଥିଲେ ହେଁ ଏଯାବତ୍ ସେ ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ସେ ବିଜେଡି ଓ ଭାଜପା ସହ ସିଟ୍ ସାଲିସ୍ କରୁଥିବା ଆଲୋଚନା ହେଉଥିବା ବେଳେ ସନାସେନାର ସମର୍ଥନ ଯେଉଁ ଦଳକୁ ରହିବ, ସେହି ଦଳ ସୁବିଧାଜନକ ସ୍ଥିତିରେ ରହିବ ବୋଲି କୁହାଯାଉଛି। ଅନ୍ୟପକ୍ଷେ ୫ ଥର ବିଧାୟକ ହୋଇଥିବା ହୃଷୀକେଶ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେବା ଓ ଭାଜପାର ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେବା ଭଳି ବହୁ ଘଟଣା ଏଥର ନିର୍ବାଚନକୁ ରୋଚକ ସ୍ତରକୁ ନେଇପାରେ ବୋଲି କୁହାଯାଉଛି।



## ନୂଆ-ଓ ଛାତ୍ରବୃତ୍ତି ପ୍ରମାଣ ପତ୍ର ବଣ୍ଟନ

ଲାଠୋର,(ଭୁବନେଶ୍ୱର ବାରିକ): ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ ଅଧକ୍ଷ ପ୍ରସନ୍ନ ଦାସଙ୍କ ଅଧକ୍ଷତାରେ ମଙ୍ଗଳବାର କଲେଜ ପ୍ରାଙ୍ଗଣରେ ନୂଆ-ଓ ଛାତ୍ରବୃତ୍ତି ପ୍ରମାଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ପରିଚାଳନା ସମିତି ସଭାପତି ନୀଳମାଧବ ପଣ୍ଡା ମୁଖ୍ୟ ଅତିଥିଭାବେ, ସମ୍ମାନୀତ ଅତିଥିଭାବେ ସଦାନନ୍ଦ ବେହେରା, ଶ୍ୟାମସୁନ୍ଦର ମିଶ୍ର, ପୁଷ୍ପିତା ଭୋଇ, ସୁନିଲନନ୍ଦ ଯୋଗଦେଇଥିଲେ। +୩ ପ୍ରଥମ ବର୍ଷରୁ ତୃତୀୟ ବର୍ଷ ପର୍ଯ୍ୟନ୍ତ ମୋଟ ୩୫୮ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ନୂଆ-ଓ ଛାତ୍ରବୃତ୍ତି ପ୍ରମାଣ ପତ୍ର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ନୋଡାଲ ଅଫିସର ଭଗବାନ ଦାସ କରିଥିଲେ।

**ସଂକ୍ଷେପରେ**

## ଟ୍ରାକ୍ଟର ଚାପାରେ ଡ୍ରାଇଭର ମୃତ

ଭବାନୀପାଟଣା/ଗୋଲାମୁଣ୍ଡା,୫।୩ (ଉତ୍ତମ କୁମାର ଦାଶ/ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଟେମରି ଗ୍ରାମରେ ସୋମବାର ଟ୍ରାକ୍ଟର ଚାପାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ପଣ୍ଡକୁଲ ଗ୍ରାମର ପିଙ୍କୁ ଗୋପାଳ (୨୫)। ପିଙ୍କୁ ଚଣା ବୋଝେଇ କରିବାକୁ ଟ୍ରାକ୍ଟର (ନଂ.ଓଡ଼ି୦୮ଏଚ-୩୦୧୩)ରେ ବିଲକୁ ନେଉଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡ଼ିଥିଲା। ଫଳରେ ସେ ଟ୍ରାକ୍ଟର ତଳେ ଚାପି ହୋଇଯାଇ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପରେ ଗୋଲାମୁଣ୍ଡା ଆଇଆଇସି ଶ୍ୱେତାପଦ୍ମା ସେଠ ସହ ଦଶପୁର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ବୁଧବାର ବ୍ୟବଚ୍ଛେଦ ହେବ। ଦୁର୍ଘଟଣା ପରେ ଟ୍ରାକ୍ଟର ଜବତ କରି ଥାନାକୁ ପୋଲିସ ନେଇଛି।

## ସିନାପାଲିରେ ବିଜୁ ଜୟନ୍ତୀ ପାଳିତ

ସିନାପାଲି,୫।୩(ମନଫୁଲ ମେହେର)

ନୂଆପଡ଼ା ଜିଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିନାପାଲି ଧାନମଣ୍ଡି ପଡିଆଠାରେ ବିଜେଡି ପକ୍ଷରପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକଙ୍କ ଅତୁଳନୀୟ ଅବଦାନ ପ୍ରକାଶ କରି ମଞ୍ଚାସୀନ ଅତିଥି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଲମ୍ବୋଦର ନିଆଲ କଂଗ୍ରେସ ବିଧାୟକଙ୍କ ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ସଭାପତି ମହେନ୍ଦ୍ର ସୁନାନୀ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ଜିଲା ପରିଷଦ ଅଧକ୍ଷା ଡଲି ମାଝି, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ରେହେମାନ ଖାଁ, ବିରଞ୍ଚି ଜଗତ, ଉଦିତ ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ପୁରୁଷ କର୍ମୀ ସାମିଲଥିଲେ।

## ମୋଡେଲ ଡିଗ୍ରୀ କଲେଜରେ ଛାତ୍ରବୃତ୍ତି ବଣ୍ଟନ

ଖଡ଼ିଆଳ,୫।୩(ସୁଜିତ୍ କୁମାର ପ୍ରଧାନ)

ପଞ୍ଚାୟତିରାଜ ଦିବସ ଉପଲକ୍ଷେ ମଙ୍ଗଳବାର ନୂଆପଡା ଜିଲା ଖଡ଼ିଆଳ ମୋଡେଲ ଡିଗ୍ରୀ କଲେଜଠାରେ ନୂଆ-ଓ' ଛାତ୍ରବୃତ୍ତି ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ନୂଆ-ଓ' ଛାତ୍ରବୃତ୍ତି ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଲମ୍ବୋଦର ନିଆଲ ମୁଖ୍ୟଅତିଥି ଭାବେ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ମେଜର ଡ଼. ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ନୂଆ-ଓ' ଛାତ୍ରବୃତ୍ତି କାର୍ଯ୍ୟକ୍ରମର ନୋଡାଲ ଅଫିସର ଅବିନାଶ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ମୋଟ୧୦୧୪ ଜଣ ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ

ଖଡ଼ିଆଳ,୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହିତ ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଉପସଭାପତି କୈଳାସ ତାଣ୍ଡି, ରେହେମାନ ଖାନ, ପ୍ରମୋଦିନୀ ପୁଞ୍ଜି, ବୀଣା ବାରିକ, ଦୟା ଥାପା, ଯୋଗେନ୍ଦ୍ର ପାଣ୍ଡେ, ବ ବିକ୍ରମ ମାଝି, ରମେଶ ଭୋଇ, ଭୋଳା ନାଗ, ଜିକେ ବାଗ, ଅଭିଳାଷ ଗୁଆଲ, ମଦନ ବାଗ, ପ୍ରଶାନ୍ତ ସେନ, ରାହୁଲ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପଞ୍ଚାୟତିରାଜ, ଲୋକସେବା ଦିବସ

ଭବାନୀପାଟଣା,୫।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ମହା ସମାରୋହରେ ପାଳନ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ପରିଷଦ ଉପାଧକ୍ଷ ସୁଧିରା ମେହେର, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦିଲୀପ ମହାରଣା ପ୍ରମୁଖ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକଙ୍କ କର୍ମମୟ ଜୀବନ, ବ୍ୟକ୍ତିତ୍ୱ, ସାହସ, ସମୃଦ୍ଧ ଓଡିଶାର ବିନ୍ଧାଣୀ ଓ ଜିଲା ପୁନଃଗଠନ, ନାରୀ ସଶକ୍ତିକରଣ, ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଉପରେ ଅତିଥିମାନେ ମତାମତ ଦେଇଥିଲେ। ଏହି ଅବସରରେ



ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା ପଞ୍ଚାୟତ, ଅଙ୍ଗନୱାଡି କେନ୍ଦ୍ର।

**ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚାୟତ, ଅଙ୍ଗନୱାଡି କେନ୍ଦ୍ର ପୁରସ୍କୃତ**

ପଞ୍ଚାୟତସ୍ତରରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ପୁସ୍ତିକାରେ ପ୍ରଥମ କଳମପୁର ପଞ୍ଚାୟତ, ଦ୍ୱିତୀୟ ଗୋଲାମୁଣ୍ଡା ପଞ୍ଚାୟତ ଓ ଲାଞ୍ଜିଗଡ ବ୍ଲକର ତ୍ରିଲୋଚନପୁର ପଞ୍ଚାୟତ, ତୃତୀୟ ପୁରସ୍କାର ଜୁନାଗଡ ବ୍ଲକ ହାବସପୁର ପଞ୍ଚାୟତ, ନର୍ଲା ପଞ୍ଚାୟତ ଓ କୋକସରା ପଞ୍ଚାୟତ ସରପଞ୍ଚ, ନାଏବ ସରପଞ୍ଚ ଓ ପିଇଓ ପୁରସ୍କାର ସର୍ଟିଫିକେଟ ଗ୍ରହଣ କରିଥିଲେ। ସେହିପରି ବ୍ଲକସ୍ତରରେ ବିଭିନ୍ନ ଯୋଜନାର ଭିଡିଓ ଡକ୍ୟୁମେଣ୍ଟେସନରେ ପ୍ରଥମ ସ୍ଥାନ ଭବାନୀପାଟଣା ବ୍ଲକ, ଦ୍ୱିତୀୟ ଜୟପାଟଣା ଓ ଲାଞ୍ଜିଗଡ, ତୃତୀୟ କେସିଙ୍ଗା ଓ ଧର୍ମଗଡ ବ୍ଲକ ଅଧିକାର କରିଥିବାବେଳେ ପୁରସ୍କାର ସମ୍ପୃକ୍ତ ବ୍ଲକ ଅଧକ୍ଷ, ବିଡିଓ ଗ୍ରହଣ କରିଥିଲେ। ଏହାସହ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ରୂପେ ଜିଲାର ପ୍ରଥମ ପୁରସ୍କାର ଲାଞ୍ଜିଗଡ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ, ଦ୍ୱିତୀୟ ଜୟପାଟଣା ବ୍ଲକ ସର୍ଗିଗୁଡ଼ା ପଞ୍ଚାୟତ, ତୃତୀୟ ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତକୁ ଟଙ୍କା ସାର୍ଟିଫିକେଟ ସ୍ଥାନୀୟ ସରପଞ୍ଚ ଗ୍ରହଣ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପୋଷଣ ଅଭିଯାନ ପୁରସ୍କାରରେ କଳମପୁର ପୁଷ୍ଟି ପଞ୍ଚାୟତ, ସେହିପରି ପ୍ରଥମ ପୁରସ୍କାର ରୂପେ ନର୍ଲାର ଶାନ୍ତପୁର ଅଙ୍ଗନୱାଡି କେନ୍ଦ୍ର, ଦ୍ୱିତୀୟ ରୂପେ ଜୁନାଗଡ ବ୍ଲକ ନକଟିଗୁଡା ଅଙ୍ଗନୱାଡି କେନ୍ଦ୍ର, ତୃତୀୟ ନର୍ଲା ବ୍ଲକ ଯୁରକାଭଟା ଅଙ୍ଗନୱାଡି କେନ୍ଦ୍ର ଟଙ୍କା ଓ ସାର୍ଟିଫିକେଟ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ପରିଚାଳନା କରିଥିଲେ। ସଭାରେ ସମ୍ପୃକ୍ତ ବ୍ଲକର ଜନପ୍ରତିନିଧି, ପଞ୍ଚାୟତ ସଭ୍ୟ, ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ମରାମତି

ଭବାନୀପାଟଣା,୫।୩(ଉତ୍ତମ କୁମାର ଦାଶ)

**ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଘାଇ ହେବା ଘଟଣା**

■ ଆଜି ସନ୍ଧ୍ୟା ସୁଦ୍ଧା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ

କଳାହାଣ୍ଡି ଜିଲା କଳମପୁର ବ୍ଲକ ଦେପୁରଠାରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ସୋମବାର ଭୋରରେ ପ୍ରାୟ ୨୫ ଫୁଟ ଘାଇ ସୃଷ୍ଟି ହେବା ଘଟଣାକୁ ଇନ୍ଦ୍ରାବତୀ ବିଭାଗ ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ମଙ୍ଗଳବାର ସକାଳୁ କେନାଲ ମରାମତି କାର୍ଯ୍ୟ ଆରମ୍ଭ କରିଛି। ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣି, ଅଧିକ୍ଷଣ ଯନ୍ତ୍ରୀ ରାଜ କୁମାର ବେହେରା, ଉଠା ଜଳସେଚ ବିଭାଗ ପ୍ରଣୟ କୁମାର ପ୍ରଧାନ ଘଟଣାସ୍ଥଳରେ ଉପସ୍ଥିତ ରହି ମରାମତି କାର୍ଯ୍ୟ ତଦାରଖ କରୁଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜଳସେଚନ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବର୍ତ୍ତମାନ ରବି ଚାଷ ପାଇଁ ଜଳର ଆବଶ୍ୟକ ଥିବା ସ୍ଥଳେ କେନାଲ ବନ୍ଧ ଭାଙ୍ଗିବା ଯୋଗୁ ଜଳ ଯୋଗାଣ ଠପ ହୋଇଯାଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି। ଅପରପକ୍ଷେ କେନାଲ ପାଣି ଚାଷ ଜମିରେ ପଶି ବ୍ୟାପକ ଚାଷ ନଷ୍ଟ ହେବା ସହ ଏକର ଏକର ଜମି ବାଲିଚର ହୋଇଯାଇଛି। ଏଭଳି ସ୍ଥିତିରେ କେନାଲ ମରାମତି କରି ଜଳସେଚନ କରିବା ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇପଡିଛି।


ଘାଇ ହୋଇଥିବା ସ୍ଥାନରେ ମରାମତି ଚାଲିଛି।

# ପଞ୍ଚାୟତ ସମିତିସ୍ତରୀୟ ପଞ୍ଚାୟତିରାଜ, ଲୋକସେବା ଦିବସ

ଲାଞ୍ଜିଗଡ଼,୫।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବିଜୁ ପଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତ ସମିତିସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ତଥା ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଉପାଧକ୍ଷ ସଞ୍ଜୀବ କୁମାର ନାଏକ, ଲାଞ୍ଜିଗଡ ଜୋନ-୧ ଜିଲା


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପରିଷଦ ସଦସ୍ୟା ଅଞ୍ଜଳି ମାଝି, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ପୂର୍ବତନ ଉପାଧକ୍ଷ ଜଗଦୀଶ ବେନିଆ, ପୂର୍ବତନ ଉପାଧକ୍ଷା ତୁଳସୀ ନାଏକ, ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ହରିଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ଠାକୁର ତତ୍ତ୍ୱାବଧାନରେ ସିଆରପି, ଏମବିକେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଭ୍ୟା ସଭ୍ୟ ଓ ସରପଞ୍ଚ ସମିତି ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜନନୀ ଆମ୍ବୁଲାନ୍ସରେ ଜନ୍ମ ନେଲା ନବଜାତକ

କୋକସରା,୫।୩(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ଗାଁରେ ମଙ୍ଗଳବାର ଜଣେ ମହିଳା ଜନନୀ ଆମ୍ବୁଲାନ୍ସରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ମହିମା ଗାଁର ଦେବିସିଂ ମାଝିଙ୍କ ସ୍ତ୍ରୀ ଭୂମିସୁତାଙ୍କୁ ପ୍ରସବ ବେଦନା ହେବାରୁ ପରିବାର ଲୋକେ ଆଶା କର୍ମୀ ସୁକାନ୍ତି ନାଏକଙ୍କୁ ଖବର ଦେଇଥିଲେ। ପରେ ଜନନୀ ଆମ୍ବୁଲାନ୍ସରେ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ଅଧା ବାଟରେ ମହିଳା ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଆଶା କର୍ମୀଙ୍କ ଉପସ୍ଥିତ ବୁଦ୍ଧି ଓ ଚିକିତ୍ସା ଯୋଗୁ ନବଜାତକ ଶିଶୁ ଓ ମା' ସୁସ୍ଥ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି।

# ଇଲେକ୍ଟ୍ରିକ ରେଳ ଇଞ୍ଜିନ କାରଖାନାର ଭିତ୍ତିପ୍ରସ୍ତର

ନର୍ଲା/ରୁପ୍ରାରୋଡ୍/ଛତିକୁଡ଼ା,୫।୩ (ସନ୍ତୋଷ ପାତ୍ର/ସଞ୍ଜୀବ ଦାସ/ଦୀପକ ସାହୁ)

**ପ୍ରଧାନମନ୍ତ୍ରୀଙ୍କ ଦାରା ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ**

ଦୀର୍ଘ ୧୩ ବର୍ଷର ପ୍ରତୀକ୍ଷା ପରେ ସମଗ୍ର କଳାହାଣ୍ଡି ଜିଲାର ସ୍ୱପ୍ନ ସାକାର ହେଇଛି। ମଙ୍ଗଳବାର ଅପରାହ୍ନ ସାଢ଼େ ୩ଟାରେ ନର୍ଲାରେଳ ଷ୍ଟେଶନଠାରେ ରେଳ ବିଭାଗ ପକ୍ଷରୁ ପ୍ରସ୍ତାବିତ ଇଲେକ୍ଟ୍ରିଇଞ୍ଜିନ ଲୋକୋ ମୋଟିଭ କାରଖାନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଯାହାକି ନର୍ଲା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। କଳାହାଣ୍ଡି ଜିଲାରେ ବେକାରୀ ସମସ୍ୟା ଦୂର ହେବା ସହିତ ଆର୍ଥିକ କ୍ଷେତ୍ରରେ ସହାୟକ ହେବ। ଏହି ଅବସରରେ ପୂର୍ବତଟ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡାଙ୍କ ସମେତ ଭାଜପା କର୍ମକର୍ତ୍ତା ବୃନ୍ଦ ଏବଂ ନର୍ଲା ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ କଳାହାଣ୍ଡି ପୋଲିସ ଏବଂ ଜିଆର୍‌ପି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ଗଣ୍ଡାବାହାଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିନାପାଲି,୫।୩(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲିରେ ଅନୁସୂଚୀତ ଜାତି ଓ ଜନଜାତିଙ୍କ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ନାଏକଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନୀଲ କୁମାର ସାମଲ, ମୁଖ୍ୟବକ୍ତା ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ



ଶିକ୍ଷା ଅଧିକାରୀ ପ୍ରଭାତ କୁମାର ପାତ୍ର, ବୈକୁଣ୍ଠ ତାଣ୍ଡି, ଚଟିଆଗୁଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ନାଏକ, ସିଆରସିସି ସୁଦର୍ଶନ ଭୋଇ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସେବାଶ୍ରମ ବାର୍ଷିକ କ୍ରୀଡାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଗଲା। କାର୍ଯ୍ୟକ୍ରମ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସୁରେଶ କୁମାର ମେହେର ପରିଚାଳନା କରିଥିବା ବେଳେ ନରେଶ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ, ମେଟ୍ରନ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଦର୍ଶକମାନଙ୍କୁ ଆକର୍ଷିତ କରିପାରିଥିଲେ।

# ଜିଲାସ୍ତରୀୟ ପଞ୍ଚାୟତିରାଜ, ଲୋକସେବା ଦିବସ ପାଳିତ

ନୂଆପଡ଼ା,୫।୩(ମକାରୁ ବେମାଲ)

ନୂଆପଡା ଜିଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲାପାଳଙ୍କ ସଦଭାବନା ସଭାଗୃହରେ ମଙ୍ଗଳବାର ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟାନାୟକଙ୍କ ଫଟୋଚିତ୍ରରେ ପୁଷ୍ପଲମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୂଆପଡା ଭିମସେନ ଶବର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲା ପରିଷଦ ଅଧକ୍ଷା ଡଲି ମାଝି, ଜିଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ଭରତଲାଲ ରାଉତ, ମୁରଲିଧର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୀବନି ଉପରେ ସ୍ମୃତି ଚାରଣ କରି ଜିଲା ବୃଦ୍ଧି ସାଙ୍ଗକୁ କ୍ଷମତା କେନ୍ଦ୍ରୀଭୂତ ନ କରି ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦେଉଥିଲେ। ବିଜୁବାବୁଙ୍କ ପାଇଁ ନୂଆପଡା ଜିଲା ହୋଇ ପାରିଛି ଓ ଜିଲାର ବିକାଶ ହୋଇପାରିଛି। ପ୍ରକୃତରେ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପୁରଣ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲାରେ ୩ଟି ପଞ୍ଚାୟତକୁ ଶ୍ରେଷ୍ଠ ଭାବେ ପୁରସ୍କୃତ କରିଥିଲେ। ଖଡିଆଳ ବ୍ଲକ ଭୋଜପୁର ପଞ୍ଚାୟତକୁ ପ୍ରଥମ, ସିନାପାଲି ବ୍ଲକ ବରଗାଁ ପଞ୍ଚାୟତ ଦ୍ୱିତୀୟ ଓ କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ତୃତୀୟ ଭାବେ ପୁରସ୍କୃତ ହୋଇଛି। କାର୍ଯ୍ୟକ୍ରମ ବରିଷ୍ଠ ସହାୟକ ବିଭୁଦତ ମିଶ୍ର ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିଜୁବାବୁଙ୍କ ଆଦର୍ଶ ଆପଣାଇବାକୁ ଆହ୍ୱାନ

ଭବାନୀପାଟଣା,୫।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ବିଜେଡି ପକ୍ଷରୁ ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୁବାବୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଜୀବନୀ ଓ ଆଦର୍ଶକୁ ବିଜେଡି କର୍ମୀ ଓ ନେତାଗଣ ମନେପକାଇବା ସହ ତାଙ୍କୁ ଭାରତ ରତ୍ନ ସମ୍ମାନରେ ଭୂଷିତ କରିବା ଉଚିତ୍ ବୋଲି କହିଥିଲେ। ଜିଲା ବିଜେଡି ମହାସଚିବ ଭବାନୀ ଶଙ୍କର ମିଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଅନାମ ନାଏକ, ବିଜେଡି ଉପ ସଭାପତି ଜିତେନ୍ଦ୍ର ମହାନ୍ତି, ଅଶେଶ୍ୱର ବାଗ, ମ୍ୟୁନିସିପାଲଟି ଅଧକ୍ଷା ସଂଯୁକ୍ତା ବେହେରା, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ବରିଷ୍ଠ ବିଜେଡି ନେତା ଜାକୀର ହୁସେନ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବିସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ଜିଲା ମହିଳା ପର୍ଯ୍ୟବେକ୍ଷିକା ଜୋସ୍ନା ପରିଡ଼ା, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ



ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

**ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ**

ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଏସସି ସେଲ ସଭାପତି ପ୍ରଶାନ୍ତ ନାଏକ, ସାବନ ଅଲ୍ଲୀ ଖାଁ, ଜିଲା ପରିଷଦ ସଦସ୍ୟ ଦୟାନିଧି ନାଏକ, ଅମିତ ଯାଦବ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୂତନ ଭାବେ ଦଳରେ ଯୋଗଦେଇଥିବା ଭବାନୀପାଟଣା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ ସାହୁ, ଉପାଧକ୍ଷା ପୁଷ୍ପାଞ୍ଜଳି ସାହୁ, ନବ ନିଯୁକ୍ତ ବିଜେଡି ସାଧାରଣ ସମ୍ପାଦକ ଲବଣୀ ମହାନନ୍ଦ, କେସିଙ୍ଗା ବ୍ଲକ ସଭାପତି କୁମୁଦ ବରର୍ତ୍ତି, ଭବାନୀପାଟଣା ଟାଉନ ସଭାପତି ଧବଳେଶର ମହାପାତ୍ର, ବ୍ଲକ ସଭାପତି ପ୍ରେମ ରଞ୍ଜନ ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶିବାଜୀ ମାଝି, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଲାଞ୍ଜିଗଡ ଜୋନ-୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝି, ବ୍ଲକ ଜୋନ -୨ ଜିଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ବ୍ଲକ ବିଜେଡ଼ି ସଭାନେତ୍ରୀ ସୁନିତା ଘଡ଼େଇ, ଜିଲା ବିଜେଡି ସାଧାରଣ ସମ୍ପାଦକ ପାତ୍ର ମାଝି, ବ୍ଲକ ପୂର୍ବତନ ଉପାଧକ୍ଷା ତୁଳସୀ ନାଏକ, ବ୍ଲକ ବିଜେଡ଼ି ଯୁବ ସଭାପତି ଡିଲେଶ ନାଗ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜି ସରପଞ୍ଚ ଯମୁନା ମାଝି ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଜଗଦୀଶ ବେନିଆଁ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ବ୍ଲକ ସଭାପତି ପେସନିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପେକ୍ଷୀରେ ଅନ୍ୟ ଦଳର କିଛି ନେତା ବିଜେଡିରେ ସାମିଲ ହୋଇଥିଲେ।

**କୋକସରା,(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ):** କୋକସରା ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଧର୍ମଗଡ଼ ବିଧାୟକ ମୋଷଧି ବାଗ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ ଓ ତାଙ୍କ ଆଦର୍ଶରେ ଆପଣାଇବାକୁ ଉପସ୍ଥିତ ବିଜେଡି କର୍ମକର୍ତ୍ତାଙ୍କୁ କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ ସ୍ୱର୍ଣ୍ଣିମ ଓଡିଶାର ବିକାଶରେ ଗୁଣ୍ଡୁଚି ମୂଷା ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ବିଜେଡି ବ୍ଲକ ସମ୍ପାଦକ ପଞ୍ଚକ ପୋଢ଼, ଛାତ୍ର ଯୁବନେତା ମାନସ ବେହେରା, ବ୍ଲକ ନାରିନେତ୍ରୀ ଅଶୋକା ନାଏକ, କୁନି ଖର୍ସେଲ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୧୦୮ ୟୁନିଟ୍ ସଂଗ୍ରହ

**ସୋହେଲା,୫।୩(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ହଳଦୀପାଲିସ୍ଥିତ ବିଜେଡ଼ି ଅଫିସରେ ମଙ୍ଗଳବାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ହୋଇଥିଲା। ବିଜେଡ଼ି ଯୁବନେତା ସୁବ୍ରତ ସିଂହ ମୁଖ୍ୟଅତିଥି, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଗୌରହରି ମିଶ୍ର, ଆଦିବାସୀ ଓ ଦଳିତ ଉନ୍ନୟନ ପରିଷଦର ଜିଲା ଉପାଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଦିବ୍ୟ କିଶୋର ପ୍ରଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ କୁମାର ବେହେରା, ଜିଲା ଯୁବ ଉପ ସଭାପତି ନିଲୁ ଝାଙ୍କର ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ଶିବିରରେ ୫୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

### ଅତାବିରାରେ ବିଜୁ ପଟ୍ଟନାୟକଙ୍କ ଜନ୍ମବାର୍ଷିକୀ

**ଅତାବିରା,୫।୩(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମବାର୍ଷିକୀ ପାଳିତ ହୋଇଛି। ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡ଼ି ଜିଲା ସଭାପତି ଡ. ପ୍ରଭାସ ସିଂ, ଜିଲା କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ଏନ୍ଏସି ଅଧ୍ୟକ୍ଷ ବନମାଳି ବରିହା, ଗୌରହରି ମିଶ୍ର, ହରିଶଙ୍କର ବେହେରା, କୁଳମଣି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଚାଷୀନେତା ପାପାରାଓଙ୍କ ସମେତ ଅନେକ ଲୋକ ବିଜେଡ଼ିରେ ମିଶିଥିଲେ। ସେହିପରି ଏକ ରକ୍ତଦାନ ଶିବିର ହୋଇଥିଲା। ଯୁବନେତା ସିଦ୍ଧାର୍ଥ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଜୁବାବୁ ଥିଲେ ବିରଳ ବ୍ୟକ୍ତିତ୍ୱ

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ବିଜେଡ଼ି ପକ୍ଷରୁ ମଙ୍ଗଳବାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ବିଜୁବାବୁ ସାଧାରଣ ଜନତାଙ୍କ ପ୍ରଗତି କଥା ଚିନ୍ତା କରିବା ସହିତ ରାଜ୍ୟ ତଥା ଦେଶର ଉନ୍ନତି ପାଇଁ ସ୍ୱପ୍ନ ଦେଖୁଥିଲେ। ସେ ଜଣେ ବିରଳ ବ୍ୟକ୍ତିତ୍ୱ ଓ ସ୍ୱାଭିମାନୀ ମଣିଷ ଥିଲେ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ ବିଜେଡ଼ି ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ସାଇକେଲ ଶୋଭାଯାତ୍ରା କରାଯାଇଥିଲା। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହା ସହିତ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ରକ୍ତଦାନ ଶିବିର ହୋଇଥିଲା । ଶିବିରରେ ୪୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ବିଜେଡ଼ି କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପ ନଗରପାଳ ରାଜେଶ ଅଗ୍ରୱାଲ, ବରିଷ୍ଠ ବିଜେଡ଼ି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଯୁବନେତା କରନ ସିକନ୍ଦର, ଆଡଭୋକେଟ୍ ଅନୁପ ଶତପଥି, କାଳୀଚରଣ ଦାଶ, କାଉନସିଲର ଉମାଚରଣ ରାଉତ, ପ୍ରତୀକ ଝାୱର ପ୍ରମୁଖ ଉପସ୍ଥିତ ଥିଲେ।

**ସୋହେଲା,(ଅଶ୍ୱିନୀ ପାତ୍ର):** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ବୁଡ଼ାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୁଦ୍ଧଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଇଓ ଗୋଲାପଚାନ୍ଦ ମିଶ୍ର ମୁଖ୍ୟଅତିଥି, ମୋ ସ୍କୁଲ କମିଟି ଅଧ୍ୟକ୍ଷ ଦିବ୍ୟକିଶୋର ସା, ପରିଚାଳନା କମିଟି ସଭାପତି ଶେଷଦେବ ବେହେରା, ସିଆରସିସି କେଦାରନାଥ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ସାହୁ ସାଗତ ଭାଷଣ, ବାଳମୁକୁନ୍ଦ ବାରିକ ଉଦ୍ଦେଶ୍ୟ ଜ୍ଞାପନ ଏବଂ ତୁଳସୀରାମ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର,(ପ୍ରଦୀପ୍ତ ଦାଶ):** ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି କ୍ରମରେ ବିଜେଡି କାର୍ଯ୍ୟାଳୟରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ବିଜେଡି ଟାଉନ ସଭାପତି ନବକିଶୋର ସାହୁ, ରାଜ୍ୟ ସମ୍ପାଦକ ରାଜୁ ଘିବେଲା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସ୍ଥାନୀୟ ଗୋରୁ ବଜାରରେ ବିଜେଡିର ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ସମାନ୍ତରାଳ କାର୍ଯ୍ୟକ୍ରମ ହୋଇଥିଲା। ପୁରୁଖା ବିଜେଡି ନେତା ପ୍ରୀତମ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବଡ଼େଇ, ବରିଷ୍ଠ ବିଜେଡି ନେତା ଜୟନ୍ତ ପାଣିଗ୍ରାହୀ, ଧବଳେଶ୍ୱର ସାହୁ, ସୁରେଶ ଚାନ୍ଦ, ଜିଲା ପରିଷଦ ସଭ୍ୟା ବାସନ୍ତୀ ବାଲାମ, ସନ୍ତୋଷ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବୀରେନ୍ଦ୍ର ସାହୁ, ଯୁବ ବିଜେଡି କର୍ମୀ ରବି ନାରାୟଣ ସାହୁ, ଟୁନୁ ବେହେରା, ଚାଷୀ ନେତା କିଶୋର ଦେବତା, ଗଣେଶ ପ୍ରଧାନ, ବିଶ୍ୱନାଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

**ବରପାଲି (ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ମହଦା କଲ୍ୟାଣ ମଣ୍ଡପଠାରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସମବାୟ ୟୁନିୟନ ଉପସଭାପତି ବିରୋସନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବିଜେପୁର ଏନଏସି ଉପାଧ୍ୟକ୍ଷା ସୀତା ବାରିକ, ସମାଜସେବୀ ନୀହରିକା ଗିରି, ଶକୁନ୍ତଳା ମହାପାତ୍ର, ବରପାଲି ପାକ୍ସ ସଭାପତି ଗୁରୁ ମେହେର, ସରପଞ୍ଚ ରିଙ୍କି ଭୋଇ, କେଶବ ରାଉତ, ସରପଞ୍ଚ ଲକ୍ଷ୍ମୀଲତା ଧନୁକା, ତପସିନୀ ସାହୁ ଏବଂ ସରପଞ୍ଚ ଗୋପାଳ ମେହେର ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

**ପାଇକମାଳ(ବଡ ଶତପଥୀ):** ପାଇକମାଳ ବ୍ଲକସ୍ତରୀୟ ପଞ୍ଚାୟତରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ବିଡିଓ ପ୍ରଫୁଲ୍ଲ କୁମାର ଓଦୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ଭାବନା ସିଂ ମୁଖ୍ୟଅତିଥି, ଏବିଡିଓ ଦେବାଷିଶ ସିହ୍ନା, ସିଡିପିଓ ବାସନ୍ତି ପୂର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିପିଏମ ଇନ୍ଦ୍ରମଣୀ କୁମ୍ଭାର ସଭା ପରିଚାଳନା କରିଥିଲେ। ଏଥିରେ ଛାତ୍ରୀମାନେ ବେଟି ବଚାଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

**ଭେଡେନ (ସୁଦନ ମହାକୁର):** ଭେଡେନ ବ୍ଲକ ପରିସର ସଭାଗୃହରେ ଏବିଡ଼ିଓ ପ୍ରିତେଶ ଦୋରାଙ୍କ ସଭାପତିତ୍ୱରେ ପଞ୍ଚାୟତରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଲାମଣି ଖେତି, ବିଡ଼ିଓ ତ୍ରିପୁର ମହାନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଝାରବନ୍ଧ(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଯତୀନ ହାତୀ, ବିଦ୍ୟୁତ ରଞ୍ଜନ ପ୍ରଧାନ, ହୃଷୀକେଶ ବରିହା, ବିନୋବା ପ୍ରଧାନ, ମାନଭଞ୍ଜନ ବେହେରା, ଲୋକନାଥ ରାଉତ, ନନ୍ଦଲାଲ ମହାପାତ୍ର, କେଶ ରଞ୍ଜନ ବେହେରା ପ୍ରମୁଖ ଯୋଗଦାନ କରି ବିଜୁ ପଟ୍ଟନାୟକଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ପାଇକମାଳ ପୋଲିସର ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ

**ପାଇକମାଳ,୫।୩(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ଗ୍ରାମପଞ୍ଚାୟତ ଅଧୀନ ଖଣ୍ଡିଝରଣ ଗ୍ରାମରେ ପୋଲିସ ବିଭାଗ ପକ୍ଷରୁ ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ସହକାରୀ ଆରକ୍ଷୀ ଅଧୀକ୍ଷକ ବିଭୂତି ଭୂଷଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୋଲିସ ବିଭାଗର ସଂରକ୍ଷିତ ଆରକ୍ଷୀ ବାହିନୀର ମୁଖ୍ୟ ସାନ୍ତନୁ ପଧାନୀ ମୁଖ୍ୟଅତିଥି, କମାଣ୍ଡିଂ ଅଫିସର ରିଷିକେଶ ଚୋବେ, ପ୍ରକୃତି ବନ୍ଧୁ ବିଭୂତି ଭୂଷଣ ମୁଣ୍ଡ ଓ ପାଇକମାଳ ସରପଞ୍ଚ ଚୂଳବତୀ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ବଡ଼େଇ ସଭା ପରିଚାଳନା କରିଥିଲେ। ସଭାରେ ଅତିରିକ୍ତ ଥାନାଧିକାରୀ ବିମଲ ଲାକ୍ରା ଅତିଥି ପରିଚୟ ପ୍ରଦାନ କରିଥିଲେ। ରଣଜିତପୁର, ସାଲେପାଲି ଓ ଖଣ୍ଡିଝରଣ ଗ୍ରାମର ଉପସ୍ଥିତ ଥିଲେ। ଅତିଥିମାନେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ, କର୍ମନିଷ୍ଠା ତଥା ବିଭିନ୍ନ ପ୍ରକାର ସଚେତନତା ଉପରେ ମତବ୍ୟକ୍ତ କରଥିଲେ। ପ୍ରାୟ ଶତାଧିକ ରୋଗୀଙ୍କୁ ଚିକିତ୍ସା କରି ଔଷଧ ମାଗଣାରେ ଯୋଗାଇ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବସ୍ତ୍ର, ଲାଇଟ, ଛତା, ସ୍କୁଲବ୍ୟାଗ, ଖାତା କଲମ ଓ ପାଣି ବୋତଲ, କ୍ରିକେଟ, ଫୁଟବଲ ଓ ଭଲିବଲ ସରଞ୍ଜାମ, ବାଦ୍ୟ ସରଞ୍ଜାମ ବଣ୍ଟାଯାଇଥିଲା। ଖଣ୍ଡିଝରଣ ଗ୍ରାମର ଝିଅମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସିଆରପିଏଫ୍‌ର ଯବାନମାନେ ଯୋଗ ଦେଇଥିଲେ। ଥାନା ଏସ୍ଆଇ ମଦନ ସୁନ୍ଦର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କିଲିଂ ଇଣ୍ଡିଆ ଅଭିଯାନରେ ଶିକ୍ଷା ପ୍ରଦାନ

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**

ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ ପ୍ରାୟୋଜିତ ଭାରତ ସରକାରଙ୍କ ସ୍କିଲିଂ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭ୍ରାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍ ମାଧ୍ୟମରେ ସୋମବାର ରୂପାପାଲି ଗ୍ରାମରେ କମ୍ପ୍ୟୁଟର, ୟୁପିଆଇ ତଥା ସାଧାରଣଜ୍ଞାନ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ ୧୪ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଗତ ଫେବୃୟାରୀ ମାସରୁ ଏପର୍ଯ୍ୟନ୍ତ ମୋଟ୍ ୧୫ଗ୍ରାମର ୩୦୦ଜଣ ଲାଭାର୍ଥୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି ଏବଂ ତାହା ସେମାନଙ୍କ ସାମ୍ପ୍ରତିକ ଜୀବନଯାତ୍ରାକୁ ସୁଗମ କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ସହାୟକ ହେବ ବୋଲି ସୂଚନା ଦିଆଯାଇଛି । ଅଧିକରୁ ଅଧିକ ସଂଖ୍ୟାରେ ଶିକ୍ଷାର୍ଥୀ କିଭଳି ଏହି ଅଭିଯାନରେ ସାମିଲ ହୋଇ ଏହାର ଲାଭ ପାଇବେ, ସେ ଦିଗରେ ମୁରଲି କ୍ରୀଷ୍ଣା ଫାଉଣ୍ଡେଶନ ସର୍ବଦା ତତ୍ପରତାର ସହିତ କାମ କରୁଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ଚେୟାରମ୍ୟାନ କ୍ରୀଷ୍ଣା ସୂଚନା ଦେଇଛନ୍ତି ।



ସ୍କିଲିଂ ଇଣ୍ଡିଆ ଅଭିଯାନରେ ଶିକ୍ଷା ପ୍ରଦାନ କରାଯାଉଛି ।




ବହି ଉନ୍ମୋଚନ ସମାରୋହରେ ଅତିଥିବୃନ୍ଦ ।

## ବହି ଉନ୍ମୋଚନ ସମାରୋହ

**ଗାଇସିଲେଟ୍,୫।୩(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଶରଧାପାଲି ପଞ୍ଚାୟତ ଅଧୀନ ନୂଆପାଲି ଗ୍ରାମରେ ମଙ୍ଗଳବାର ବହି ପରବ୍ ତଥା ବହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ କୋଶଲ ଭଞ୍ଜ କବିଶ୍ରୀ ରସିକ ଚନ୍ଦ୍ର ବେହେରାଙ୍କ କୋଶଲୀ ଭାଷାରେ ରଚିତ ବଲକ୍ ଆମର୍ ଗାଇସିଲାଟ୍‌ର ୨୬ତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସ୍ଥାନୀୟ ବିଡ଼ିଓ ଲକ୍ଷ୍ମଣ ମାଝୀ ମୁଖ୍ୟ ଅତିଥି, ଦହିତା ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୋଶଲୀ କବି ନିରଞ୍ଜନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉକ୍ତ ବହିରେ ଗାଇସିଲେଟ ବ୍ଲକର ସମସ୍ତ ୧୯ପଞ୍ଚାୟତ ଅଧୀନ ଗାଁ ଗୁଡ଼ିକର ଇତିହାସ ଉପରେ ବିଭିନ୍ନ ତଥ୍ୟ ରହିଛି। ଶିକ୍ଷକ ରୁକ୍ମଣ ଦିଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇକେଲରେ ୨୮ ରାଜ୍ୟ ଭ୍ରମଣ କରିଥିବା ନନ୍ଦିଘୋଷଙ୍କୁ ସମ୍ବର୍ଦ୍ଧନା

**ସରଣ୍ଡା,୫।୩(ଯୁଧିଷ୍ଠିର ମହାପାତ୍ର)**

ପରିବେଶ ସଚେତନତା ଲକ୍ଷ୍ୟ ରଖି ଦେଢବର୍ଷ ତଳେ ବରଗଡ ଜିଲା ଭଟଲି ବ୍ଲକର ନୂଆଗଡରୁ ବାହାରିଥିବା ନନ୍ଦିଘୋଷ ଖମାରୀ ଏହା ଭିତରେ ୨୦ ହଜାର କିଲୋମିଟର ସାଇକେଲ ଯାତ୍ରା କରି ମଙ୍ଗଳବାର ବରଗଡ଼ ଜିଲାରେ ପହଞ୍ଚିଛନ୍ତି। ସେ ୨୮ଟି ରାଜ୍ୟ ଭ୍ରମଣ କରି ଫେରିବା ପରେ ଗୋଡ଼ଭଗା ସମେତ ବିଭିନ୍ନ ସ୍ଥାନରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗୋଡଭଗା ଅଞ୍ଚଳର ମା' ଦୁର୍ଗା କମିଟି ସଭାପତି କୁଳମଣି ପ୍ରଧାନ, ସାଧାରଣ ସମ୍ପାଦକ ରମକିସନ ଅଗ୍ରୱାଲ, ଜାବ୍ ତଥା ଆକାଶବାଣୀ ଶ୍ରୋତା ସଂଘର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଖବରଦାତା ସୁରେଶ ଦାଶ, ବୁଲୁ ଅଗ୍ରୱାଲ, ଲାୟନ୍ସ କ୍ଲବର ଦେବବ୍ରତ ରଥ, ମନୋଜ ଶର୍ମା, ପ୍ରଦୀପ କର୍ଣ୍ଣ ପ୍ରମୁଖ ନନ୍ଦିଘୋଷଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକାନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଗୋଡ଼ଭଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରଣେଶ୍ୱର ରାମଚଣ୍ଡୀ ମନ୍ଦିର, ଲଦେରପାଲି ସାତି ଟିଭିଏସ, ରେଙ୍ଗାଲିକ୍ୟାମ୍ପ ଆଦି ସ୍ଥାନରେ ନନ୍ଦିଘୋଷଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନନ୍ଦିଘୋଷ ତାଙ୍କର ଦେଢବର୍ଷର ସାଇକେଲ ଯାତ୍ରାର ଅଭିଜ୍ଞତା ବିଷୟରେ କହିଥିଲେ। ସାଇକେଲର ଅଧିକ ବ୍ୟବହାର ପରିବେଶ ସହ ମଣିଷକୁ ମଧ୍ୟ ସୁସ୍ଥ ରଖିବ ବୋଲି ସେ ମତପ୍ରକାଶ କରିଥିଲେ।




ଗୋଡ଼ଭଗାଠାରେ ସାଇକେଲ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଖରସଲ ଗ୍ରାମରେ ଶହୀଦ ଦିବସ

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ ଖରସଲ ଗ୍ରାମରେ ସୋମବାର ସ୍ୱାଧୀନତା ସଂଗ୍ରାମୀ ଜମିଦାର ସର୍ଦ୍ଦାର ଦୟାଲ ସିଂହଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଗ୍ରାମବାସୀ ତାଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ମୁଖ୍ୟ ଅତିଥି କ୍ରୀଷ୍ଣା ସର୍ଦ୍ଦାର ଦୟାଲ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଶହୀଦ ଦୟାଲ ସିଂହଙ୍କ ସଂଗ୍ରାମ ଉପରେ ଆଲୋକପାତ କରି ପବିତ୍ର ଖରସଲ ମାଟିର ସ୍ପର୍ଶ କରି ପାରିଥିବା ଯୋଗୁ ମୁଖ୍ୟଅତିଥି ନିଜକୁ ଧନ୍ୟ ମଣିଥିଲେ ।



ମୁଖ୍ୟ ଅତିଥି କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନଙ୍କୁ ଗ୍ରାମବାସୀ ପାଛୋଟି ନେଉଛନ୍ତି ।

## ମିଲେଟ୍ ମିଶନ କାଫେ ଲୋକାର୍ପିତ

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ଛକ ନିକଟ (ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାପାର୍ଶ୍ୱ)ରେ ମଙ୍ଗଳବାର ମିଲେଟ ମିଶନ କାଫେ ଲୋକାର୍ପିତ ହୋଇଛି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଏହାର ଲୋକାର୍ପଣ କରିଥିଲେ। ଉକ୍ତ କାଫେରେ ମାଣ୍ଡିଆ ଜାତୀୟ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ ଏବଂ ତାହା ଜନସାଧାରଣଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ବିଧାୟକ ଆଚାର୍ଯ୍ୟ କହିଛନ୍ତି। ଲୋକାର୍ପଣ ସମାରୋହରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଉପନଗରପାଳ ରାଜେଶ ଅଗ୍ରୱାଲ, କାଉନସିଲର ପ୍ରିୟା ତାଣ୍ଡି, ପୂର୍ବତନ କାଉନସିଲର ସୁଜିତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ସଦସ୍ୟା ଉପସ୍ଥିତ ଥିଲେ।

## ୫ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବରପାଲି,୫।୩(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ବ୍ଲକ ଚାରମୁଣ୍ଡା ଏମ୍ଏସ୍ କ୍ଲବ ପକ୍ଷରୁ ଆୟୋଜିତ ୫ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଗୋପାଇପାଲି ବିଜେତା ହୋଇଥିବା ବେଳେ ଜହ୍ନାପଡ଼ା ଦଳ ଉପ ବିଜେତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ସମାଜସେବୀ ନୀହାରିକା ଗିରି, ଜିଲା ପରିଷଦ ସଭ୍ୟ ଅନନ୍ତ ସେଠ, ଆଗଲପୁର ପାକ୍ସ ସଭାପତି ବିରୋସନ ସାହୁ, ବରପାଲି ପାକ୍ସ ସଭାପତି ଗୁରୁ ମେହେର, ସରପଞ୍ଚ ପ୍ରତିନିଧି କେଶବ ରାଉତ, ସରପଞ୍ଚ ରିଙ୍କି ଭୋଇ, ମିତା ନାଏକ ଏବଂ ଲକ୍ଷ୍ମୀଲତା ଧାନୁକା ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ସଶକ୍ତ, ସମୃଦ୍ଧ ଓଡ଼ିଶା ଗଠନ ଆହ୍ୱାନ

**ବରଗଡ଼,୫।୩(ପ୍ରେମାନନ୍ଦ ଖମାରୀ)**

ବିଜୁ ପଟ୍ଟନାୟକଙ୍କ ଜନ୍ମତିଥି ଅବସରରେ ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ ଅଧ୍ୟକ୍ଷତା କରି ବିଜୁବାବୁଙ୍କ ସ୍ୱପ୍ନର ସମୃଦ୍ଧ, ସଶକ୍ତ ଓଡ଼ିଶା ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ।

ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିଜୁବାବୁଙ୍କ ଅଦମ୍ୟ ସାହସିକତା ଏବଂ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବାରେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥା ତଥା ସମସ୍ତ ସରକାରୀ ଯୋଜନା ଗୁଡ଼ିକର ପ୍ରକୃତ ସୁଫଳ ପାଇବା ପାଇଁ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ଏବଂ ବରଗଡ଼ ଜିଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରରେ ଜନସାଧାରଣଙ୍କୁ ଯେଭଳି ବିଭିନ୍ନ ସରକାରୀ ସେବା, ସୁବିଧା ମିଳିପାରିବ ତାହା ସରକାରଙ୍କ ବଡ଼ ଦାୟିତ୍ୱ। ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ରାସ୍ତାଘାଟଠାରୁ ଆରମ୍ଭ କରି ପକ୍କାଘର, ପାନୀୟଜଳ ଯୋଗାଣ ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମାଧ୍ୟମରେ ଏହା ପୂରଣ ହେଉଥିବା ସେ କହିଥିଲେ। ବାଲାଜୀ ବିଶ୍ୱରଞ୍ଜନ ତରାସିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ମହାତ୍ମା ଗାନ୍ଧୀଙ୍କ ଗ୍ରାମସ୍ୱରାଜ ସ୍ୱପ୍ନକୁ ବିଜୁବାବୁ ସାକାର କରିପାରିଥିବା ମତବ୍ୟକ୍ତ କରିଥିଲେ। ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସେତେବେଳେ ଓଡ଼ିଶାର ନାରୀ ସଶକ୍ତୀକରଣ ପାଇଁ ନେଇଥିବା ଯୁଗାନ୍ତକାରୀ ପଦକ୍ଷେପ ଏକ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ଏବଂ ତାର ଆବଶ୍ୟକତା କେତେ ଅଧିକ ଥିଲା, ତାହା ଆଜି ଅନୁଭବ କରିହୁଏ ବୋଲି ତରାସିଆ କହିଥିଲେ ।

ଏହି ଅବସରରେ ତୃଣମୂଳସ୍ତରରେ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉତ୍କୃଷ୍ଟ ପ୍ରଦର୍ଶନ କରି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜେପୁର ବ୍ଲକ ପହଣ୍ଡି ପଞ୍ଚାୟତକୁ ୧ଲକ୍ଷ ୫୦ହଜାର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜାରିଂ ପଞ୍ଚାୟତକୁ ୧ଲକ୍ଷ ୨୫ହଜାର ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପଦ୍ମପୁର ବ୍ଲକ ମେଲଛାମୁଣ୍ଡା ପଞ୍ଚାୟତକୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଜିଲା ପରିଷଦର ଜିଲା ପରାମର୍ଶଦାତା ମଧୁସୂଦନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଜନ ପ୍ରତିନିଧିବୃନ୍ଦ ।

## ସଂକ୍ଷେପରେ

### ମାର୍କେଟ୍ ଭଙ୍ଗାଯିବା ନିଷ୍ପତ୍ତିକୁ ନେଇ ଚାପା ଉତ୍ତେଜନା

ନୂଆଗାଁ,୪।୩(ବିଜୟ ତ୍ରିପାଠୀ)

ସୁନ୍ଦରଗଡ ଜିଲା ନୂଆଗାଁ ପଞ୍ଚାୟତ ଜମି ଜବରଦଖଲ ଉଚ୍ଛେଦକୁ ନେଇ ସ୍ଥାନୀୟ ପ୍ରଶାସନ ଓ ତହସିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଥିଲା। ସମସ୍ତ ଜବରଦଖଲକାରୀଙ୍କୁ ନୋଟିସ୍ ଦେବା ସହ ଆସନ୍ତା ୬ ତାରିଖରେ ଉଚ୍ଛେଦ ନେଇ ମାଇକ ଯୋଗେ ଅବଗତ କରାଯାଇଥିଲା। ଏନେଇ କିଛି ଜବରଦଖଲକାରୀ ଦୋକାନୀ ଆପତ୍ତି କରିବା ସହ ପାନପୋଷ ଉପଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ପ୍ରଥମେ ସେମାନଙ୍କୁ ଥଇଥାନ କରିବାସହ ଉଚ୍ଛେଦ ପାଇଁ କିଛି ମାସ ସମୟ ଦେବାକୁ ଅନୁରୋଧ କରିଥିଲେ। ସୋମବାର ସନ୍ଧ୍ୟାରେ ବୀରମିତ୍ରପୁର ତହସିଲଦାର ଗୌରୀ ନାୟକ ଓ ନୂଆଗାଁ ବିଡିଓ ଜ୍ୟୋତିବିକାଶ ଦାସ ମାର୍କେଟରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଦୋକାନୀମାନେ ଅନୁରୂପଭାବେ ତହସିଲଦାର ଓ ବିଡିଓଙ୍କୁ କିଛିଦିନ ସମୟ ମାଗିବା ସହ ସେମାନଙ୍କୁ ପ୍ରଥମେ ଥଇଥାନ ପାଇଁ ଅନୁରୋଧ କରିଥିଲେ। କିଛି ମହିଳା ଓ ଯୁବକ ଏହାର ବିରୋଧ କରିବା ସହ ଶୀଘ୍ର ଜବରଦଖଲ ଉଚ୍ଛେଦ ପାଇଁ ଯିଦି ଧରିଥିଲେ। ଜବରଦଖଲ ଯୋଗୁ ରାସ୍ତା ଉପରେ ସପ୍ତାହିକ ହାଟ ବସୁଛି, ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାରେ ପଡୁଛନ୍ତିବୋଲି ସେମାନେ ଯୁକ୍ତି ବାଢିବା ସହ ନିର୍ଦ୍ଧାରିତ ତାରିଖରେ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଥିଲେ। ଫଳରେ କିଛି ସମୟ ପାଇଁ ଉଚ୍ଛେଦ ସପକ୍ଷବାଦୀ ଓ ବିପକ୍ଷ ବାଦୀ ମୁହାଁମୁହିଁ ହେଇଥିଲେ। ତହସିଲଦାର,ବିଡିଓ ସରପଞ୍ଚ ଉପସ୍ଥିତ ଲୋକଙ୍କୁ ବୁଝା ସୁଝା କରିବାସହ ସରକାର ନିଶ୍ଚିତଭାବେ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ।

### ପ୍ରାକ୍ତନ ସୈନିକଙ୍କ ଘରବାହୁଡ଼ା

କୋଲାବିରା,୫।୩(ଚିନ୍ମୟ କୁମାର ବହିଦାର)

ବିଗତ ୩୦ବର୍ଷ ଧରି ଜଣେ ସୈନିକ ଭାବେ ଦେଶମାତୃକାର ସେବାରେ ନିୟୋଜିତ ଥିବା କୋଲାବିରା ବ୍ଲକ ସନ୍ୟାସିପାଲି ଗ୍ରାମର ଛବିଳ କୁମାର ବାଗ୍ ମଙ୍ଗଳବାର ନିଜ ଜନ୍ମମାଟିକୁ ଫେରିଛନ୍ତି। ସୁବେଦାର ବାଗ୍ ଶ୍ରୀନଗରରୁ ଫେରିବା ପରେ ଦୁଲଦୁଲି ବାଦ୍ୟ ସହ ଏକ ଶୋଭାଯାତ୍ରାରେ ନିଜ ଘର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଛବିଲ ୨୫ ଫେବୃଆରୀ ୧୯୯୪ରେ ସେନା ବିଭାଗରେ ଜଣେ ସିପାହି ଭାବରେ ଯୋଗଦେଇଥିଲେ। କଠିନ ପରିଶ୍ରମ ବଳରେ ଅବସର ସମୟ ପର୍ଯ୍ୟନ୍ତ ତାଙ୍କର ସୁବେଦାର ପଦକୁ ପଦୋନ୍ନତି ହୋଇଥିଲା। ଚାକିରି କାଳର ଶେଷ ପର୍ଯ୍ୟାୟରେ ସେ କଶ୍ମୀର ଘାଟିର ବିଭିନ୍ନ ସ୍ଥାନରେ ଦୀର୍ଘ ୧୦ ବର୍ଷ ଧରି କାର୍ଯ୍ୟ ସମ୍ପାଦନ କରି ୩୪ ରାଷ୍ଟ୍ରୀୟ ରାଇଫଲ୍ସ ବାଟାଲିୟନରୁ ଅବସର ଗ୍ରହଣ କରିଛନ୍ତି। କୋଲାବିରା ଅଞ୍ଚଳର ଜନସାଧାରଣ, ପୋଲିସ ତଥା ପ୍ରାକ୍ତନ ସୈନିକ ଯୋଗଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ଗୁରୁକୁଳ କଲେଜରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।



ଛେଣ୍ଡ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି।

# ଜୟନ୍ତୀରେ ବିଜୁବାବୁଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ

ରାଉରକେଲା,୫।୩
(ସଙ୍ଗୀତା ଜେନା/ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୧୦୮ତମ ଜୟନ୍ତୀ ପାଳନ କରାଯାଇଛି। ରାଉରକେଲା ନିର୍ବାଚନମଣ୍ଡଳୀରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ଛେଣ୍ଡ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ବିଶ୍ରା ଛକ ସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏକ ମେଗା ରକ୍ତଦାନ ଶିବିର ହୋଇଥିଲା। ଏଥିରେ ୪୦୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମଧ୍ୟାହ୍ନରେ ଛେଣ୍ଡ ସ୍ଥିତ ଏସ୍ଓଏସ୍ ଭିଲେଜ୍ ତଥା ଆଶାଦୀପ୍ ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ ଫଳବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଧାମରା

**ରାଉରକେଲାର ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ**

ସଂଘରେ ବିଜୁବାବୁଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ନଗର ସଭାପତି ଗଗନ ପଣ୍ଡାଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଉପସଭାପତି ରଶ୍ମିବାଳା ମିଶ୍ର, ବ୍ରିଜମୋହନ ଅଗ୍ରୱାଲ, ରାଜ୍ୟ ଆଇନଜୀବୀ ଉପସଭାପତି ସନ୍ତୋଷ ନାୟକ, ସନ୍ଧ୍ୟା ଲାକ୍ରା, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ଆରତୀ ଚୌଧୁରୀ, ଆଇନଜୀବୀ ଜିଲା ସଭାପତି ସତ୍ୟନାରାୟଣ ମହାପାତ୍ର, ଉପସଭାପତି ସୁଦାମ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରଘୁନାଥପାଲୀ ନିର୍ବାଚନମଣ୍ଡଳୀରେ ବିଧାୟକ ସୁବ୍ରତ ତରାଇଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ତରାଇ ସ୍ୱର୍ଗତ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ମୁଖପାତ୍ର ମିହିର ରାୟ, ସୁଧୀର ସୁନ୍ଦରରାୟ, ବରିଷ୍ଠ ନେତା ବଂଶୀଧର ପରିଡ଼ା, ଜ୍ୟୋତିରଞ୍ଜନ ମହାନ୍ତି, ସତ୍ୟାନନ୍ଦ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଜଗଦାସ୍ଥିତ ସିଡବ୍ଲ୍ୟୁଏସ୍ ହସ୍ପିଟାଲରେ ମହିଳା ନେତ୍ରୀ ଇନ୍ଦିରା ନାୟକଙ୍କ ନେତୃତ୍ୱରେ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଦକ୍ଷିଣ ରାଉରକେଲା ଉତ୍କଳନଗରଠାରେ ଅର୍ବାନ ହସ୍ପିଟାଲରେ ରକ୍ତଦାନ ଶିବିର ହୋଇଥିଲା। ଜଲଦା ଗ୍ରାମପଞ୍ଚାୟତରେ ବ୍ଲକ ସଭାପତି ଗୋପୀନାଥ ଖାଲକୋଙ୍କ ନେତୃତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା।

ସେହିପରି ରାଉରକେଲାର ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ କଲେଜର ଛାତ୍ରୀଛାତ୍ରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡାକ୍ତର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ବିକାଶ ଚୌଧୁରୀ, ପ୍ରିୟଙ୍କା ପାଣି, ନମିତା ନାୟକ, ରଶ୍ମିତା ମଲ୍ଲିକ, ବସନ୍ତ କୁମାର ପଣ୍ଡା, ୱାର୍ଡସଭ୍ୟ ସନ୍ତୋଷ କୁମାର ଯୋଗ ଦେଇଥିଲେ।

### ଶିଳ୍ପ ବିକାଶରେ ବିଜୁବାବୁଙ୍କ ଭୂମିକା ଅତୁଳନୀୟ

ରାଉରକେଲା,୫।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବ୍ରାହ୍ମଣୀ କ୍ଲବରେ ମଙ୍ଗଳବାର ଉଦ୍ୟୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ସମ୍ପାଦକ ନୀଳମଣି ପ୍ରେମଚାନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ଏଲଡିଏମ ଦୁର୍ଗାଦାସ ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ ଶିଳ୍ପୋଦ୍ୟୋଗ ବିକାଶ କ୍ଷେତ୍ରରେ ବିଜୁ ବାବୁଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପାନପୋଷ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା, କଳୁଙ୍ଗା ଏସ୍‌ବିଆଇ ଶାଖା ପରିଚାଳକ ଅର୍ପିତା ତ୍ରିପାଠୀ, ପରିବେଶ ଅଧିକାରୀ ପ୍ରିତମ ପତି ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ। ସଫଳ ଉଦ୍ୟୋଗୀ ଉଦୟ ପଟେଲ ଓ ନିହାରିକା ବସ୍ତିଆ ସେମାନଙ୍କ ସଫଳତା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧିକାରୀ ବିକାଶ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ମୃତିରଞ୍ଜନ ରାଉତରାୟଙ୍କ ସମେତ ଶ୍ରମ ବିଭାଗର ପୁଷ୍ପଲତା ସାହୁ, ଯୁଗଜ୍ୟୋତି ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ।



ଗ୍ରାମବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ବିଧାୟକଙ୍କ ନେତୃତ୍ୱରେ ଏସ୍‌ପି ଅଫିସ ଘେରାଉ

ରାଉରକେଲା, ୫।୩(ସଙ୍ଗୀତା ଜେନା)

**ପିକ୍‌ଅପ୍ ଭ୍ୟାନ ଚାଳକ ନିଖୋଜ ମାମଲା**

ଝିରପାଣି ଥାନା ଅଧୀନ ସାପ୍ତାହିକ ହାଟକୁ ବୋଲେରୋରେ ଚାଷୀମାନଙ୍କୁ ନେଇ ନିଖୋଜ ଥିବା ଗାଡ଼ି ଚାଳକ ମଙ୍ଗଳ ଓରାମଙ୍କ ପତ୍ତା ଏଯାଏ ମିଳିନି। ତେବେ ତାଙ୍କୁ ଶୀଘ୍ର ଖୋଜି ବାହାର କରିବାକୁ ଦାବି କରି ମଙ୍ଗଳବାର ବିରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ନେତୃତ୍ୱରେ ଗ୍ରାମବାସୀ ରାଉରକେଲା ଏସ୍‌ପି ଅଫିସ ଘେରାଉ କରିଥିଲେ। ଏହାସହ ସେମାନେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଧାୟକ ଓରାମ ଅଭିଯୋଗ କରିଛନ୍ତି, ୨୯ତାରିଖରୁ ଅଭିଯୋଗ ହୋଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ମଙ୍ଗଳ ଗରିବ ହୋଇଥିବାରୁ ପୋଲିସ ଏହି ମାମଲାକୁ ଗୁରୁତ୍ୱ ଦେଉନାହିଁ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଅନଶନ କରିବେ ବୋଲି ଓରାମ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ଝିରପାଣି ପୋଲିସ ତଦନ୍ତକୁ ଜୋରଦାର କରିଛି। ଘଟଣା ଦିନ ମଙ୍ଗଳଙ୍କ ଫୋନ୍ ବନ୍ଦ ଥିବା ସ୍ଥାନ ଶଙ୍ଖ ବ୍ରିଜ ପର୍ଯ୍ୟନ୍ତ ପ୍ରତ୍ୟେକ ସିସିଟିଭି ଯାଞ୍ଚ କରାଯାଇଛି। ସେହିପରି ଓଡ଼ିଶା-ଝାଡଖଣ୍ଡ ସୀମାବର୍ତ୍ତୀ ଠେଠେଇଟାଙ୍ଗର ଗ୍ରାମରେ ମଧ୍ୟ ତଲାସୀ କରାଯାଇଛି। ଏଥିପାଇଁ ଝାଡଖଣ୍ଡ ପୋଲିସର ସହଯୋଗ ନିଆଯାଉଛି । ଏହାବ୍ୟତୀତ ସିଡ଼ିଆର୍ ରିପୋର୍ଟ ଆଧାରରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ବୋଲି ପୋଲିସ କହିଛି।

### ଧାନ ଫସଲରେ ଗଣ୍ଡିପୋକ: ଚିନ୍ତାରେ ଚାଷୀ

କୋଲାବିରା,୫।୩(ଚିନ୍ମୟ କୁମାର ବହିଦାର)

କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତର ବେଲମୁଣ୍ଡା, ସମାସିଂହା ଅଞ୍ଚଳରେ ରବି ଧାନ ଫସଲରେ ଗଣ୍ଡି ପୋକ ନିୟନ୍ତ୍ରଣ ହେଉନାହିଁ। କୀଟନାଶକ ପ୍ରୟୋଗକଲେ ମଧ କାମ ଦେଉନାହିଁ। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ଧାନଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି, ସାର, କୀଟନାଶକ, ପହ୍ଲାରୁଆ କାର୍ଯ୍ୟ ପାଇଁ ସେମାନେ ଖର୍ଚ୍ଚାନ୍ତ ହୋଇଛନ୍ତି। ହେଲେ ରୋଗ ପୋକ ନିୟନ୍ତ୍ରଣ ହେଉ ନ ଥିବାରୁ ଆର୍ଥିକ ସମସ୍ୟା ସାଙ୍ଗକୁ ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ଗଣ୍ଡିପୋକ ରୋଗରେ ଧାନଗଛ ପୋଡି ନଷ୍ଟ ହୋଇଯାଉଛି। ଏହି ରୋଗରେ ଧାନଗଛର ମୂଳ କାଣ୍ଡ ସରୁ ଓ ଧଳା ହୋଇ ଉପରକୁ ବାହାରି ଆସୁଛି। ଫଳରେ ଚାଷୀ କ୍ଷତିରେ ପଡ଼ିବା ଆଶଙ୍କା ପ୍ରକାଶ ପାଉଛି। ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଭିଏଲ୍‌ଡବ୍ଲ୍ୟୁ ନିୟୋଜିତ ହୋଇଥିଲେ ସୁଦ୍ଧା ଚାଷୀମାନେ ଆବଶ୍ୟକ ପରାମର୍ଶ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଫସଲରୁ ରୋଗପୋକ ଦମନ କରା ନ ଗଲେ ଚାଷ ସମ୍ପୂର୍ଣ୍ଣ ଉଜୁଡିଯିବା ଆଶଙ୍କା ରହିଛି। କୃଷି ଅଧିକାରୀ କ୍ଷୟକ୍ଷତି ଆକଳନକରି ସହାୟତା ପାଇଁ ଚାଷୀମାନେ ଦାବି କରିଛନ୍ତି।

### ପ୍ଲୁଟନ ମଲ୍‌ରେ ଗୃହସ୍ଥୀ ବଜାର ଉଦ୍‌ଘାଟିତ

ରାଉରକେଲା,୫।୩(ଦିନେଶ ମିଶ୍ର)

ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଛେଣ୍ଡ ସ୍ଥିତ ପ୍ଲୁଟନମଲ୍ ତଳ ମହଲାରେ କମ୍ପାନୀର ସିଇଓ ଅମିତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗୃହସ୍ଥୀ ବଜାର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଏମ୍‌ଡି ଗୋକୁଳ ଆନନ୍ଦ ବାଗେଡିଆଙ୍କ ଉପସ୍ଥିତିରେ ଛେଣ୍ଡ ସ୍ଥିତ କମ୍ପାନୀର ମୁଖ୍ୟାଳୟରେ ବିଧିବଦ୍ଧ ଭାବେ ରୁଦ୍ରାଭିଷେକ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଅପରାହ୍ନରେ ପ୍ଲୁଟନ ମଲ୍‌ରେ ଥିବା ନୂତନ ଗୃହସ୍ଥୀ ବଜାରର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଗୃହସ୍ଥୀର ସିଏମ୍‌ଡି ଗଣେଶ ପ୍ରସାଦ ବାଗେଡିଆ ଓ ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗେଡିଆ ଅତିଥି ଭାବେ ଯୋଗଦେଇ ଗୃହସ୍ଥୀ ମସଲାକୁ ଲୋକେ ପସନ୍ଦ କରିଥିବାରୁ ଏହାର ମାନକୁ କିଭଳି ଆହୁରି ସର୍ବୋତ୍ତମ କରିହେବ ସେ ନେଇ ଗୃହସ୍ଥୀ ତତ୍ପରତା ସହ ଆଗକୁ କାର୍ଯ୍ୟ ଜାରି ରଖିବ ବୋଲି ମତପ୍ରକାଶ କରିଥିଲେ। ବଣିକ ସଂଘର ପୂର୍ବତନ ସଭାପତି ସୁବ୍ରତ ପଟ୍ଟନାୟକ, ବିଡି ଶିବାହରେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମଙ୍ଗଳବାର ଗୃହସ୍ଥୀ ଉଦ୍ୟୋଗର ସିଏମ୍‌ଡି ଗଣେଶ ପ୍ରସାଦ ବାଗେଡିଆ ଓ ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗେଡିଆଙ୍କ ବିବାହ ବାର୍ଷିକ ଅବସରରେ ଏହି ନୂତନ ଷ୍ଟୋର ଉଦ୍‌ଘାଟନକୁ ନେଇ କମ୍ପାନୀର କର୍ମଚାରୀ ମହଲରେ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ବଜାରରେ ସମସ୍ତ ପ୍ରକାର ସ୍ପାଇସେସ୍ ଓ ଫୁଡ୍ ଷ୍ଟଲ ସାମଗ୍ରୀ ଉପଲବ୍ଧ ହେବା ସହ ବୁଟ ମସଲା, ଫ୍ୟାମିଲି ମସଲା, ହେଙ୍ଗୁ, ସିମେଇ, ବିଭିନ୍ନ କିସମର ପାସ୍ତା, ଅଟା, କେସର, ସୋୟାସସ୍ ସହ ଘିଅ ଭଳି ପ୍ରାୟ ୪ଶହ ମସଲା ସାମଗ୍ରୀ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଏଥିସହ ଅନେକ ସମୟରେ ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ସ୍ୱତନ୍ତ୍ର ସ୍କିମ୍ ଘୋଷଣା କରାଯାଉଛି ବୋଲି ସିଏମ୍‌ଡି ବାଗେଡିଆ ଜଣାଇଛନ୍ତି। କମ୍ପାନୀର ରତନ କଂସାରୀ, ଶୁଭଶ୍ରୀ ରାୟ, ତୁରୁମାଲା ପୁରୁଷୋତ୍ତମ, ପ୍ରଫୁଲ୍ଲ ପାତ୍ର, ଦୀପକ ତିୱାରୀ, ଅଭିନାଶ ମିଶ୍ର, କିରଣ ସ୍ୱାଇଁ, ବିନୟ ମହାନ୍ତି, ନାରାୟଣ ସାହୁ, ଶରତ ମହାରଣା ପ୍ରମୁଖ ସହଯୋଗ କରିଥିଲେ।



ଗୃହସ୍ଥୀ ବଜାରକୁ ଉଦ୍‌ଘାଟନ କରାଯାଉଛି।

## ଛତିଶଗଡ଼କୁ ହରାଇ ହାଇଦ୍ରାବାଦ ବିଜୟୀ

ରାଉରକେଲା,୫।୩(ଦିନେଶ ମିଶ୍ର)

**ସର୍ବଭାରତୀୟ ବିଜୁ ପଟ୍ଟନାୟକ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଆରଏସ୍ଏ ପକ୍ଷରୁ ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ ପରିସରରେ ଚାଲିଥିବା ୧୮ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ ସପ୍ତମ ରାଉରକେଲା ଓପନ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ୩ଟି ମ୍ୟାଚ୍ ଖେଳା ଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ସୁମନ ଦତ୍ତ ଓ ଫକୀର ଚରଣ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ୱାଇବିସି ବନପୋଷ ଓ ରୟାଲ କ୍ଲବ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ ରୟାଲ କ୍ଲବ ରାଉରକେଲା ୨-୧ ଗୋଲରେ ୱାଇବିସି ବନପୋଷକୁ ପରାସ୍ତ କରି ବିଜୟୀ ହୋଇଛି। ରୟାଲ କ୍ଲବର ଏକଲବ୍ୟ ଲାଖୁଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ପଟେଲ ବ୍ରଦର୍ସ ଓ ଜବାବନପୋଷ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଟେଲ ବ୍ରଦର୍ସ ଦଳ ଜବାବନପୋଷ ଦଳକୁ ୬-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ପଟେଲ ବ୍ରଦର୍ସ ଦଳର ଚିତ୍ତରଞ୍ଜନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ନିୟୁ ଫ୍ରେଣ୍ଡ୍ସ କ୍ଲବ ଛତିଶଗଡ ଓ ଆଟଲାରୀ ହାଇଦ୍ରାବାଦ ମଧ୍ୟରେ ତୃତୀୟ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ହାଇଦ୍ରାବାଦ ଦଳ ଷ୍ଟ୍ରାଇକ୍ ବ୍ରେକରରେ ୫-୪ ଗୋଲରେ ଛତିଶଗଡ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଦଳର ରିକି ଚୌଧୁରୀ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ଅଶ୍ୱିନୀ ବେହେରା, ସାନିକା ତିର୍କୀ, ମନୋଜ ପାଣ୍ଡେ, ବିନୋଦ ଓରାମ, ରୋସନ ଖାନ, ରାଜେଶ ତିର୍କୀ, ସାନିକା ତିର୍କୀ, ମନୋଜ ପଣ୍ଡା ପ୍ରମୁଖ ରେଫରୀ ଭାବେ ଯୋଗଦେଇ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଦୁର୍ଗାମାଧବ ନାୟକ ମ୍ୟାଚ୍ ତଦାରଖ କରିଥିଲେ। ଆରଏସ୍ଏ ସଭାପତି ମିହିର ରାୟ, ଉପସଭାପତି ଅର୍ଜୁନ ଭୂୟାଁ, ନଟରାଜ ବେହେରା, ସମ୍ପାଦକ ସୁବାଷ ପଣ୍ଡା, ସୂର୍ଯ୍ୟ କୁମାର ପାତ୍ର, ଜେ. କେ. ଭୂୟାଁ, ଧନେଶ୍ୱର ଦାସ, ଧନଞ୍ଜୟ ତ୍ରିପାଠୀ, ମନୋଜ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଖେଳାଳି।

## ଆଗକୁ ଗ୍ରୀଷ୍ମ, ସରୁନି ଜଳପ୍ରକଳ୍ପ କାର୍ଯ୍ୟ

ରାଉରକେଲା,୫।୩(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସରକାର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ବହୁ ବୃହତ୍ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ତେବେ ଏହି ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ ହେଉ ନ ଥିବାରୁ ଲୋକଙ୍କୁ ଏହାର ସୁଫଳ ମିଳିପାରୁନାହିଁ।

ସୂଚନା ଅନୁସାରେ,୨୦୨୦-୨୧ରେ ରାଉରକେଲା ସହରର ୨୨ଟି ଜୋନ୍‌କୁ ପାନୀୟ ଜଳ ଯୋଗାଇବା ପାଇଁ ଜଳ ପ୍ରକଳ୍ପ ନିର୍ମାଣ ସକାଶେ ୧୨୯କୋଟି ୬୪ଲକ୍ଷ ବ୍ୟୟବରାଦ କରାଯାଇଥିଲା। ସେହିପରି ରାଉରକେଲା ସହରରେ ୨୪ଘଣ୍ଟା ଟ୍ୟାପ ଯୋଗେ ୩ଲକ୍ଷ ଲୋକଙ୍କୁ ଦୈନିକ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୨୦୨୨-୨୩ରେ ୬କୋଟି ୫୮ଲକ୍ଷ ଟଙ୍କା ମଞ୍ଜୁର ହେଲା। ଏହି ଅନୁଦାନରେ ବିଭାଗ ପକ୍ଷରୁ ଜଳ ପ୍ରକଳ୍ପ ନିର୍ମାଣ କାମ କରାଯାଇଥିଲେ ମଧ ତାହା ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି।



ସିଭିଲଟାଉନଶିପ୍ ଅଞ୍ଚଳରେ ମନ୍ଥର ଗତିରେ ଚାଲିଥିବା ଜଳପ୍ରକଳ୍ପ ।

ଜଳ ବିଶୋଧନ ପ୍ଲାଣ୍ଟ, ଫିଲ୍ଟର ହାଉସ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାମ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ସହରର ଦହିପୋଷ, ପାନପୋଷ ଜୋନ-୧୧, ଛେଣ୍ଡ-୧ ଓ ୨ର ଜୋନ-୧୨/୧୩, ବାସନ୍ତୀ ଜୋନ-୧୭, ଦେଓଗାଁ ଜୋନ-୨୯, ନବକୃଷ୍ଣନଗର ଜୋନ-୩୦, ବେଦବ୍ୟାସ ଜୋନ-୩୫, ଝାଡତରଙ୍ଗ ଜୋନ-୩୬, ଟିମ୍ବର କଲୋନୀ ଜୋନ-୧୫, ମଧୁସୂଦନପାଲ୍ଲୀ ଜୋନ-୧୬, ଜବାହରନଗର ଜୋନ-୨୭ରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଅନୁରୂପ ଭାବେ ଆରଏମସି ଅଧୀନ ୪୦ଟି ୱାର୍ଡରେ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ଧାର୍ଯ୍ୟ ହୋଇଥିବା ବେଳେ ପ୍ରକଳ୍ପର ଆନୁଷଙ୍ଗିକ କାର୍ଯ୍ୟ ଏଯାଏଁ ସରିନି। ପ୍ରକଳ୍ପ ଆରମ୍ଭ ସମୟ ତା ୩୦।୪।୨୩ରିଖ ଥିବାବେଳେ ନିର୍ମାଣ ସମ୍ପୂର୍ଣ୍ଣ ଅବଧି ତା୨୮।୯।୨୩ରିଖ ରହିଥିଲା। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଅବଧି ଶେଷ ହୋଇଥିବା ବେଳେ ନିର୍ମାଣ କାମ ସରିନାହିଁ। ଫଳରେ ଆରଏମ୍‌ସିର ୩ଲକ୍ଷ ଲୋକ ଆସନ୍ନ ଗ୍ରୀଷ୍ମ ପ୍ରବାହରେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି।

ପାଣିପାଗ ବିଭାଗର ଅନୁମାନ ମୁତାବକ ଆଗକୁ ରାଜ୍ୟରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବିଗତ ବର୍ଷ ଭଳି ରାଉରକେଲା ସହରର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ, କୋଏଲ ଓ ଶଙ୍ଖ ନଦୀ ଉପରେ ମଧ ଏହାର ପ୍ରଭାବ ପଡିବା ସ୍ୱାଭାବିକ। ଏହି ନଦୀଗୁଡିକରୁ ଜଳ ଉତ୍ତୋଳନ ହୋଇ ବିଶୋଧନ ପରେ ରାଉରକେଲା ସହରକୁ ଯୋଗାଣ କରାଯାଇଥାଏ। ଏଣୁ ସହରବାସୀଙ୍କୁ ଉତ୍କଟ ଜଳ ସମସ୍ୟାରୁ ମୁକୁଳାଇବା ପାଇଁ ଏହି ୨ ବୃହତ ଜଳପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି। ଏ ନେଇ ରାଉରକେଲା ୱାଟ୍‌କୋ ମୁଖ୍ୟ ପରିଚାଳକ ପ୍ରତାପ କେଶରୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଉଭୟ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିଲା। ମାତ୍ର ସହରରେ ଝାଡାବାନ୍ତି ବ୍ୟାପିବା କାରଣରୁ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ଅନ୍ୟପକ୍ଷେ ଆର୍‌ଏସ୍‌ପି ସହ ମଧ ନିର୍ମାଣ କାର୍ଯ୍ୟ ନେଇ କିଛି ସମସ୍ୟା ରହିଛି। ଆଗକୁ ନିର୍ମାଣ କାର୍ଯ୍ୟ ଯେଭଳି ତ୍ୱରାନ୍ୱିତ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ନିର୍ମାଣ କାର୍ଯ୍ୟ ପୁଣି ଯୁଦ୍ଧକାଳୀନ ଭିତ୍ତିରେ ହେବ ବୋଲି ମହାନ୍ତି କହିଥିଲେ।

## ସଂକ୍ଷେପରେ

### ଉଚ୍ଚ ବିଦ୍ୟାଳୟରେ ପଞ୍ଚାୟତିରାଜ ଦିବସ

ସମ୍ବଲପୁର,୫।୩(ପ୍ରମୋଦ ବହିଦାର): ମାନେଶ୍ୱର ବ୍ଲକ ଅନ୍ତର୍ଗତ ପାଞ୍ଚଫୁଟ୍ ଉଚ୍ଚ ବିଦ୍ୟାଳୟରେ ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶୀଳ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶତାବ୍ଦୀର ମହାନାୟକ ଭାବେ ଅଭିହିତ କରି ତାଙ୍କୁ ମିଳିଥିବା ଭୂମିପୁତ୍ର ଉପାଧିର ତାତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ। ଛାତ୍ରୀ ହରପ୍ରିୟା ବେହେରା, ସିମରନ ବେହେରା, ତପସ୍ୱିନୀ ଛୁରିଆ ପ୍ରମୁଖ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରି ତାଙ୍କର ଆଦର୍ଶକୁ ଅନୁସରଣ କରିବାକୁ ସହପାଠୀଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ଶିକ୍ଷକ ସତ୍ୟଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ପେସ୍‌ଟେକ୍ କାର୍ଯ୍ୟକ୍ରମ: ଭିସୁଟ୍ ପୁରାତନ ଛାତ୍ରଙ୍କ ୬.୫ କୋଟି ସଂଗ୍ରହ

ସମ୍ବଲପୁର,୫।୩(ପ୍ରମୋଦ ବହିଦାର): ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ଓଡ଼ିଶା ଅନ୍ତର୍ଗତ ସ୍ପେସଫିଲ୍ଡ ମହାକାଶ ବିଜ୍ଞାନ କାର୍ଯ୍ୟକ୍ରମ ପାଇଁ ଭିସୁଟ୍‌ର ତିନିଜଣ ପୁରାତନ ଛାତ୍ର ୬.୫ କୋଟିର ମୂଳ ପୁଞ୍ଜି ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ସେମାନେ ହେଲେ ଦିଲ୍ଲୀସ୍ଥିତ ଡିପ୍‌ଟେକ୍ ସିଣ୍ଡିକେଟ୍ କମ୍ପାନୀର ସହଯୋଗୀ ପ୍ରତିଷ୍ଠାତା ଅପୂର୍ବ ମାସୁକ୍, ସୁଦର୍ଶନ ସାମଲ ଓ ରୌନକ ଅଗ୍ରୱାଲ। ସୂଚନା ଅନୁସାରେ ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାନର ଏଫ୍‌ଏସ୍‌ଆଇଡିରେ ଏରୋସ୍ପେସ୍ ଇଞ୍ଜିନିୟରିଂ ବିଭାଗ ସହଯୋଗରେ ସ୍ପେସ୍‌ଫିଲ୍ଡ ଭାରତର ପ୍ରଥମ ଏରୋସ୍ପାଇକ୍ ରକେଟ୍ ଇଞ୍ଜିନର ପରୀକ୍ଷଣ କରିଥିଲା। ସୂଚନାଯୋଗ୍ୟ, ସ୍ପେସ୍‌ଫିଲ୍ଡକୁ ଓଡ଼ିଶା ଓ କର୍ଣ୍ଣାଟକ ସରକାରଙ୍କ ଯଥାକ୍ରମେ ଷ୍ଟାର୍ଟଅପ୍ ଇଣ୍ଡିଆ ସିଡ୍‌ଫଣ୍ଡ ଓ ବୋଇଂ ଇଣ୍ଡିଆ ପକ୍ଷରୁ ଆବଶ୍ୟକ ମୂଳପୁଞ୍ଜି ସ୍ୱରୂପ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତେବେ ଏହି ଆର୍ଥିକ ସହାୟତାକୁ ଜଟିଳ ହାର୍ଡୱେର, ବିଭିନ୍ନ ଶକ୍ତିଶାଳୀ ବୈଷୟିକ ଉପକରଣ ଏବଂ ଯନ୍ତ୍ରପାତି ନିର୍ମାଣ ଓ ପରୀକ୍ଷଣ ସହିତ କମ୍ପାନୀର ବିସ୍ତାର ତଥା ଅଭିବୃଦ୍ଧିରେ ବିନିଯୋଗ କରାଯିବ ବୋଲି ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବା କମ୍ପାନୀର ପ୍ରତିଷ୍ଠାତା କହିଛନ୍ତି। ସମଗ୍ର ବିଶ୍ୱରେ ଲାଗି ରହିଥିବା ବିବାଦ, ସୀମାକୁ ନେଇ ରାଜନୈତିକ ଉତ୍ତେଜନା, ଯୁଦ୍ଧାସ୍ତ୍ରକୁ ନେଇ ପ୍ରତିଯୋଗିତାର ମୁକାବିଲା ପାଇଁ ସ୍ୱଦେଶୀକରଣକୁ ପ୍ରାଥମିକତା ଦିଆଯାଇ ଏହି କାର୍ଯ୍ୟକ୍ରମ ଫଳପ୍ରଦ ସାବ୍ୟସ୍ତ ହେବ ବୋଲି ସ୍ପେସଫିଲ୍ଡର ସିଇଓ ତଥା ପ୍ରତିଷ୍ଠାତା ଭିସୁଟ୍ ପୁରାତନ ଛାତ୍ର ଅପୂର୍ବା ମାସୁକ କହିଛନ୍ତି।

### ୬ ପେଟି ବିଅର ଜବତ, ଜଣେ ଗିରଫ

ନାକଟିଦେଉଳ,୫।୩(ବୈକୁଣ୍ଠନାଥ ସାହୁ) ନାକଟିଦେଉଳର ଏକ ବିଦେଶୀ ମଦ ଦୋକାନରୁ ବାଇକ୍ ଯୋଗେ ମଦ ଚୋରା ଚାଲାଣ ହେଉଥିବା ବେଳେ ମଙ୍ଗଳବାର ପୋଲିସ ଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୬ପେଟି ବିଦେଶୀ ମଦ (ବିଅର) ସହ ବାଇକ୍ ଜବତ କରିଛି। ଗିରଫ ଯୁବକ ହେଲେ ନାକଟିଦେଉଳ ଗ୍ରାମର କର୍ମଚାରୀ ଅଶୋକ ବିଶି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉକ୍ତ ମଦ ଦୋକାନର କର୍ମଚାରୀ ଅଶୋକ ଓଆର୍-୧୫ଏଲ୍-୮୬୭୯ ନମ୍ବର ବିଶିଷ୍ଟ ବାଇକ୍‌ରେ ୬ପେଟି ବିଅର ବୋଝେଇକରି ବାଟଗାଁ ଅଞ୍ଚଳକୁ ଚାଲାଣ କରୁଥିଲେ। ନାକଟିଦେଉଳ ପୋଲିସ ଖବର ପାଇ ଝାରବେଡ଼ା ନିକଟରେ ତାଙ୍କୁ କାବୁ କରିଥିଲା। ପୋଲିସ ବାଇକ୍‌ରେ ବୋଝେଇ ହୋଇଥିବା ୭୨ଟି ବିଅର ବୋତଲ ଜବତ କରି ଅଶୋକଙ୍କୁ ଗିରଫ କରିଥିଲା। ଜବତ ମଦର ପରିମାଣ ୪୬.୮ ଲିଟର ହେବ ବୋଲି ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି। ନାକଟିଦେଉଳ ଥାନା ଏସ୍‌ଆଇ ପବିତ୍ର କୁମାର ଭୋଇ ଓ ଏଏସ୍‌ଆଇ ହୀରାଧର ବେହେରା ସଦଳବଳ ଏହି ଚଢ଼ାଉ କରିଥିଲେ। ଏ ସମ୍ପର୍କରେ କେସ୍ ନଂ.୪୦/୨୪ରେ ଏକ ମାମଲା ରୁଜୁ କରାଯାଇ ଅଶୋକଙ୍କୁ ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଛି।

# ସଂରକ୍ଷଣ ବ୍ୟବସ୍ଥା ମହିଳାଙ୍କୁ ପ୍ରୋତ୍ସାହିତ କରିଛି

## ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ

ସମ୍ବଲପୁର,୫।୩ (ଭବାନୀ ଶଙ୍କର ଭୋଇ)



ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ପୁରସ୍କାର ବିତରଣ କରାଯାଉଛି।

ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅଦମ୍ୟ ସାହସିକତା ଓ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବାରେ ତାଙ୍କର ବିଶେଷ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ପଞ୍ଚାୟତିରାଜ ବ୍ୟବସ୍ଥା ତଥା ସମସ୍ତ ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି। ବିଜୁ ବାବୁଙ୍କ ସମୟରେ ଲାଗୁ ହୋଇଥିବା ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଓଡ଼ିଶାର ମହିଳାଙ୍କୁ ପ୍ରୋତ୍ସାହିତ କରିଛି ବୋଲି କହିଥିଲେ। ଜିଲାପରିଷଦ ଉପାଧକ୍ଷ ମାଧବ ମିର୍ଦ୍ଧା ଗଣତନ୍ତ୍ରରେ ଜନସାଧାରଣଙ୍କୁ ଯେଭଳି ବିଭିନ୍ନ ସରକାରୀ ସୁବିଧା ମିଳିପାରିବ ତାହା ସରକାରଙ୍କ ବଡ ଦାୟିତ୍ୱ ଏବଂ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ରାସ୍ତାଘାଟଠାରୁ ଆରମ୍ଭ କରି ପକ୍କା ଘର, ପାନୀୟ ଜଳ ଯୋଗାଣ ଭଳି ବିକାଶମୂଳକ କାର୍ଯ୍ୟ ମାଧ୍ୟମରେ ଏହା ପୂର୍ଣ୍ଣ ହେଉଥିବା କହିଥିଲେ। ସମ୍ବଲପୁରକୁ ବିକଶିତ କରିବା ପାଇଁ ପଞ୍ଚାୟତ ସମିତିଠାରୁ ଆରମ୍ଭ କରି ଗ୍ରାମପଞ୍ଚାୟତ ସ୍ତରରେ ସରକାରୀ ସେବା ପହଞ୍ଚାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମ୍ବଲପୁର ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ପୋଷଣ ଅଭିଯାନ ଅଧୀନରେ ରେଢ଼ାଖୋଲ ବ୍ଲକର ଲୁହାପଙ୍କ ଆଇସିଡିଏସ୍ କ୍ଷେତ୍ରର ବଡ଼ମାଲ ଆଇସିଡିଏସ୍ ପ୍ରକଳ୍ପକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ବଲପୁର ସହରାଞ୍ଚଳ ଆଇସିଡିଏସ୍ ପ୍ରକଳ୍ପର ସାକ୍ଷୀପଡ଼ା -୨ ଅଙ୍ଗନୱାଡ଼ିକୁ ଦ୍ୱିତୀୟ ଓ ବାମରା ଆଇସିଡିଏସ୍ ପ୍ରକଳ୍ପର ବରିହା ଗରପୋଷକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିଥିମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଓରମାସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା କୃଷି ଅଧିକାରୀ ଗୌରୀଶଙ୍କର ସିଂ, ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ମିଶ୍ର, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍କେଟ କମ୍ପ୍ଲେକ୍ସ ଛାତ ଢଳେଇ ନିମ୍ନମାନର



ମାର୍କେଟ କମ୍ପ୍ଲେକ୍ସ ଛାତ ଢଳେଇ କରାଯାଉଛି।

କୁଚିଣ୍ଡା,୫।୩(ବିରଞ୍ଚି ଦର୍ଶା)

କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ଆଠଗାଁ ଛକରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଛାତ ଢଳେଇ କାମ ନିମ୍ନମାନର ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାମର ସୋମବାର ଛାତ ଢଳେଇ ହୋଇଛି। କୁନ୍ତରା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିବା ବେଳେ ସେ କୌଣସି କାରଣରୁ ବର୍ତ୍ତମାନ ଛୁଟିରେ ଅଛନ୍ତି। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଛାତ ଢଳେଇର ଶୁଭାରମ୍ଭ କରି କିଛି ସମୟ ରହିବା ପରେ ସେଠାରୁ ଚାଲିଯାଇଥିଲେ। ଫଳରେ କାମ କରୁଥିବା ଠିକାଦାର ସରକାରୀ ଆନୁପାତିକ ହାରଠାରୁ କମ ସିମେଣ୍ଟ ଅଧିକ ବାଲି ମିଶ୍ରଣ କରି ଛାତ ଢଳେଇ କରିଥିବା ଅଭିଯୋଗ କରି ଏହାର ସ୍ଥାୟିତ୍ୱ ସମ୍ପର୍କରେ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଜ୍ଞା ପରମିତା ନାୟକଙ୍କୁ ପଚାରିବାରେ ନିମ୍ନମାନର ଛାତ ଢଳେଇକୁ ଅସ୍ୱୀକାର କରି ଢଳେଇ ଆରମ୍ଭ ହେବାର ଘଣ୍ଟାଏ ପର୍ଯ୍ୟନ୍ତ ରହି ଅନ୍ୟତ୍ର କାମଥିବାରୁ ସେ ଚାଲିଯାଇଥିବା କହିଛନ୍ତି।

# ୭ରୁ ୪ର୍ଥ ହୀରାଖଣ୍ଡ ନାଟ୍ୟ ମହୋତ୍ସବ

## ଅଭିନେତା ଉତ୍ତମ ପାଇବେ ହୀରାଖଣ୍ଡ ନାଟ୍ୟ ସମ୍ମାନ

ସମ୍ବଲପୁର,୫।୩(ବି.ଶଙ୍କର)




ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ସମ୍ବଲପୁରର ନାଟ୍ୟାନୁଷ୍ଠାନ ଅଦୃଶ୍ୟ ନାଟ୍ୟ ଆଶ୍ରମ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନୀ କଳା ବିଭାଗର ମିଳିତ ଆନୁକୂଲ୍ୟରେ ୪ର୍ଥ ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଆସନ୍ତା ୭ରୁ ଆରମ୍ଭ ହେବ। ଏହି ଜାତୀୟସ୍ତରୀୟ ନାଟକ ମହୋତ୍ସବ ସକାଶେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମ୍ବଲପୁର ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଓଡିଶା ସମେତ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ନାଟ୍ୟ ଦଳ ନାଟକ ମଞ୍ଚସ୍ଥ କରିବେ। ମଙ୍ଗଳବାର ଜିଲା ସମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଦୃଶ୍ୟ ନାଟ୍ୟ ଆଶ୍ରମର ସମ୍ପାଦକ ଅତିଶ କୁମାର ଶତପଥି ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଉଦ୍‌ଘାଟନୀ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମ୍ମୁଖ୍ୟ ଅଧ୍ୟକ୍ଷ ପ୍ରଫେସର ସଂଯୁକ୍ତା ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଉଦ୍‌ଘାଟନ କରିବେ। ସନ୍ଧ୍ୟାରେ ଝାଡ଼ଖଣ୍ଡ ଜାମଶେଦପୁର ସାଂସ୍କୃତିକ ଦଳ ନାଟକ ଦିଗ୍‌ଦର୍ଶକ ପ୍ରଦର୍ଶିତ କରିବେ। ଦ୍ୱିତୀୟ ସନ୍ଧ୍ୟାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପଶ୍ଚିମବଙ୍ଗ ଝାରଗ୍ରାମ କଥାକ୍ରିତୀର କଳାକାରମାନେ ନାଟକ ଉଜୟ ସମ୍ବାଦ ପରିବେଷଣ କରିବେ। ତୃତୀୟ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ନୃପରାଜ ସାହୁ ମୁଖ୍ୟଅତିଥି ରହିବେ। ଦେବଗଡ ଜିଲାର ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ନାଟକ ଲୁହର ରଙ୍ଗ ପରିବେଷିତ ହେବ। ଉଦଯାପନୀ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେବେ। ମହୋତ୍ସବ ଆୟୋଜକ ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରମାନେ ନାଟକ ଥିପ ଥିପ ପାନି ମଞ୍ଚସ୍ଥ କରିବାର କାର୍ଯ୍ୟକ୍ରମ ରହିଛି । ଚଳିତବର୍ଷ ମର୍ଯ୍ୟାଦାଜନକ ହୀରାଖଣ୍ଡ ନାଟ୍ୟ ସମ୍ମାନ-୨୦୨୪ ଅଭିନେତା ଉତ୍ତମ ବେହେରାଙ୍କୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି ବୋଲି ସମ୍ପାଦକ ଅତୀଶ କହିଛନ୍ତି । ଖବରଦାତା ସମ୍ମିଳନୀରେ ବରିଷ୍ଠ ସଦସ୍ୟ ନରେନ୍ଦ୍ର ବେହେରା ଓ ଅଭିନେତା ସୁବଳ ବାଗ ମଞ୍ଚାସୀନ ଥିଲେ।

# ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ

ନାକଟିଦେଉଳ,୫।୩ (ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଧନାଇ ଚରଣ ଟୁଡୁ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପଞ୍ଚାୟତ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଗ୍ରାମାଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସବୁବେଳେ ଓଡ଼ିଶା ଓ ଓଡ଼ିଆଙ୍କ କଥା ଚିନ୍ତା କରୁଥିଲେ ବୋଲି କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ସାହୁ ବିଜୁବାବୁଙ୍କ ଓଡ଼ିଶା ପ୍ରତି ରହିଥିବା ତ୍ୟାଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣକରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଏବିଡିଓ ବିଦ୍ୟାଧର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରପେକ୍ଷ ମତଦାନ ପାଇଁ ଛାତ୍ରୀଙ୍କ ଶପଥପାଠ



ନିରପେକ୍ଷ ମତଦାନ ପାଇଁ ଛାତ୍ରୀଙ୍କ ଶପଥପାଠ।

ସମ୍ବଲପୁର,୫।୩(ପ୍ରମୋଦ ବହିଦାର):

ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ତଥା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ 'ମେରା ପହେଲା ଭୋଟ ଦେଶକେ ଲିଏ' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଛାତ୍ରୀମାନଙ୍କୁ ଦେଶ ଗଠନରେ ମତାଧିକାର ସାବ୍ୟସ୍ତ କରିବାର ଆବଶ୍ୟକତା ଓ ଏହାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ନିର୍ଭୀକ, ପକ୍ଷପାତ ବିହୀନ ତଥା ନିରପେକ୍ଷ ମତଦାନ ପାଇଁ ଛାତ୍ରୀମାନେ ଶପଥ ପାଠ କରିଥିଲେ। ଏହାସହ ଛାତ୍ରୀମାନଙ୍କୁ ଏ ସମ୍ପର୍କିତ ଏକ ସଚେତନତାଧର୍ମୀ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଉପସ୍ଥିତ ଛାତ୍ରୀମାନଙ୍କୁ ପରିବାର, ବନ୍ଧୁ ପରିଜନ, ପଡ଼ୋଶୀ ସର୍ବୋପରି ସମସ୍ତ ଯୋଗ୍ୟ ମତଦାତାଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପୂର୍ବକ ନିର୍ବାଚନୀ ପର୍ବରେ ଭାଗନେଇ ନିରପେକ୍ଷ ଓ ସ୍ୱଚ୍ଛ ମତଦାନ ପାଇଁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ମୋନାଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ଅଧାପକ ଅଧାପିକା ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବିଦ୍ୟାଳୟସ୍ତରୀୟ ପଞ୍ଚାୟତିରାଜ ଦିବସ

ସମ୍ବଲପୁର,୫।୩(ପ୍ରମୋଦ ବହିଦାର):

ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ। ଏହି ଅବସରରେ ସୁଦୃଢ଼ ପଞ୍ଚାୟତିରାଜ ବ୍ୟବସ୍ଥା ହିଁ ସୁଦୃଢ଼ ଗଣତନ୍ତ୍ରର ପରିଚାୟକ ଶୀର୍ଷକ ବକ୍ତୃତା ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ସମେତ ଅନୁବିନ୍ଦା ଦାଶ, ପଙ୍କଜିନୀ ନାୟକ, ଜୟନ୍ତୀ ହୋତା, ଦୀପକ ଓରାମ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଭୋକେଶନାଲ୍ ଶିକ୍ଷକ ସନ୍ମୁନ ଡନସନା ଓ ଦେବଶ୍ରୀ ଦେହୁରି, ବୁଦ୍ଧି ବାହାଦୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପଦ୍ମିନୀ ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦେଶୀ ମଦ ଜବତ, ଜଣେ ଗିରଫ

ରେଙ୍ଗାଲି,୫।୩ (ଦେବବ୍ରତ ପଣ୍ଡା)- ସମ୍ବଲପୁର ଜିଲା ରେଙ୍ଗାଲିଠାରେ ପୋଲିସ ଚଢ଼ାଉ କରିବିଦେଶୀ ମଦ ଜବତ ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ରେଙ୍ଗାଲି ଥାନା ସାଲେପଡ଼ାର ଅମିତ ଓରାମ। ସୂଚନା ଅନୁସାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଅମିତ ଏକ ଟିଭିଏସ୍ ଏକ୍ସେଲ (ଓଡ଼ି୧୫ଏସ-୫୨୭୨)ରେ ମଦ ନେଇ ଯାଉଥିବା ବେଳେ ଗଣେଶନଗରଠାରେ ତାଙ୍କୁ ଧରିଥିଲା। ତାଙ୍କଠାରୁ ୪୮ବୋତଲ ବିଦେଶୀ ମଦ ଜବତ କରି ପୋଲିସ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୪୫/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ମିଶନଶକ୍ତି ଗୃହରେ ତାଲା ପକାଇଲା ମହିଳା ସଂଘ




ମିଶନଶକ୍ତି ଗୃହରେ ତାଲା ପକାଇବା ଅବସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ।

ରେଢ଼ାଖୋଲ,୫।୩(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବ୍ଲକ ତ୍ରିବଣପୁର ପଞ୍ଚାୟତରେ ମିଶନ ଶକ୍ତି ଗୃହରେ ପଞ୍ଚଖଣ୍ଡା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ତାଲା ପକାଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପଞ୍ଚଖଣ୍ଡା ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଗୋ ପାଳନ କେନ୍ଦ୍ର ପାଇଁ ୩ଲକ୍ଷ ଟଙ୍କା ଋଣ ମଞ୍ଜୁର କରାଯାଇଥିବା ନେଇ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଆମ ପଞ୍ଚାୟତର ବିକାଶ ପୁସ୍ତିକାରେ ପ୍ରକାଶ କରାଯାଇଛି। ସଂଘ ସଭାପତି ମିନାକ୍ଷୀ ପ୍ରଧାନ ଓ ସମ୍ପାଦିକା ସୁପ୍ରିତା ପ୍ରଧାନଙ୍କ ସହ ଅନ୍ୟ ସଭ୍ୟା ଏ ନେଇ କିଛି ଜାଣି ନ ଥିବାବେଳେ ଏଭଳି ମିଥ୍ୟା ଋଣ କରି ଆତ୍ମସାତ୍ କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ପଞ୍ଚାୟତରେ ନିଯୁକ୍ତ ଏମ୍‌ବିକେ ସୀତା ଦୀପଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିବା ପରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ମିଶନ ଶକ୍ତି ଗୃହରେ ତାଲା ପକାଇଦେଇଛନ୍ତି। ଏହାର ତଦନ୍ତ ନ ହେବା ଯାଏ ତାଲା ପଡିବ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୯ତାରିଖରେ ମିଶନ ଶକ୍ତିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ପଞ୍ଚାୟତର ମହିଳାମାନେ ଅଭିଯୋଗ କରିବା ସହିତ ତଦନ୍ତ ପାଇଁ ବିଡିଓ, ଉପଜିଲାପାଳ, ବ୍ଲକ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ରିପୋର୍ଟ ଆସି ନ ଥିବା ବିଡିଓ ମନୋଜ କୁମାର ମେହେର କହିଛନ୍ତି। ସେହିପରି ମିଶନଶକ୍ତି ଗୃହରେ ମଙ୍ଗଳବାର ପଞ୍ଚଖଣ୍ଡା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ତାଲା ପକାଯାଇଥିବା ଘଟଣା ସେ ଜାଣି ନ ଥିବା ବିଡିଓ ମେହେର କହିଛନ୍ତି।

# ବିଜୁବାବୁ ଆଙ୍କିଥିବା ନକ୍ସା ସମସ୍ତଙ୍କୁ ବାଟ ଦେଖାଉଛି

## ବିଜେଡିର ଶ୍ରଦ୍ଧାଞ୍ଜଳି ସଭା

ସମ୍ବଲପୁର,୫।୩ (ଭବାନୀ ଶଙ୍କର ଭୋଇ)




ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ନେତୃବୃନ୍ଦ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ସମ୍ବଲପୁର ତରଫରୁ ରେମେଡ଼ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଦଳୀୟ ନେତୃବୃନ୍ଦ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ ସମାଜର ସବୁ ବର୍ଗର ଲୋକଙ୍କୁ ନେଇ ବିକାଶ କରିବା ଲାଗି ବିଜୁ ବାବୁ ଆଙ୍କିଥିବା ନକ୍ସା ଏବେ ମଧ୍ୟ ଆମ ସମସ୍ତଙ୍କୁ ବାଟ ଦେଖାଉଛି ବୋଲି କହିଥିଲେ। ପୂର୍ବତନ ସାଂସଦ ପ୍ରମିଳା ବହିଦାର ମହିଳା ସଶକ୍ତୀକରଣ ଦିଗରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସହ ଲୋକଙ୍କ ସେବାରେ ନିଜ ଜୀବନ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ। ଜିଲା ବିଜେଡି ସଭାପତି ରୋହିତ ପୂଜାରୀ ବିଜୁ ପଟ୍ଟନାୟକଙ୍କ ସ୍ୱାଭିମାନ ଓ ନୀତିଆଦର୍ଶକୁ ପାଥେୟ କରି ଓଡ଼ିଶାର ସର୍ବପ୍ରିୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନବୀନ ଓଡ଼ିଶା ଗଠନ କରିବା ଦିଗରେ କାର୍ଯ୍ୟ କରୁଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁ, ସମ୍ବଲପୁର ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି, ମହିଳା ବିଜେଡି ଜିଲା ପର୍ଯ୍ୟବେକ୍ଷକ ମିନତୀ ଦେବତା, ଜିଲା ବିଜେଡି ଉପସଭାପତି ଅଶୋକ ମହାକୁର, ଜିଲା ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ମହିଳା ବିଜେଡି ସମ୍ବଲପୁର ଜୋନ ସଭାନେତ୍ରୀ ସିପ୍ରା ମହାନ୍ତି, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲା ସଭାନେତ୍ରୀ ବନ୍ଦିତା ମିଶ୍ର, ମହିଳା ବିଜେଡି ମହାନଗର ସଭାନେତ୍ରୀ ସଂଯୁକ୍ତା ମେହେର, ମହିଳା ବିଜେଡି ଜିଲା ଉପସଭାନେତ୍ରୀ ସୁବର୍ଣ୍ଣ ନାୟକ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଯୁବ ବିଜେଡି ସମ୍ବଲପୁର ଜୋନ ସଭାପତି ମିଳନ ହୋତା, ଯୁବ ବିଜେଡି ଜିଲା ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଯୁବ ବିଜେଡି ଜିଲା ସମ୍ପାଦକ ଦୀନେଶ ସେଠ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କୁକୁଡ଼ା ଚିଆଁର ଯତ୍ନ



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ରୁ ୭ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ। ୧୧୨ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ। ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜ୍‌ବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ। ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ, ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ।

## ଫଳଗଛର ସୁରକ୍ଷା



ଅଧିକ ଅମଳ ପାଇବା ପାଇଁ ଫଳଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବକଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍‌ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନପରେ ଥରେ ସଲ୍‌ଫର (୮୫% ସେଚିତ ଦାନାଦାର) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଈ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ। ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ରୁ ୬ ଇଞ୍ଚ ଓସାର) ଭୂମି ପଉନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ ।

# ଗାଈ ପାଳନ: କିଛି କଥା



ଡା. ହିମାଂଶୁ ବେହେରା

ଆଜିକାଲି ଗୋପାଳନ ଏକ ଲାଭଜନକ ବ୍ୟବସାୟ ଭାବରେ ବେଶ୍ ପରିଚିତ। ଅନେକେ ଏହାକୁ ନିଜ ଆୟର ମୁଖ୍ୟ ଉତ୍ସ ଭାବରେ ଗ୍ରହଣ କରିନେଇଛନ୍ତି। ଏହାଦ୍ୱାରା ଗାଈ ଗାଳନ କରୁଥିବା ବ୍ୟକ୍ତି ଦୁଗ୍ଧ ଏବଂ ସେଥିରୁ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ବିକ୍ରୟକରି ନିଜ ପରିବାର ଚଳାଇଥାଏ। ତେବେ ଏ ବିଷୟରେ କେତେକ କଥା ସେମାନେ ଜାଣିବା ନିହାତି ଜରୁରୀ। ଗାଈ ସମ୍ପର୍କରେ କେତେକ ପ୍ରମୁଖ ବିଷୟରେ ନିମ୍ନରେ ସୂଚନା ଦିଆଗଲା।

- ଗାଈ ସବୁବେଳେ ସୁସ୍ଥ ରହିବା ନିହାତି ଦରକାର। ଏହାର ଶରୀରର ତାପମାତ୍ରା ୩୮–୩୯ ଡିଗ୍ରୀ ସେଲ୍‌ସିୟସ ଭିତରେ ରହିବା ଆବଶ୍ୟକ।
- ବୟସ୍କ ଗାଈମାନଙ୍କର ଶ୍ୱାସକ୍ରିୟା ସାମାନ୍ୟ ୧୦–୩୦ ଥର (ଶ୍ୱାସ ଛାଡ଼ିବା ଏବଂ ନେବା) ହୋଇଥାଏ। ଏହା ବାଛୁରୀମାନଙ୍କରେ ୩୦–୫୦ଥର ହୋଇଥାଏ।
- ଗାଈମାନେ ପ୍ରତିଦିନ ପାକୁଳି କରିଥାଆନ୍ତି। ଏଭଳି ପ୍ରକ୍ରିୟା ସେମାନେ ୬–୧୦ଘଣ୍ଟା ପର୍ଯ୍ୟନ୍ତ କରନ୍ତି। ଗୋଟିଏ ଗାଈ ଅତିକମ୍‌ରେ ୫ଥର ଏବଂ ଅତିବେଶିରେ ୨୫ ଥର ପାକୁଳି କରିଥାଏ। ପ୍ରତ୍ୟେକ ଥର ପାକୁଳିର ସମୟସୀମା ହେଉଛି ୧୦–୬୦ମିନିଟ୍। ଗାଈମାନେ ପ୍ରତିଦିନ ପ୍ରାୟ ୫ ଘଣ୍ଟା ଖାଦ୍ୟ ଖାଆନ୍ତି। ଏକ ଲିଟର ଦୁଗ୍ଧ ଉତ୍ପାଦନ ପାଇଁ ଗୋଟିଏ ଗାଈ ଅତିକମ୍‌ରେ ୩–୫ ଲିଟର ପାଣି ପିଇବା ଦରକାର।
- ଏକ ୩୫୦–୪୦୦ କିଗ୍ରା ଓଜନ ବିଶିଷ୍ଟ ଗାଈ ପ୍ରତିଦିନ ୨୦–୨୫ କିଗ୍ରା ଗୋବର ଦେଇଥାଏ। ତା' ସହ ୧୦ଲିଟର ପର୍ଯ୍ୟନ୍ତ ମୂତ୍ର ତ୍ୟାଗ କରିଥାଏ।
- ଏକ ଗାଈ ବାଛୁରୀ ଜନ୍ମ କରିବାର ୨ ମାସ ପରେ ଗାଈ ନିଜର ଦୁଗ୍ଧ ଉତ୍ପାଦନର ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚିଥାଏ। ଅନ୍ୟପକ୍ଷରେ ବାଛୁରୀ ଜନ୍ମ କରିବାର ମାତ୍ରା ବୃଦ୍ଧି ହେବା ସହ ଦୁଗ୍ଧ ଉତ୍ପାଦନର ମାତ୍ରା ମଧ୍ୟ ବୃଦ୍ଧି ହୋଇଥାଏ। ୧ ଲିଟର ଦୁଗ୍ଧ ଉତ୍ପାଦନ ପାଇଁ ଗାଈର ପହ୍ନାକୁ ୫୦୦ ଲିଟର ରକ୍ତ ପ୍ରବାହର ଆବଶ୍ୟକ ହୋଇଥାଏ।
- ଗାଈମାନଙ୍କର ଯୌବନାରମ୍ଭର ହାରାହାରି ବୟସ ସୀମା ରହିଛି। ଦେଶୀ ଗାଈର ବୟସୀମା ୨.୫ ବର୍ଷ ହୋଇଥାଏ। ଅନ୍ୟପକ୍ଷରେ ସଙ୍କର ଗାଈର ଏହି ସୀମା ହେଉଛି ୧.୫ ବର୍ଷ। ଯୌବନାରମ୍ଭ ଗାଈ(ଛଡ଼ା)ର ବୟସ ସହ ଶରୀର ଓଜନ, ରୋଗ ପ୍ରତିରୋଧକ ଶକ୍ତି, ପରିବେଶ ଏବଂ ପରିଚାଳନା ଉପରେ ମଧ୍ୟ ନିର୍ଭର କରିଥାଏ। ବାଛୁରୀ ଜନ୍ମହେବାର ୪୨ଦିନ ମଧ୍ୟରେ ଗାଈ ପୁଣି ଥରେ ଗରମ ଆସିବା ନିତାନ୍ତ ଆବଶ୍ୟକ ।

> "ଗାଈମାନଙ୍କର ହାରାହାରି ଗର୍ଭକାଳ ୨୮୦-୨୯୦ଦିନ ହୋଇଥାଏ। ସଦାସର୍ବଦା କୃତ୍ରିମ ଗର୍ଭଧାରଣ ତାରିଖ ଲେଖି ରଖିବାକୁ ଭୁଲନ୍ତୁ ନାହିଁ। କୃତ୍ରିମ ଗର୍ଭଧାରଣର ୨-୩ ମାସ ମଧ୍ୟରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଗର୍ଭ ପରୀକ୍ଷା କରାଇନେବା ଆବଶ୍ୟକ। ଗାଈମାନଙ୍କର ପ୍ରସବ ପୀଡ଼ା ଆରମ୍ଭ ହେବାର ୧ ଘଣ୍ଟା ମଧ୍ୟରେ ପାଣିର ଥଳି ଦେଖାଯାଇଥାଏ। ପ୍ରଥମ ଥର ବାଛୁରୀ ଜନ୍ମ କରୁଥିବା ଛଡ଼ା ଗାଈକୁ ୪-୫ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗିଥାଏ। ବାଛୁରୀ ଜନ୍ମହେବାର ୩-୮ ଘଣ୍ଟା ମଧ୍ୟରେ ଫୁଲ ବାହାରିଥାଏ। ଫୁଲ ନ ବାହାରିଲେ ବଳ ପ୍ରୟୋଗକରି ବାହାର କରନ୍ତୁ ନାହିଁ । ଏହାଦ୍ୱାରା ଅଧିକ ରକ୍ତ ବାହାରିଥାଏ ଏବଂ ଗାଈର ମୃତ୍ୟୁ ହେବା ଯଥେଷ୍ଟ ଆଶଙ୍କା ରହିଛି।"



### ଗାଈମାନଙ୍କ ଗରମର ଲକ୍ଷଣ

ସାଧାରଣତଃ ଗାଈମାନେ ୨୧ ଦିନରେ ଗରମକୁ ଆସିଥାନ୍ତି। ଗରମ ଆସିବାର ଲକ୍ଷଣକୁ ଚିହ୍ନଟ କରିବା ପାଇଁ ମୁଖ୍ୟ ଲକ୍ଷଣ କେତୋଟି ରହିଛି। ଏହି ସମୟରେ ଗାଈ ନିଜ ଉପରେ ଅନ୍ୟ ପ୍ରାଣୀଙ୍କୁ ଚଢ଼ିବାକୁ ଦେଇଥାଏ। ତାହାର ଯୋନି ଦ୍ୱାରରୁ ସଫା ଲାଳ ନିର୍ଗତ ହୋଇଥାଏ। ଏହି ଲକ୍ଷଣ ସହ ଗାଈ ବାରମ୍ବାର ବୋବାଇବା, ଯୋନି ଫୁଲିବା, ସ୍ୱଳ୍ପ ସ୍ରାବହେବା, ଦୁଗ୍ଧ ଉତ୍ପାଦନରେ ହ୍ରାସ ଏବଂ ଅତ୍ୟଧିକ ଚଳଚଞ୍ଚଳ ଆଦି ଲକ୍ଷଣ ମଧ୍ୟ ପ୍ରକାଶ ପାଇଥାଏ। ଯଦି ଏକ ଗାଈ ୩ଥର କୃତ୍ରିମ ଗର୍ଭ ଧାରଣ ପରେ ମଧ୍ୟ ଗର୍ଭ ଧାରଣ କରିବାରେ ଅସମର୍ଥ ହୋଇଥାଏ,ତା'ହେଲେ ବିଳମ୍ବ ନ କରି ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

### କୃତ୍ରିମ ଗର୍ଭ ଧାରଣ ସମୟ

ଗରମ ଆସିବାର ଲକ୍ଷଣ ସକାଳେ ଜଣାପଡ଼ିଲେ ସେହିଦିନ ସନ୍ଧ୍ୟାରେ କୃତ୍ରିମ ଗର୍ଭଧାରଣ କରାନ୍ତୁ। ଗରମ ଆସିବାର ଲକ୍ଷଣ ସନ୍ଧ୍ୟାରେ ଜଣାପଡ଼ିଲେ ପରଦିନ ସକାଳେ ଗର୍ଭଧାରଣ କରାନ୍ତୁ। ମନେରଖନ୍ତୁ, ଏହି ନିୟମ କେବଳ ୧ ଦିନ ଗରମରେ ରହୁଥିବା ଗାଈଙ୍କ ପାଇଁ ଲାଗୁ ହୋଇଥାଏ। ୧ଦିନରୁ ଅଧିକ ଗରମ ଲକ୍ଷଣ ପରିଲକ୍ଷିତ ହେଲେ ୧୨ ଘଣ୍ଟା ବ୍ୟବଧାନରେ ୨ଥର କୃତ୍ରିମ ଗର୍ଭଧାରଣ କରାନ୍ତୁ ଏବଂ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଛଡ଼ାମାନଙ୍କର ଗରମ ରହିବାର ସମୟ ୧ଦିନରୁ କମ୍ ହୋଇଥାଏ। ତେଣୁ ଯଥା ସମ୍ଭବ ଗରମର ଲକ୍ଷଣକୁ ଚିହ୍ନଟକରି ଉପରୋକ୍ତ ନିୟମ ଅନୁସାରେ କୃତ୍ରିମ ଗର୍ଭଧାରଣ କରାନ୍ତୁ। ଗାଈମାନଙ୍କର ହାରାହାରି ଗର୍ଭକାଳ ୨୮୦–୨୯୦ଦିନ ହୋଇଥାଏ। ସଦାସର୍ବଦା କୃତ୍ରିମ ଗର୍ଭଧାରଣ ତାରିଖ ଲେଖି ରଖିବାକୁ ଭୁଲନ୍ତୁ ନାହିଁ। କୃତ୍ରିମ ଗର୍ଭଧାରଣର ୨–୩ ମାସ ମଧ୍ୟରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଗର୍ଭ ପରୀକ୍ଷା କରାଇନେବା ଆବଶ୍ୟକ। ଗାଈମାନଙ୍କର ପ୍ରସବ ପୀଡ଼ା ଆରମ୍ଭ ହେବାର ୧ ଘଣ୍ଟା ମଧ୍ୟରେ ପାଣିର ଥଳି ଦେଖାଯାଇଥାଏ। ପ୍ରଥମ ଥର ବାଛୁରୀ ଜନ୍ମ କରୁଥିବା ଛଡ଼ା ଗାଈକୁ ୪–୫ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗିଥାଏ। ବାଛୁରୀ ଜନ୍ମହେବାର ୩–୮ ଘଣ୍ଟା ମଧ୍ୟରେ ଫୁଲ ବାହାରିଥାଏ। ଫୁଲ ନ ବାହାରିଲେ ବଳ ପ୍ରୟୋଗକରି ବାହାର କରନ୍ତୁ ନାହିଁ । ଏହାଦ୍ୱାରା ଅଧିକ ରକ୍ତ ବାହାରିଥାଏ ଏବଂ ଗାଈର ମୃତ୍ୟୁ ହେବା ଯଥେଷ୍ଟ ଆଶଙ୍କା ରହିଛି। ବାଛୁରୀ ଜନ୍ମହେବା ପରେ ତାହାର ନାଭିକୁ ଡିସ୍‌ଇନ୍‌ଫେକ୍ଟାଣ୍ଟରେ ପୋଛିବା ଆବଶ୍ୟକ। ସବୁ ସମୟରେ ବାଛୁରୀକୁ କଷ କ୍ଷୀର ପିଇବା ପାଇଁ ଦେବା ଉଚିତ। ଜନ୍ମହେବାର ପ୍ରଥମ ୫ ଦିନ ପର୍ଯ୍ୟନ୍ତ ବାଛୁରୀକୁ କଷ କ୍ଷୀର ନିଶ୍ଚୟ ପିଇବାକୁ ଦିଅନ୍ତୁ। ଏହାଦ୍ୱାରା ବାଛୁରୀର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ସହ ଠିକ୍ ସମୟରେ କୃମିନାଶକ ଔଷଧ ଏବଂ ଟିକାକରଣ କରାଇ ନିଅନ୍ତୁ।ଗାଈ ପାଳନର ଠିକ୍ ଭାବରେ ପରିଚାଳନା କରିବା ଦ୍ୱାରା ଏଥିରୁ ଅଧିକ ଲାଭ ହୋଇଥାଏ। ଏହି ବିଷୟରେ ଅଧିକ ଜାଣିବା ଲାଗି ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

-ସହକାରୀ ପ୍ରାଧ୍ୟାପକ,
ପ୍ରାଣୀ ପ୍ରସୂତି ଓ ପ୍ରଜନନ ବିଭାଗ, ପଶୁ ଚିକିତ୍ସା ଓ ପଶୁ ପାଳନ ମହାବିଦ୍ୟାଳୟ,
ଓୟୁଏଟି, ଭୁବନେଶ୍ୱର
ମୋ : ୮୯୦୮୨୬୨୦୯୦

## ଅଳ୍ପରେ...



- ଦିନର ତାପମାତ୍ରା ବଢ଼ୁଥିବାରୁ ମକାଚାଷ କରୁଥିଲେ ପାଣିର ଆବଶ୍ୟକତା ବଢ଼ିଥାଏ। ମାଟିର ଅବସ୍ଥା ଦେଖି ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। ମକା ଚଅଁର ବାହାରିବା ଅବସ୍ଥାରେ ଥିଲେ ଦ୍ୱିତୀୟ ବାର କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।
- ସୂର୍ଯ୍ୟମୁଖୀର ଦାନାଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କିଗ୍ରା ଓ ସଙ୍କରଜାତୀୟ ପାଇଁ ୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।
- ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦–୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ।
- ରାଶି ୨ରୁ ୩ ସପ୍ତାହର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛନ୍ତୁ। ଏକର ପ୍ରତି ୧ କିଗ୍ରା ୟୁରିଆ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। କୋଡ଼ାଖୁସା, ଘାସବଛା ଓ ସାର ପ୍ରୟୋଗ ଆଦି କାମ ମଞ୍ଜି ବୁଣିବାର ୨୫ ଦିନ ଭିତରେ ସାରି ଦିଅନ୍ତୁ। କାରଣ ୨୫ ଦିନ ପରେ ଫୁଲ ଧରିବା ଆରମ୍ଭ ହୁଏ। ପତ୍ରଛନ୍ଦା ପୋକ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରନ୍ତୁ।



## ଗୋଖାଦ୍ୟ ଫସଲ ଚାଷ ସମ୍ପର୍କରେ...



ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ ଅଟେ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ, ୪୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସ୍‌ଫରସ୍ ଓ ୪୦ କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ। ଉଈ ଲାଗିବାର ସମ୍ଭବନା ଥିଲେ ଶେଷଓଡ଼ ଚାଷରେ ଏକର ପ୍ରତି ୧୦ କିଗ୍ରା ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦ କିଗ୍ରା ମକା ବିହନ ଓ ୨୦ କିଗ୍ରା ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ପନିପରିବା ଚାଷ



ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ। ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା– ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାରର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨–୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବର ଖତ ବା ଜିଆଖତ ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳବିନ୍ଧା ପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ। ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋଟେରାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ।

# ବୈଜ୍ଞାନିକ ପଦ୍ଧତିରେ ଲାଭଜନକ ବତକ ପାଳନ

(ଶେଷ ଭାଗ)

ବୟସ୍କ ବତକମାନେ ଦିନରେ ଚରିବୁଲି ଖାଦ୍ୟ ସଂଗ୍ରହ କରନ୍ତି। କିନ୍ତୁ ରାତ୍ର ସମୟରେ ଏକ ଆବଦ୍ଧ ଘରର ଆବଶ୍ୟକତା ପଡ଼େ। ପରିବା ପେଟି ବା ଫଳ ପେଟିର କାଠକୁ ମଧ୍ୟ ବତକ ଘର ନିମନ୍ତେ ବ୍ୟବହାର କରାଯାଇପାରିବ। ଗୋଟିଏ ବୟସ୍କ ବତକ ପାଇଁ ହାରାହାରି ୨–୩ ବର୍ଗଫୁଟ ଜାଗା ଦରକାର ପଡ଼େ।

ବତକ ଚିଆଁମାନଙ୍କୁ ଜନ୍ମରୁ ୨୪ ଘଣ୍ଟା ପର୍ଯ୍ୟନ୍ତ କେବଳ ଇଲେକ୍ଟ୍ରୋଲାଇଟ୍ ପାଣି କିମ୍ବା ତା' ସହିତ ଅଳ୍ପ ସୁଜି/ ଗହମ ଗୁଣ୍ଡ/ ମକା ଗୁଣ୍ଡକୁ ଓଦା କରି ଦିଆଯାଇପାରିବ। ବତକ ଗୃହରେ ସଦାସର୍ବଦା ପାଣି ପାତ୍ର ରଖିବା ଉଚିତ। କାରଣ ବତକମାନେ ଖାଇବା ପରେ ସଙ୍ଗେ ସଙ୍ଗେ ପାଣି ପିଇଥାଆନ୍ତି। ବତକମାନଙ୍କୁ କେବେ ବି ଫିମ୍ପି ମାରି ଯାଇଥିବା ଖାଦ୍ୟ ଦିଅନ୍ତୁ ନାହିଁ। କାରଣ ଏଭଳି ଖାଦ୍ୟ ଖାଇଲେ ସେମାନେ ଆଫ୍ଲାଟକ୍ସିକୋସିସ ନାମକ ରୋଗର ଶିକାର ହୋଇପାରନ୍ତି। ବତକ ଖାଇ ସାରିବା ପରେ ବଳକା ଖାଦ୍ୟ ଫୋପାଡ଼ି ଦିଅନ୍ତୁ। ସର୍ବଦା ସଦ୍ୟ ଦାନା ଖାଇବାକୁ ଦିଅନ୍ତୁ। ଏକ ସୁଷମ ଖାଦ୍ୟ ନିମନ୍ତେ ମେଶିନ ପ୍ରସ୍ତୁତ ବତକ ଦାନାରେ କିଗ୍ରା ପିଛା ୨୬୦୦–୨୭୦୦ କିଗ୍ରା କ୍ୟାଲୋରି ଉର୍ଜା ଶକ୍ତି ୧୬/୧୮% ପୁଷ୍ଟିସାର, ୩–୪% କ୍ୟାଲ୍‌ସିୟମ, ୦.୮–୧.୦% ଫସ୍‌ଫରସ ଥିବା ଉଚିତ। ପ୍ରସ୍ତୁତ ଦାନା ସଦ୍ୟ ସଦ୍ୟ ତିଆରି କରି ବତକଙ୍କୁ ଖୁଆଇବା ଦ୍ୱାରା ଟକ୍ସିନର ଭୟ ନ ଥାଏ।

ବତକମାନଙ୍କୁ ଚରିବୁଲି ଖାଦ୍ୟ ସଂଗ୍ରହ କରିବାକୁ ଛାଡ଼ିଦେଲେ ଖାଦ୍ୟ ଖର୍ଚ୍ଚ ୫୦–୬୦% ପର୍ଯ୍ୟନ୍ତ କମ୍ କରାଯାଇପାରେ। ବଢ଼ନ୍ତା ବତକମାନଙ୍କୁ ଘରେ ପ୍ରସ୍ତୁତ ଖାଦ୍ୟ ବତକ ପିଛା ପ୍ରତିଦିନ ୪୦–୫୦ ଗ୍ରାମ ହିସାବରେ ଦିଆଯାଇପାରିବ। ବଳକା ୪୦–୫୦ ଗ୍ରାମ ବ୍ରଏଲର ଖାଦ୍ୟ ଦିଆଯାଇପାରିବ। ଅଣ୍ଡାଦିଆ ବତକମାନଙ୍କୁ ଚରିବୁଲି ଖାଦ୍ର ସଂଗ୍ରହ ସଙ୍ଗେ ସଙ୍ଗେ ଘରେ ପ୍ରସ୍ତୁତ ଖାଦ୍ୟ ବତକ ପିଛା ପ୍ରତିଦିନ ୧୦୦ ଗ୍ରାମ ହିସାବରେ ଦିଆଯାଇପାରିବ। ଏହା ବ୍ୟତୀତ ୧୦–୨୦ ଗ୍ରାମ ଶାମୁକା ଗୁଣ୍ଡ ଏବଂ ୫–୧୦ ଗ୍ରାମ ଶୁଖୁଆ ଗୁଣ୍ଡ ଖୁଆଇଲେ ଅଣ୍ଡା ଉତ୍ପାଦନରେ ବୃଦ୍ଧି ଦେଖାଯାଇଥାଏ।



କୁକୁଡ଼ା ତୁଳନାରେ ବତକମାନେ ଖୁବ୍ ରୋଗ ସହିଷ୍ଣୁ। ବତକମାନଙ୍କଠାରେ ଦେଖାଯାଉଥିବା ମୁଖ୍ୟ ରୋଗଗୁଡ଼ିକ ହେଲା–ବତକ ହଇଜା, ବତକ ହେପାଟାଇଟିସ୍, ଏଣ୍ଟରଇଟସ ଇତ୍ୟାଦି। ୩–୪ ସପ୍ତାହର ବତକକୁ କଲେରା ଟିକା ଚର୍ମ ତଳେ ବା ମାଂସପେଶୀ ତଳେ (ମାତ୍ରା–୦.୫ରୁ ୧.୦ ମିଲି) ଏବଂ ବତକ ୫–୬ ସପ୍ତାହର ହୋଇଥିଲେ ବତକ ପ୍ଲେଗ୍ ଟିକା ଚର୍ମ ତଳେ ବା ମାଂସପେଶୀରେ (ମାତ୍ରା–୧.୦ ମିଲି) ଦିଆଯାଏ।

### ବତକ ଚାଷର ଆୟ–ବ୍ୟୟ ଆକଳନ

: କୁକୁଡ଼ା ପାଳନ ତୁଳନାରେ ବତକ ପାଳନରୁ ବ୍ୟୟ ଅନୁପାତରେ ଆୟ କିଛି ଅଧିକା ହିଁ ମିଳିଥାଏ। ହାରାହାରି ବ୍ୟୟ–ଆୟର ଆକଳନ ୧.୨୫ରୁ ୧.୩୦ ଅନୁପାତରେ ମିଳିପାରିବ, ଯାହାକି ଏକ ଲାଭଜନକ ଅଙ୍କ ବୋଲି କହିହେବ। ଅର୍ଥାତ୍, ଅଣ୍ଡାଦିଆ ବତକ ଫାର୍ମଭିତ୍ତିକ ପାଳନରେ ବାର୍ଷିକ ୨୫–୩୦% ଲାଭ ମିଳିପାରିବ। ମୁକ୍ତାଙ୍ଗନ ବତକ ପାଳନରେ ବତକ ପିଛା ୮୦–୯୦ ଟଙ୍କା ଲାଭ ମଧ୍ୟ ମିଳିପାରୁଛି।

ସ୍ୱଳ୍ପ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ କରି ପ୍ରାଣୀପାଳକ ଚାଷୀଭାଇମାନେ ବତକ ପାଳନରୁ ଅଧିକ ଲାଭ ଅର୍ଜନ କରିପାରିବେ। ଉପଯୁକ୍ତ ବତକ ପ୍ରଜାତି ଚୟନ, ବୈଜ୍ଞାନିକ ପଦ୍ଧତିରେ ନବଜାତ ଚିଆଁ ପାଳନ, ସୁଷମ ଖାଦ୍ୟ ପ୍ରସ୍ତୁତି, ବାସଗୃହ ନିର୍ମାଣ, ବତକ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ଆଦି ହେଉଛି ଏହାର ବିଭିନ୍ନ ଦିଗ। ବତକମାନଙ୍କର ନିୟମିତ ସ୍ୱାସ୍ଥ୍ୟ ତଦାରଖ, ଟିକାକରଣ ତଥା ବତକ ଦାନାର ତଦାରଖ (ଫିମ୍ପି ନିମନ୍ତେ) କରିବା ଉଚିତ। ଆଶା କରାଯାଏ, ଆଗାମୀ ଦିନମାନଙ୍କରେ ବତକ ପାଳନ ଏକ ମୁଖ୍ୟ ପକ୍ଷୀପାଳନ ହିସାବରେ ବହୁତ ଆଦୃତ ହେବ।

– ଡ. ଏସ୍. କେ. ମିଶ୍ର, ଡ. ଆର.ଏଲ୍. ବେହେରା, ଡ. ଡି. କୁମାର, ବୈଜ୍ଞାନିକ,
ଆଇସିଏଆର, ଡିରେକ୍ଟୋରେଟ୍ ଅନ ପଲ୍ୟୁଟାରି ରିସର୍ଚ୍ଚ, ରିଜିଓନାଲ ଷ୍ଟେଶନ,
ଭୁବନେଶ୍ୱର–୩

# ବିଜୁବାବୁ ଥିଲେ ଜଣେ ଦୂରଦର୍ଶୀ ନେତା

**ସୋନପୁର,୫।୩(ମୃତ୍ୟୁଞ୍ଜୟ ଶତପଥୀ)**




ସୋନପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜୟନ୍ତୀ ସମାରୋହରେ ଅତିଥି ଓ ନେତୃବୃନ୍ଦ।

ବିଜୁ ଜନତା ଦଳ ପକ୍ଷରୁ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଟାଉନ ହଲ ପରିସରରେ ଆୟୋଜିତ ସମାରୋହରେ ବିଜେଡି ଜିଲା ସଭାପତି ସରୋଜ କୁମାର କର୍ମ ସଭାପତିତ୍ୱ କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଜଣେ ଦୂରଦର୍ଶୀ ନେତା ଥିଲେ ବୋଲି କହିଥିଲେ। ଓଡିଶାର ଉନ୍ନତି ପାଇଁ ସେ ସାରା ଜୀବନ କାମ କରିଥିଲେ। ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ବିକାଶ ଧାରାକୁ ଆଗେଇ ନେଉଛନ୍ତି। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନାର ପ୍ରଚଳନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡିଶାରେ ରୂପାନ୍ତର ଆସିଛି। ମିଶନ ଶକ୍ତି ମା'ମାନେ ଉଦ୍ୟୋଗୀ ହେବାକୁ ଆଗେଇ ଆସୁଛନ୍ତି। ବିକାଶ ଆଜି ଓଡିଶାର ନୂଆ ପରିଚୟ ହୋଇଛି ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ବିଜେଡି ଜିଲା ସଭାପତି କର୍ମ କହିଥିଲେ, ବିଜୁ ପଟ୍ଟନାୟକ ସୁବର୍ଣ୍ଣପୁରକୁ ଜିଲାର ମାନ୍ୟତା ଦେଇଛନ୍ତି। ନୂତନ ଜିଲା ହେବା ପରେ ସୁବର୍ଣ୍ଣପୁରର ବିକାଶ ତ୍ୱରାନ୍ୱିତ ହୋଇଛି। ସୋନପୁର ବିଧାୟକ ପୂଜାରୀ ଜିଲାର ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହି ଅବସରରେ ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରିବା ପାଇଁ କର୍ମ ଆହ୍ୱାନ ଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଅଧିକ ଭୋଟରେ ବିଜୟୀ କରାଇବା ପାଇଁ କର୍ମକର୍ତ୍ତା ଓ ଶୁଭେଚ୍ଛୁ ଶପଥ ନେବା ସହ କଠିନ ପରିଶ୍ରମ କରିବାକୁ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ତରଭା ଏନ୍‌ଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଅଭିମନ୍ୟୁ କୁଶଳ, ପ୍ରକାଶ ସାହୁ, କରମଚାନ୍ଦ ମହାନ୍ତି, ଶଙ୍କର ପ୍ରସାଦ ସା, ଶତ୍ରୁଘ୍ନ ପୃଷ୍ଟି, ଉପଦେଷ୍ଟା ନୀଳାମ୍ବର ଶତପଥୀ, ନମିତା ସାହୁ, ମାଧବୀଲତା କୁଅଁର ଓ ଜନ୍ମେଜୟ ପାତ୍ର ପ୍ରମୁଖ ଯୋଗଦାନ କରି କହିଥିଲେ,

## ସୁବର୍ଣ୍ଣପୁରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ସମାରୋହ

ବିଜୁବାବୁ ଥିଲେ ଜଣେ ଯୋଗଜନ୍ମା ପୁରୁଷ। ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଦୀର୍ଘକାଳ ଧରି କ୍ଷମତାସୀନ ନ ଥିଲେ ସତ, ମାତ୍ର ଜଣେ ମହାନ ଜନନାୟକ ଭାବରେ ଲୋକଙ୍କ ହୃଦୟ ଭିତରେ ସେ ଅଛନ୍ତି ଓ ରହିବେ ବୋଲି ବରିଷ୍ଠ ନେତୃବୃନ୍ଦ ମତପ୍ରକାଶ କରିଥିଲେ। ସୋନପୁର ନିର୍ବାଚନ ମଣ୍ଡଳୀର ଦଳୀୟ ଜିଲା ପରିଷଦ ସଭ୍ୟ, କାଉନସିଲର, ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। ମାନଭଞ୍ଜନ ମିଶ୍ର ସଭା ସଂଯୋଜନା କରିଥିଲେ। ସକାଳେ ସହରର ବିଜୁ ପଟ୍ଟନାୟକ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପିୟୁଷ କୁମାର ପଣ୍ଡା ଓ ଶାଶ୍ୱତ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରା ଯାଇଥିଲା।

# ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ

**ଡୁଙ୍ଗୁରିପାଲି,୫।୩(ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ମଙ୍ଗଳବାର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଓ ଲୋକ ସେବା ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ରୋହିତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ। ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ବିଜୁବାବୁ ଜଣେ ସାହାସୀ, ସ୍ୱାଭିମାନୀ ଓ ଦୂରଦ୍ରଷ୍ଟା ରାଜନେତା ଥିଲେ। ଓଡ଼ିଆ ଜାତି ତଥା ଓଡିଶାର ଉତ୍ଥାନ ପାଇଁ ସେ ଆଜୀବନ ସଂଘର୍ଷ କରିଥିଲେ। ତାଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ପଞ୍ଚାୟତ ଓ ନଗରପାଳିକା ବ୍ୟବସ୍ଥାରେ ମହିଳାଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଓଡିଶାରେ କାର୍ଯ୍ୟକାରୀ ହୋଇଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ସିଡିପିଓ ଜୟନ୍ତୀ ଗଡତିଆ, ବଦ୍ରୀ ନାରାୟଣ ପାଣିଆ, ହିସାବ ରକ୍ଷକ ନରେନ୍ଦ୍ର କୁମାର ଜେନା,ସେକ୍ସନ ଅଧିକାରୀ କରୁଣା ପାତ୍ର, ନାରାୟଣ ପଧାନ,କନିଷ୍ଠ ଯନ୍ତ୍ରୀ ସୁଧୀର କୁମାର ପଣ୍ଡା,ଯନ୍ତ୍ରୀ ସରୋଜ କୁମାର ସାହୁ, ଡବ୍ଲୁଇଓ ଦେବଯାନୀ ବେହେରା, ପିଇଓ ରଞ୍ଜନ ବେହେରା, ଦୁର୍ଲ୍ଲଭ ପଧାନ, ବିଭୀଷଣ ମୁଦୁଲି, ବିରେନ ଦାସ, ପ୍ରଭୁଦତ୍ତ ନାୟକ, ଜିତେନ୍ଦ୍ରିୟ ସାହୁ, ପିଆରଆଇ ମେମ୍ବର, ପଞ୍ଚାୟତ ଜନପ୍ରତିନିଧି, ବ୍ଲକ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିପିଓ ବଳରାମ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ।

**PARADIP PORT AUTHORITY**
**e-TENDER CALL NOTICE**
**No.EM/PED-07/2024**
**No.EM/PED/TECH-22/2023/875 Date:28/02/2024**
Name of the work: Management of Power Distribution System of Paradip Port Authority. Estimated Cost- **Rs.21,41,67,922/-**. Last date & time of submission of bid: **dt.20/03/2024 up to 17:00 Hrs.**
Refer our website for details
https://eprocure.gov.in/eprocure/app
Sd/-
Executive Engineer (E), PED-II
PPA/PR/94/2023-2024 dtd.04.03.2024

सशस्त्र बल चिकित्सा सेवा के
नर्सिंग कॉलेज में शामिल हों
बीएससी (नर्सिंग) पाठ्यक्रम–2024
ଏଏଫ୍‌ଏମ୍‌ଏସ୍ ଅଧୀନରେ ନର୍ସିଂ
କଲେଜରେ ଯୋଗ ଦିଅନ୍ତୁ
ବି.ଏସ୍‌ସି (ନର୍ସିଂ) ପାଠ୍ୟକ୍ରମ-୨୦୨୪

सशस्त्र बल चिकित्सा सेवा के नर्सिंग कॉलेज में बीएससी (नर्सिंग) पाठ्यक्रम–2024 के लिए इच्छुक महिला उम्मीदवार का नीट (यूजी) 2024 परीक्षा में सफल होना अनिवार्य हैं। पात्रता, नियम एवं शर्तों की जानकारी रोजगार समाचार में प्रकाशित की जायेगी। यह सूचना इस वेबसाइट **www.joinindianarmy.nic.in** पर भी उपलब्ध होगी।

ଏଏଫ୍‌ଏମ୍‌ଏସ୍ ଅଧୀନରେ ନର୍ସିଂ କଲେଜଗୁଡ଼ିକରେ ନାମ ଲେଖାଇବା ଲାଗି ଇଚ୍ଛୁକ ମହିଳା ପ୍ରାର୍ଥୀମାନଙ୍କ ପାଇଁ ଏନ୍‌ଇଇଟି (ୟୁଜି) ୨୦୨୪ରେ ଯୋଗ୍ୟତା ହାସଲ କରିବା ବାଧ୍ୟତାମୂଳକ ଅଟେ। ଯୋଗ୍ୟତା, ନିୟମ ଏବଂ ସର୍ତ୍ତାବଳୀ ଯଥା ସମୟରେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାରରେ ପ୍ରକାଶିତ ହେବ। ତାହା ୱେବ୍‌ସାଇଟ୍ **www.joinindianarmy.nic.in**ରେ ମଧ ଉପଲବ୍ଧ ହେବ।
CBC10601/11/0072 /2324

# ବିଜୁଙ୍କ ପାଇଁ ମହିଳାଙ୍କୁ ମିଳିଛି ଉପଯୁକ୍ତ ସ୍ଥାନ

**ବୌଦ୍ଧ,୫।୩(ଅଜିତ କୁମାର ବାରିକ )**



ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ମହାସମାରୋହରେ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଜିଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଓ ସମ୍ମାନିତ ଅତିଥି ଭାବରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ସ୍ୱର୍ଗତ ବିଜୁ ବାବୁଙ୍କ ପଦକ୍ଷେପ ପାଇଁ ଆଜି ମହିଳାମାନେ ସମାଜରେ ଉପଯୁକ୍ତ ସ୍ଥାନ ପାଇପାରିଛନ୍ତି ଏବଂ ସେ ସବୁବେଳେ ଯୁବକମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସମ୍ମାନିତ ଅତିଥି ମିଶ୍ର ମତ ପ୍ରକାଶ କରିଥିଲେ। ବିଜୁବାବୁଙ୍କ ନିକଟରେ ବୟସ ହାର ମାନିଥିଲା। ତାଙ୍କର ଦୃଢ଼ ନିଷ୍ପତ୍ତି ପାଇଁ ସେ ସବୁବେଳେ ସାରା ଦେଶ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଜିଲାପାଳ ଜେ. ସୋନାଲ କହିଥିଲେ, ବିଜୁବାବୁଙ୍କ ଉଚ୍ଚ ଚିନ୍ତାଧାରା ପାଇଁ ସେ ସର୍ବଦା ସ୍ମରଣୀୟ। ଆଜିର ଯୁବ ପିଢ଼ି ତାଙ୍କଠାରୁ ଅନେକ ଶିକ୍ଷା ଲାଭ କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ପଞ୍ଚାୟତ ଭାବରେ କଣ୍ଟାମାଳ ବ୍ଲକର ମନମୁଣ୍ଡା ଓ ପଲଶାଗୋରା ଏବଂ ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତକୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରୋତ୍ସାହନ ରାଶି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ,କର୍ମଚାରୀ ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଗୁରୁକୁଳ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ
ବେଦବ୍ୟାସ, ସୁନ୍ଦରଗଡ଼
ବେଦ, ବେଦାନ୍ତ, ଜ୍ୟୋତିଷ, କର୍ମକାଣ୍ଡ, ନ୍ୟାୟ ଦର୍ଶନ, ଧର୍ମଶାସ୍ତ୍ର, ବ୍ୟାକରଣ, ଗୀତା, ମହାଭାରତ ଓ ରାମାୟଣ ପାଇଁ ଏକ ପ୍ରକୃଷ୍ଟ ଗବେଷଣା କେନ୍ଦ୍ର।
ଅଧ୍ୟକ୍ଷ
ଡକ୍ଟର ଉମାକାନ୍ତ ପଣ୍ଡା

# କାର୍ ଦୁର୍ଘଟଣାଗ୍ରସ୍ତ: ୭ ଆହତ

**ଡୁଙ୍ଗୁରିପାଲି,୫।୩(ଦୀନବନ୍ଧୁ ସୁନା)**

ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲଙ୍ଗଳକଣ୍ଟା ଗ୍ରାମର ଏକ ପରିବାର ବିବାହ ଭୋଜି ଖାଇ ଘରକୁ ଫେରୁଥିବା ବେଳେ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଗୁରୁତର ଥିବା ଜଣାଯାଇଛି। ପ୍ରକାଶ ଯେ, ବିନିକା ଥାନା କମିରା ଗାଁରୁ ବାହାଘର ଭୋଜି ଖାଇ ଏକ କାର୍‌ରେ ଡୁଙ୍ଗୁରିପାଲି ବ୍ଲକ ବେହେରାମାଲ ପଞ୍ଚାୟତ ଲଙ୍ଗଳକଣ୍ଟା ଗ୍ରାମର ଏକ ପରିବାର ଘରକୁ ଫେରୁଥିଲେ। ତେବେ କୌଣସି କାରଣରୁ କାର୍‌ଟି ଭାରସାମ୍ୟ ହରାଇ ରାମପୁର-ଡୁଙ୍ଗୁରିପାଲି ମୁଖ୍ୟରାସ୍ତାର ପଣ୍ଡକିଟାଲ ଗାଁ ପାଖ ହନୁମାନ ରାଇସ ମିଲ ନିକଟ ରାସ୍ତା କଡ଼ରେ ଥିବା ଏକ ବରଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ କାରରେ ଥିବା ଲଙ୍ଗଳକଣ୍ଟା ଗାଁର ଭକ୍ତ ପଧାନ, ରିସବ ପଧାନ, ଲିଲି ପଧାନ, କମଳା ପଧାନ, ଆଦର୍ଶ ପଧାନ, ସମୀର ପଧାନ,ମାନସୀ ପଧାନ ଆହତ ହୋଇଥିଲେ। ଖବର ପାଇ ରାମପୁର ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ।

# ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ

**ସୋନପୁର,୫।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ତଥା ଲୋକସେବା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଜିଲାର ବିକାଶ ପାଇଁ ସକରାତ୍ମକ ମନୋଭାବ ପୋଷଣ କରିବାକୁ ଠେଲା ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହର ଓ ମୁଖ୍ୟବକ୍ତା ଭାବେ ସିଦ୍ଧାର୍ଥ ମହାବିଦ୍ୟାଳୟ ବିନିକାର ଓଡ଼ିଆ ଅଧ୍ୟାପକ ନିରଞ୍ଜନ ପାଣିଆ ଯୋଗଦେଇ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଜୀବନ ଦର୍ଶନ ଓ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହେଲେ ଗ୍ରାମାଞ୍ଚଳରେ ବିକାଶ ତ୍ୱରାନ୍ୱିତ ହେବ ବୋଲି ମତପ୍ରକାଶ ପାଇଥିଲା। ଜିଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ଶୈବାଳିନୀ ପଟ୍ଟନାୟକ ସଭା ସଂଯୋଜନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ପଞ୍ଚାୟତିରାଜ ତଥା ଗ୍ରାମୀଣ ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଉଲୁଣ୍ଡା ଗ୍ରାମ ପଞ୍ଚାୟତକୁ ୧ଲକ୍ଷ ୫୦ ହଜାର, ବିନିକା ବ୍ଲକର ଶଙ୍କରାକୁ ୧ଲକ୍ଷ୨୫ ହଜାର ଓ ତରଭା ବ୍ଲକର ଝାରତରଭା ଗ୍ରାମପଞ୍ଚାୟତକୁ ୧ ଲକ୍ଷ ଟଙ୍କାର ଚେକ୍ ସହ ପୁରସ୍କୃତ କରାଯାଇଥିଲା। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ଚେକ୍, ମାନପତ୍ର, ଟ୍ରଫି ଓ ଉପଢୌକନ ଦେଇ ଅତିଥି ବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଭିନ୍ନ ବିଭାଗ ଦ୍ୱାରା ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ମିଳିତ ସଫଳ କାହାଣୀ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି ସମାରୋହରେ ଜିଲାସ୍ତରୀୟ ଅଧିକାରୀ, ଜିଲା ପରିଷଦ ସଦସ୍ୟା ସଦସ୍ୟ, ଜିଲାର ପଞ୍ଚାୟତିରାଜ ପ୍ରତିନିଧ ପ୍ରମୁଖ ଉପସ୍ଥିତ ଥିଲେ।

## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି: ଟେଣ୍ଡରଗୁଡ଼ିକ ତା୨୯।୦୩।୨୦୨୪ରିଖ ୧୫.୩୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ହୋଇଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ** ନିମ୍ନ ଅନୁଯାୟୀ ଅଟେ: **୧. ସିକେପି-ଡି-୬୦୭-୧ଟି-ସିବିଏସ୍‌ଏ।** ସିନିୟର ଡିଇଇ/ଟିଆରଡି/ଚକ୍ରଧରପୁରଙ୍କ ଅଧୀନରେ ଦୁଇବର୍ଷ ପାଇଁ ଏସ୍‌ଏସ୍‌ଇ/ଓଏଚ୍‌ଇ/ ସିବିଏସ୍‌ଏଙ୍କ କ୍ଷେତ୍ରାଧିକାରରେ ରେଳପଥ ସାମଗ୍ରୀର ପରିବହନ ଲାଗି ୧ ଟନ୍ କ୍ଷମତାବିଶିଷ୍ଟ ଟ୍ରକ୍ ଭଡ଼ାସୂତ୍ରରେ ନେବା। **ଟେଣ୍ଡର ମୂଲ୍ୟ:** ₹୧୦,୭୦,୨୯୭.୮୦। **ଇଏମ୍‌ଡି:** ₹୨୧,୪୦୦/- । **୨. ସିକେପି-ଡି-୬୪୨-ବନ୍ଦେ-ଭାରତ।** ଚକ୍ରଧରପୁର ଡିଭିଜନର ଟାଟାନଗର ଠାରେ "ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ" ପାଇଁ ରକ୍ଷଣାବେକ୍ଷଣ ସୁବିଧାର ବିକାଶ ସଂକ୍ରାନ୍ତରେ ଓଏଚ୍‌ଇ ରୂପାନ୍ତରଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧,୦୪,୮୯,୪୭୮.୬୭। **ଇଏମ୍‌ଡି:** ₹୨୦,୨୫,୦୦୬/- । **୩. ସିକେପି-ଡି-୬୩୯-ସିଟିଆର।** ଚକ୍ରଧରପୁର ଡିଭିଜନର ବିଭିନ୍ନ ସେକ୍ସନରେ ଥ୍ରୁ ସ୍ଲିପର୍ ନବୀକରଣ (ପ୍ରାଇମେରୀ) ଟିଏସ୍‌ଆର(ପି), ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ ସେକେଣ୍ଡାରୀ ସିଟିଆର(ଏସ୍), ଥ୍ରୁ ରେଲ ନବୀକରଣ ପ୍ରାଇମେରୀ ଟିଆରଆର(ପି), ଥ୍ରୁ ରେଲ ନବୀକରଣ ସେକେଣ୍ଡାରୀ ଟିଆରଆର(ଏସ୍), ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ ପ୍ରାଇମେରୀ ସିଟିଆର(ପି) ସଂକ୍ରାନ୍ତରେ ବୈଦ୍ୟୁତିକ(ଟିଆରଡି) କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧,୯୧,୯୬,୭୧୬.୨୧। **ଇଏମ୍‌ଡି:** ₹୨,୪୬,୦୦୦/- । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୨୯।୦୩।୨୦୨୪ରିଖ ୧୫.୩୦ ଘଟିକା। **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୨୪ ମାସ, କ୍ର.ସଂ. ୨ ପାଇଁ ୦୯ ମାସ ଏବଂ କ୍ର.ସଂ. ୩ ପାଇଁ ୧୨ ମାସ। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୯।୦୩।୨୦୨୪ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୯।୦୩।୨୦୨୪ରିଖ ୧୫.୩୦ ଘଟିକା। ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। (PR-1201)

## ପୂର୍ବ ତଟ ରେଳପଥ

**(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.52-SBP-TRD-OT-2023-24, ତା.28.02.2024ରିଖ**

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର "ଲାଖୋଲି-ଟିଟିଲାଗଡ଼ ସେକ୍ସନରେ ଲେଭେଲ କ୍ରସିଂ ନଂ.RV-34 ଠାରେ ଦୁଇ ଚକିଆ ଏବଂ ପଥଚାରୀମାନଙ୍କ ନିମନ୍ତେ 6 ମିଟର ପ୍ରସ୍ଥ ବିଶିଷ୍ଟ ର‌୍ୟାମ୍ପ ସହିତ ଫୁଟ୍ ଓଭର ବ୍ରିଜ୍(FOB)/ଲାଇଟ୍ ରୋଡ଼ ଓଭର ବ୍ରିଜ୍(ROB)ର ନିର୍ମାଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ଏବଂ "ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନରେ କଣ୍ଟାବାଞ୍ଜି-ମୁରିବହାଲ ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଂ ଫାଟକ ନଂ.123 ନିକଟସ୍ଥ କି.ମି.170.140 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ(₹): 6,00,249.59, EMD (₹): 12,000/-।**

**(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.53-SBP-TRD-OT-2023-24, ତା.28.02.2024ରିଖ**

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ମାନେଶ୍ୱର ଟ୍ରାକ୍ସନ ସବ୍‌ଷ୍ଟେସନ (TSS) (ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯୋଗାଣ ବ୍ୟତୀତ) ଠାରେ 2 bay ଉପକରଣଗୁଡ଼ିକ ପ୍ରଦାନ ଦ୍ୱାରା ଟ୍ରାକ୍ସନ ବିତରଣ ପ୍ରଣାଳୀର ବୃଦ୍ଧିକରଣ।

**ଆନୁମାନିକ ମୂଲ୍ୟ(₹): 72,32,486.07, EMD (₹): 1,44,700/-।**

**ଶେଷ ହେବା ଅବଧି: 08 ମାସ (ଉଭୟ ଟେଣ୍ଡର ପାଇଁ)।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.21.03.2024ରିଖ 1530 ଘଟିକାରେ (ଉଭୟ ଟେଣ୍ଡର ପାଇଁ)।**

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1146/O/23-24

## झारखण्ड सरकार
### ग्रामीण कार्य विभाग, कार्यपालक अभियंता का कार्यालय,
तृतीय तल्ला, नया समाहरणालय भवन, पपरवाटांड, गिरिडीह, झारखण्ड – 815301

**ई–निविदा आमंत्रण सूचना**

ई–निविदा सं0 :–**39/2023-24/RWD/EE/GIRIDIH** दिनांक :– 02.03.2024

ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1. कार्य का नाम :–

| क्र0 सं0 | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| 1. | RWD/GIRIDIH /STPKG/32/20 23-24 | (i) बसंतपुर केन्दुआ टोल से डुमरबांकी तक पथ का सुदृढ़ीकरण कार्य। (लं0–3.500 कि0मी0)<br>(ii) हरियाडीह से बुतुरवाटांड़ तक पथ का सुदृढ़ीकरण कार्य। (लं0–4.600 कि0मी0)<br>(iii) L028 से बिसुनपुर तक पथ का सुदृढ़ीकरण कार्य। (लं0–4.000 कि0मी0)<br>(iv) L041-T03 से खासलोडीह चकमांजो तक पथ का सुदृढ़ीकरण कार्य। (लं0– 3.500 कि0मी0)<br>(v) सुरजा से फतेहा तक पथ का सुदृढ़ीकरण कार्य। (लं0–3.000 कि0मी0) | 11,57,67,1 00.00 | ग्यारह करोड़ संतावन लाख सड़सठ हजार एक सौ रू0 मात्र | 15 माह | प्रथम |

2. वेबसाईट में निविदा प्रकाशन की तिथि :– 11.03.2024
3. ई–निविदा प्राप्ति की अंतिम तिथि एवं समय :– 01.04.2024 अपराह्न 5.00 बजे तक।
4. निविदा खोलने की तिथि एवं समय :– 03.04.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड – 815301
6. ई–निविदा प्रकोष्ठ का दूरभाष सं0– 06532–225381
विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गिरिडीह।

PR.NO.321536 REO(23-24):D

## यूनियन बैंक ऑफ इंडिया Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୨.୦୩.୨୦୨୪ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ହଳଦିଆପଦର ଶାଖା, ରାଳଭ ରୋଡ, ହଳଦିଆପଦର ସ୍କୋୟାର, ହଳଦିଆପଦର, ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୩, ମୋ.: ୭୩୭୯୧୬୬୦୦୧** | | |
| ୧. | କୃଷ୍ଣ ଚନ୍ଦ୍ର ସାହୁ, ପିତା: ଵ କନ୍ଧ ସାହୁ, ସା: ଭାବନଗର ୨ୟ ଲେନ୍, ଆପୋଲୋ ହସ୍ପିଟାଲ ନିକଟ, ଗଞ୍ଜାମ / ୧୯୮୮୧୬୫୩୦୦୦୦୪୯୪ | ୧୩୯.୩୦ | ୧୫୨.୫୦ |
| ୨. | କୃଷ୍ଣ ଚନ୍ଦ୍ର ସାହୁ, ପିତା: ଵ କନ୍ଧ ସାହୁ, ସା: ଭାବନଗର ୨ୟ ଲେନ୍, ଆପୋଲୋ ହସ୍ପିଟାଲ ନିକଟ, ଗଞ୍ଜାମ / ୧୯୮୮୧୬୫୩୦୦୦୦୪୯୫ | ୨୩୦.୬୫ | ୨୩୪.୬୫ |
| ୩. | କେଦାରନାଥ ଦଳେଇ, ୧, ୧, ବିଜିପୁର, କାଲୁଆ ଷ୍ଟ୍ରିଟ୍, ଗଞ୍ଜାମ / ୧୯୮୮୧୬୫୪୦୦୦୦୨୧୧ | ୨୩.୦୦ | ୩୦.୬୧ |
| ୪. | କେଦାରନାଥ ଦଳେଇ, ୧, ୧, ବିଜିପୁର, କାଲୁଆ ଷ୍ଟ୍ରିଟ୍, ଗଞ୍ଜାମ / ୧୯୮୮୧୬୫୪୦୦୦୦୦୯୧ | ୫୨.୦୦ | ୬୧.୩୭ |
| ୫. | କେଦାରନାଥ ଦଳେଇ, ୧, ୧, ବିଜିପୁର, କାଲୁଆ ଷ୍ଟ୍ରିଟ୍, ଗଞ୍ଜାମ / ୧୯୮୮୧୬୬୩୦୦୦୦୧୬୦ | ୬୪.୦୦ | ୭୯.୭୧ |
| | **ରମ୍ଭା ଶାଖା, ମେନ୍ ରୋଡ, ରମ୍ଭା, ଗଞ୍ଜାମ-୭୬୧୦୨୮, ମୋ.: ୮୭୭୦୪୧୩୦୦୫** | | |
| ୧. | ଦୁଷ୍ମନ୍ତ ବିଶୋଇ, ପିତା: ଇନ୍ଦ୍ରମଣୀ ବିଶୋଇ, ସା/ପୋ: ଏଚ.ବୁରୁଡି, ଭାୟା: ରମ୍ଭା, ଗଞ୍ଜାମ / ୦୪୭୯୧୬୫୪୦୦୦୧୯୩୧ | ୭.୦୦ | ୧୦.୯୦ |
| ୨. | ଦୁଷ୍ମନ୍ତ ବିଶୋଇ, ପିତା: ଇନ୍ଦ୍ରମଣୀ ବିଶୋଇ, ସା/ପୋ: ଏଚ.ବୁରୁଡି, ଭାୟା: ରମ୍ଭା, ଗଞ୍ଜାମ / ୦୪୭୯୧୬୫୪୦୦୦୩୫୭୩ | ୩୨.୦୦ | ୩୯.୮୦ |
| ୩. | ପ୍ରମୋଦ ନାୟକ, ପିତା: ନୀଳମଣି ନାୟକ, ସା/ପୋ: ମଧୁରଚୁଆ, ଥାନା: ରମ୍ଭା, ଗଞ୍ଜାମ / ୦୪୭୯୩୦୧୦୦୦୮୦୫୬୨ | ୩.୦୦ | ୫.୬୦ |
| ୪. | ସୁବିମଳ ବେହେରା, ପିତା: ଗୋବିନ୍ଦ ଚନ୍ଦ୍ର ବେହେରା, ସା/ପୋ: କୁମରପୁର, ରାମଲେଙ୍କା, ପୁରୀ / ୦୪୭୯୩୦୧୦୦୦୮୨୭୮୨ | ୧୬.୦୦ | ୨୨.୬୦ |
| ୫. | ସ୍ୱାଧିନ ନାହାକ, ପିତା: ଭଗବାନ ନାହାକ, ସା: ଝାରେଡି ରାଧାଗୋବିନ୍ଦପୁର, ପୋ: ରମ୍ଭା, ଗଞ୍ଜାମ / ୦୪୭୯୩୦୧୦୦୦୭୨୯୩୪ | ୧୧.୦୦ | ୧୬.୮୦ |
| ୬. | ଟି. ଦିନବନ୍ଧୁ ପାତ୍ର, ପିତା: ଟି. ଖଳିଆ ପାତ୍ର, ସା/ପୋ: ଗୋଲାଗଣ୍ଡାପଲ୍ଲୀ, ଥାନା: ରମ୍ଭା, ଗଞ୍ଜାମ / ୦୪୭୯୧୬୫୪୦୦୦୦୧୪୧ | ୩୨.୦୦ | ୩୪.୮୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୦୫.୦୩.୨୦୨୪** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ଜଳନ୍ଧରଙ୍କ ସହ ବୃନ୍ଦାବତୀଙ୍କ ବିବାହ

**ଅମରପାଲି,୫।୩(ପୀତାମ୍ବର ସାହୁ)**



ଜଳନ୍ଧର ଦରବାରରେ ପରିବେଷିତ ନୃତ୍ୟ।

ବିଶ୍ୱଶାନ୍ତି ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମହାକୁମ୍ଭ ଏକତା ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍‌ଝିରିଆପାଲି ପଞ୍ଚାୟତର କଦଳିପାଲି ଛକରେ ହେଉଥିବା ଏକତା ମହୋତ୍ସବର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଆୟୋଜକ ସଭାପତି ପାଣିନୀ ପ୍ରଜ୍ଞା ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ବ୍ୟବସାୟୀ ପ୍ରେମାନନ୍ଦ ଜଟି ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଦଲ ହୋତା ଓ ଇରାଦତ ଖାନ ମଞ୍ଚ ପରିଚାଳନା କରିଥିବା ବେଳେ ଚୈତନ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରତ୍ୟହ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଥିବା ଜଳନ୍ଧର ଦରବାରରେ ଲୀଳା ନାଟକ ପରିବେଷଣ ହୋଇଥିଲା। ନାଟ୍ୟାଭିକ୍ରମରେ ଜଳନ୍ଧର ଜନ୍ମ, ଜଳନ୍ଧରଙ୍କ ସିଂହାସନ ଆରୋହଣ, ନାରଦ ମୁନି ଓ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ଜଳନ୍ଧରଙ୍କ ସ୍ୱର୍ଗପୁର ଆକ୍ରମଣ, ଇନ୍ଦ୍ରଙ୍କୁ ବନ୍ଦୀ କରି ସମସ୍ତ ପୈତୃକ ସମ୍ପତ୍ତି ଫେରସ୍ତ, ଜଳନ୍ଧରଙ୍କ ବିବାହ ପାଇଁ ପାତାଳପୁର ଆକ୍ରମଣ ପାଇଁ ଦେବର୍ଷି ନାରଦଙ୍କ ସୂଚନା, ନାରଦଙ୍କ ପରାମର୍ଶ କ୍ରମେ ପାତାଳପୁରୀ ଆକ୍ରମଣ, ପାତାଳପୁରୀ ଦୈତ୍ୟରାଜ କାଳନେମିଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ଅଲିଅଳି କନ୍ୟା ସତୀ ବୃନ୍ଦାବତୀଙ୍କୁ ବିବାହ ଆଦି ପରିବେଷଣ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ସତୀ ବୃନ୍ଦାବତୀଙ୍କୁ ବିବାହ ଚିତ୍ତାକର୍ଷକ ହୋଇଥିଲା। ବରଗଡର ବଟକୃଷ୍ଣ ସାହୁ ଜଳନ୍ଧର ଭୂମିକାରେ ଅଭିନୟ କରୁଛନ୍ତି। ଏହାସହିତ ଶୁକ୍ରାଚାର୍ଯ୍ୟ ଭୂମିକାରେ ସୁଶିଲ ନାଏକ, ଶମ୍ଭୁଦୈତ୍ୟ ଭୂମିକାରେ ବିପ୍ଳବ ପ୍ରଧାନ, ଭସ୍ମର ଦୈତ୍ୟ ପିଣ୍ଟୁ ସାହୁ, ବଜ୍ରାଙ୍ଗ ଦୈତ୍ୟ ଗୋଲ ବଦନ ସେଠ, କାଳନେମି ବିଜୟ ପଣ୍ଡା, ନାରଦ ଲିଙ୍ଗରାଜ ଦାସ, ମନ୍ତ୍ରୀ ଶିବ ଦାସ, ସେନାପତି ଭାବେ ବିମଳ ମହାପାତ୍ର ଏବଂ ବୃନ୍ଦାବତୀ ଭୂମିକାରେ ମୁନୁ ମେହେର ପ୍ରମୁଖ ଅଭିନୟ କରୁଛନ୍ତି। ସେମାନଙ୍କ ବଳିଷ୍ଠ ଅଭିନୟ ସାଙ୍ଗକୁ ସ୍ଥାନୀୟ କଳାକାରଙ୍କ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସାଂସ୍କୃତିକ ମଞ୍ଚରେ ଲୋକପ୍ରିୟ ସମ୍ବଲପୁରୀ ଗାୟକ ଅଙ୍କିତ ରାଜ ଓ ସାଥୀଙ୍କ ସମ୍ବଲପୁରୀ ଗୀତ ପରିବେଷଣ ଓ ପାରମ୍ପରିକ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

## ଏକତା ମହୋତ୍ସବର ତୃତୀୟ ସନ୍ଧ୍ୟା

## ଆଫ୍ରିକାର ଆଣ୍ଟି ଡୋପିଂ ଲାବ୍ ସସ୍‌ପେଣ୍ଡ

**ମଣ୍ଟ୍ରିଲ୍, ୫।୩ (ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସକୁ ୫ ମାସ ବାକି ରହିଥିବା ବେଳେ ବିଶ୍ୱ ଆଣ୍ଟି ଡୋପିଂ ଏଜେନ୍ସି(ୱାଡା) ପକ୍ଷରୁ ଆଫ୍ରିକାରେ ଅବସ୍ଥିତ ଏକମାତ୍ର ଆଣ୍ଟି ଡୋପିଂ ଲାବ୍‌କୁ ସସ୍‌ପେଣ୍ଡ କରାଯାଇଛି। ଟେଷ୍ଟିଂରେ ଭୁଲ୍ କାରଣରୁ ୱାଡା ସୋମବାର ବିଳମ୍ବିତ ରାତିରେ ଏଭଳି ନିଷ୍ପତ୍ତି ନେଇଛି। ଫଳରେ ଆଫ୍ରିକା ମହାଦେଶରେ ବର୍ତ୍ତମାନ ଆଣ୍ଟି ଡୋପିଂ ଲାବ୍ ସଂଖ୍ୟା ଶୂନରେ ପହଞ୍ଚିଛି। ଆଫ୍ରିକା ମହାଦେଶର ବ୍ଲୋଏମଫୋଣ୍ଟିନ୍‌ରେ ଏହା ୱାଡା ଦ୍ୱାରା ପରିଚାଳିତ ଏକମାତ୍ର ଆଣ୍ଟି ଡୋପିଂ ଲାବ୍ ରହିଥିଲା। ଏଠାରେ ଷ୍ଟେରଏଡ୍ ପରୀକ୍ଷଣ ପାଇଁ ଭୁଲ୍ ପ୍ରଣାଳୀ ବ୍ୟବହାର କରାଯାଉଥିବା କାରଣରୁ ୬ ମାସ ପାଇଁ ଏହି ଲାବ୍‌କୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଏହି ଲାବ୍‌ରେ ରହିଥିବା ସମସ୍ତ ନମୁନାକୁ ବର୍ତ୍ତମାନ ଅନ୍ୟ ଲାବ୍‌କୁ ସ୍ଥାନାନ୍ତର କରାଯାଇଛି। ଏହି ଲାବ୍ ବନ୍ଦ ହେବା ପରେ ଆଫ୍ରିକା ମହାଦେଶର ସବୁଠାରୁ ନିକଟତମ ଲାବ୍ ୬୬୦୦ କି.ମି. ଦୂରରେ ରହିଛି। ଦୋହା, ଭାରତ, ପର୍ତ୍ତୁଗାଲ, ସ୍ପେନ୍ ଓ ତୁର୍କୀରେ ରହିଥିବା ଲାବ୍ ଅନ୍ୟୂନ ୬୬୦୦ କି.ମି. ଦୂରରେ ଅବସ୍ଥିତ। ଏତେ ଦୂର ନମୁନା ନେବା ଦ୍ୱାରା ଏହା ପ୍ରଦୂଷିତ ହେବାର ସମ୍ଭାବନା ବୃଦ୍ଧି ପାଇଥାଏ। ଏହା ଦ୍ୱାରା ଟେଷ୍ଟିଂ ମଧ୍ୟ ଅସମ୍ଭବ ହୋଇ ପଡିବ। ବର୍ତ୍ତମାନ ଆଫ୍ରିକା ମହାଦେଶରୁ ସଂଗୃହୀତ ନମୁନାଗୁଡିକ ଏହି ୫ ଦେଶର ଲାବରେ ପରିକ୍ଷଣ ହେବ। ଏହା ସହିତ ଏହି ଲାବ୍‌ରେ ବିଗତ ୬ ମାସ ମଧ୍ୟରେ ହୋଇଥିବା ଟେଷ୍ଟଗୁଡିକ ଉପରେ ଲାଗିଥିବା ବାସନ୍ଦାଦେଶ ହଟାଇବାକୁ ୱାଡା ଯୋଜନା କରୁଥିବା କୁହାଯାଇଛି।

# ମୁମ୍ବାଇକୁ ହରାଇଲା ଦିଲ୍ଲୀ କ୍ୟାପିଟାଲ୍ସ

**ନୂଆଦିଲ୍ଲୀ, ୫।୩**

ଦିଲ୍ଲୀ କ୍ୟାପିଟାଲ୍ସ ମଙ୍ଗଳବାର ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍) ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୨୯ ରନରେ ପରାସ୍ତ କରିଛି। ଅଧିନାୟିକା ମେଗ୍ ଲାନିଂ ଓ ଜେମିମା ରୋଡ୍ରିଗ୍ସେଜଙ୍କ ଅର୍ଦ୍ଧଶତକ ସହାୟତାରେ ଦିଲ୍ଲୀ ଦଳ ୪ ଉଇକେଟ ହରାଇ ୧୯୨ ରନ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା।

**ଓମେନ୍ସ ପ୍ରିମିୟର ଲିଗ୍ କ୍ରିକେଟ**

**ଜେମିମା ରୋଡ୍ରିଗ୍ସେଜ ପ୍ଲେୟର୍ ଅଫ୍ ଦି ମ୍ୟାଚ୍**

ଟପ୍ ଓ ମିଡିଲ ଅର୍ଡରରେ ୟାସ୍ତିକା ଭାଟିଆ ୬, ନାଟ୍ ସ୍କିଭର-ବ୍ରଣ୍ଟ ୫, ଅଧିନାୟିକା ହରମନପ୍ରୀତ କୌର ୬, ହିଲି ମାଥ୍ୟୁସ ୨୯, ଆମେଲିଆ କେର ୧୭ ରନକରି ଆଉଟ ହୋଇଥିବାବେଳେ ୭ ନମ୍ବର ବ୍ୟାଟର ଅମନଜୋତ କୌର ସର୍ବାଧିକ ୪୨ ରନ ସ୍କୋର କରିଥିଲେ। ଦିଲ୍ଲୀ ପକ୍ଷରୁ ଜେସ୍ ଜୋନାସେନ ୩ଟି, ମାରିଜନେ କାପ୍ ୨ଟି ଏବଂ ଶିଖା ପାଣ୍ଡେ, ଟିଟାସ ସାଧୁ ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୫ ମ୍ୟାଚରୁ ୪ ବିଜୟ ସହ ଦିଲ୍ଲୀ ୮ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ମୁମ୍ବାଇ ୫ ମ୍ୟାଚରୁ ୩ୟ ପରାଜୟ ସହ ତୃତୀୟ ସ୍ଥାନକୁ ଖସିଛି। ଫେବୃୟାରୀ ୨୩ରେ ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ୪ ଉଇକେଟରେ ଦିଲ୍ଲୀକୁ ପରାସ୍ତ କରିଥିଲା। ଏଠାରେ ବିଜୟୀ ହୋଇ ଦିଲ୍ଲୀ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ମେଗ୍ ଲାନିଂ ଓ ଶେଫାଳି ବର୍ମାଙ୍କ ଓପନିଂ ଯୋଡ଼ିରେ ୨୭ ବଲ୍‌ରୁ ୪୮ ରନ ସଂଗ୍ରହ କରିଥିଲା। ଶେଫାଳି ୧୨ ବଲ୍‌ରୁ ୨୮ ରନରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଏଲିସ କାପ୍‌ସେ ୧୯ ରନକରି ଆଉଟ ହୋଇ ଯାଇଥିଲେ ହେଁ ୩୮ ବଲ୍‌ରୁ ୫୩ (୬ ଚୌକା, ୨ ଛକା) ରନକରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ ମେଗ୍ ଲାନିଂ। ମିଡିଲ ଅର୍ଡରରେ ଜେମିମା ରୋଡ୍ରିଗ୍ସେଜ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ୩୩ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହାୟତାରେ ୬୯ ରନରେ ଅପରାଜିତ ରହି ଦଳୀୟ ସ୍କୋରକୁ ୧୯୨ରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମୁମ୍ବାଇ ବୋଲରଙ୍କ ମଧ୍ୟରେ ଶବନିମ ଇସମାଇଲ, ସାଇକା ଇସାକ, ପୂଜା ବସ୍ତ୍ରକାର ଓ ହିଲି ମାଥ୍ୟୁସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୯୨/୪ (ଜେମିମା ରୋଡ୍ରିଗ୍ସେଜ-୬୯*, ମେଗ୍ ଲାନିଂ-୫୩, ଶେଫାଳି ବର୍ମା-୨୮, ସାଇକା ଇସାକ-୧/୨୯, ପୂଜା ବସ୍ତ୍ରକାର-୧/୨୦, ହିଲି ମାଥ୍ୟୁସ-୧/୨୩, ଶବନିମ ଇସମାଇଲ-୧/୪୬)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୬୩/୮ (ଅମନଜୋତ କୌର-୪୨, ଜେସ୍ ଜୋନାସେନ-୩/୨୧, ମାରିଜନେ କାପ୍-୨/୩୭, ଶିଖା ପାଣ୍ଡେ-୧/୨୭, ଟିଟାସ ସାଧୁ-୧/୨୩, ରାଧା ଯାଦବ-୧/୨୩)।


ଶଟ୍ ଖେଳିବା ଅବସରରେ ଜେମିମା ରୋଡ୍ରିଗ୍ସେଜ।

# ରେକର୍ଡଧାରୀ ସ୍ପିନର ନଦିମଙ୍କ ଅବସର

**କୋଲକାତା, ୫।୩ (ପି.ଟି.)**

ଭାରତ ପାଇଁ ଦୁଇଟି ଟେଷ୍ଟ ମ୍ୟାଚ ଖେଳିଥିବା ଝାଡ଼ଖଣ୍ଡର ବାମହାତୀ ସ୍ପିନର ଶାହାବାଜ ନଦିମ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଜାତୀୟ ଦଳକୁ ଫେରିବା ସୁଯୋଗ ନ ଥିବା ଅନୁଭବ କରି ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ବର୍ତ୍ତମାନ ସେ ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍‌ଗୁଡ଼ିକରେ ତାଙ୍କ ଭାଗ୍ୟ ପରୀକ୍ଷା କରିବେ। ଝାଡ଼ଖଣ୍ଡ ତରଫରୁ ଦୁଇ ଦଶନ୍ଧି ଧରି ଖେଳିଆସୁଥିବା ନଦିମଙ୍କର ଏକ ଲିଷ୍ଟ 'ଏ' କ୍ରିକେଟରେ ଶ୍ରେଷ୍ଠ ବୋଲିଂ ଫିଗର (୮/୧୦) ହେଉଛି ଏକ ବିଶ୍ୱ ରେକର୍ଡ। ୨୦୧୮-୧୯ ସିଜନରେ ଚେନ୍ନାଇଠାରେ ଏକ ବିଜୟ ହଜାରେ ଟ୍ରଫି ଲିଗ୍ ମ୍ୟାଚରେ ତାଙ୍କ ୧୦ ଓଭର ବୋଲିଂରେ ସେ ଏହି ସଫଳତା ହାସଲ କରିଥିଲେ। ରାଜସ୍ଥାନ ଏହି ମ୍ୟାଚରେ ୨୮. ୩ ଓଭରରେ ୭୩ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଝାଡ଼ଖଣ୍ଡ ଏହି ମ୍ୟାଚ ୭ ଉଇକେଟରେ ଜିତି ନେଇଥିଲା। ସେହି ସିଜନରେ ବିଜୟ ହଜାରେ ଟ୍ରଫିରେ ସେ ୯ଟି ମ୍ୟାଚରୁ ୧୩.୦୪ ଆଭରେଜରେ ୨୪ ଉଇକେଟ ସହ ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ୨୦୧୯ରେ ରାଞ୍ଚିସ୍ଥିତ ଜେଏସ୍‌ସିଏ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ତାଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ପଦାର୍ପଣର ସୁଯୋଗ ମିଳିଥିଲା। ସେ ସମୟରେ କୁଲଦୀପ ଯାଦବ ଆଘାତପ୍ରାପ୍ତ ହେବାରୁ ମ୍ୟାଚ୍‌ର ୨୪ ଘଣ୍ଟା ପୂର୍ବରୁ ତାଙ୍କୁ ଦଳରେ ନିଆଯାଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ତୃତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ନଦିମ ଟେମ୍ବା ବଭୁମାଙ୍କ ଉଇକେଟ ସମେତ ୪୦ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଭାରତ ଏହି ମ୍ୟାଚ ଏକ ଇନିଂସ ୨୦୨ ରନରେ ଜିତି ନେଇଥିଲା। ଭାରତୀୟ ଦଳରେ ପୁଣି ସୁଯୋଗ ପାଇବା ଲାଗି ଏହି ଝାଡ଼ଖଣ୍ଡ ସ୍ପିନରଙ୍କୁ ଆଉ ଦୁଇ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୨୧ରେ ଚେନ୍ନାଇଠାରେ ଇଂଲଣ୍ଡ ବିପକ୍ଷରେ ସେ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ ଖେଳିଥିଲେ। ନଦିମ ତାଙ୍କ କ୍ୟାରିୟରରେ ୧୪୦ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୫୪୨ ଉଇକେଟ ନେଇଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ଶ୍ରେଷ୍ଠ ଫିଗର ୭/୪୫ ରହିଛି। ସେ ଆହୁରି ମଧ୍ୟ ୨୦୧୫-୧୬ ଓ ୨୦୧୬-୧୭ କ୍ରମାଗତ ଦୁଇ ସିଜନରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଛନ୍ତି। ଲିଷ୍ଟ ଏ' କ୍ରିକେଟରେ ସେ ୧୩୪ ମ୍ୟାଚରେ ୧୭୫ ଉଇକେଟ ନେଇଛନ୍ତି। ଆଇପିଏଲ୍‌ରେ ସେ ଦିଲ୍ଲୀ ଡେୟାର ଡେଭିଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ତରଫରୁ ୭୨ ମ୍ୟାଚ ଖେଳିଛନ୍ତି।


ଶାହାବାଜ ନଦିମ

## ବିସିସିଆଇର ସ୍ୱୀକୃତି ଚାହୁଁଛି ଦୃଷ୍ଟିବାଧିତ କ୍ରିକେଟ ଦଳ

**ନୂଆଦିଲ୍ଲୀ, ୫।୩ (ପି.ଟି.):** ଭାରତୀୟ ଦୃଷ୍ଟି ବାଧିତ କ୍ରିକେଟ ଦଳ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସହଯୋଗ ଆବଶ୍ୟକ କରୁଛି। ଏହାଦ୍ୱାରା ଭିନ୍ନକ୍ଷମ ଖେଳାଳିଙ୍କୁ ଗେମ୍‌ର ପରବର୍ତ୍ତୀ ସ୍ତରକୁ ନେଇ ହେବ। ସକ୍ଷମ ଖେଳାଳିଙ୍କ ଭଳି ବିସିସିଆଇ ତରଫରୁ ଦୃଷ୍ଟିବାଧିତ ଖେଳାଳିମାନଙ୍କୁ ସମାନ ସୁବିଧା ଓ ସୁଯୋଗ ମିଳିବା ଆବଶ୍ୟକ ବୋଲି ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳ କୋଚ୍ ମହମ୍ମଦ ଇବ୍ରାହିମ୍ ସୋମବାର ପ୍ରକାଶ କରିଛନ୍ତି। କେବଳ ବିସିସିଆଇର ସ୍ୱୀକୃତି ନୁହେଁ ଦୃଷ୍ଟିବାଧିତ ଖେଳାଳିଙ୍କ ଲାଗି ନ୍ୟାଶନାଲ ବୋର୍ଡ ସେଣ୍ଟ୍ରାଲ କଣ୍ଟ୍ରାକ୍ଟର ବ୍ୟବସ୍ଥା କରିବା ଉଚିତ।

# ସାଥୀଙ୍କ ବ୍ୟାଗ୍‌ରୁ ଚୋରି କଲେ ପାକିସ୍ତାନୀ ବକ୍ସର

**କରାଚୀ, ୫।୩(ପି.ଟି.)**

ଇଟାଲୀରେ ନିଜ ସାଥୀ ଖେଳାଳିଙ୍କ ବ୍ୟାଗ୍‌ରୁ କେତେକ ମୁଦ୍ରା ଚୋରି କରିବା ସହ ଫେରାର ହୋଇଯାଇଛନ୍ତି ବକ୍ସର ଜୋହେବ ରଶିଦ। ଏକ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ଯୋଗଦେବା ପାଇଁ ଜୋହେବ ୫ ଜଣିଆ ପାକିସ୍ତାନୀ ଦଳ ସହିତ ଯାଇଥିଲେ। ତେବେ ସେଠାରୁ ବିଦେଶୀ ମୁଦ୍ରା ଚୋରି କରି ସେ କେଉଁଆଡେ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି । ଏ ନେଇ ପାକିସ୍ତାନ ଆମେଚର ବକ୍ସିଂ ଫେଡେରେଶନ ପକ୍ଷରୁ ଇଟାଲୀସ୍ଥିତ ପାକିସ୍ତାନୀ ଏମ୍ବାସି ଓ ପୋଲିସ ନିକଟରେ ଅଭିଯୋଗ କରାଯାଇଛି। ଏହା ଆମ ଫେଡେରେଶନ ଓ ଦେଶ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି କହିଛନ୍ତି ପାକିସ୍ତାନ ଆମେଚର ବକ୍ସିଂ ଫେଡେରେଶନ ସମ୍ପାଦକ କଲୋନେଲ ନାସିର ଅହମଦ। ଜୋହେବ ଗତବର୍ଷ ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ତାଙ୍କୁ ପାକିସ୍ତାନର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଭାବରେ ମଧ୍ୟ ବିବେଚନା କରାଯାଉଥିଲା। ପାକିସ୍ତାନୀ ଦଳରେ ଜଣେ ମହିଳା ବକ୍ସର ଲୌରା ଇକ୍ରାମ ରହିଥିଲେ। ଲୌରା ଅଭ୍ୟାସ ପାଇଁ ଯାଇଥିବା ବେଳେ ଜୋହେବ ହୋଟେଲ ଫ୍ରଣ୍ଟ ଡେସ୍କରୁ ତାଙ୍କ ରୁମ୍‌ର ଚାବି ନେଇଥିଲେ। ଲୌରାଙ୍କ ବ୍ୟାଗରେ ଥିବା ବିଦେଶୀ ମୁଦ୍ରା ଲୁଟି ନେବା ସହ ସେ ହୋଟେଲ ଛାଡି ଫେରାର ହୋଇ ଯାଇଥିଲେ। ପୋଲିସ ନିକଟରେ ଅଭିଯୋଗ ହୋଇଥିବା ବେଳେ ଜୋହେବଙ୍କ ପାଇଁ ଅନୁସନ୍ଧାନ ଜାରି ରହିଛି। ପାକିସ୍ତାନୀ ଖେଳାଳି ବିଦେଶ ଯାଇ ଗାଏବ ହେବାର ଏହା ପ୍ରଥମ ଥର ନୁହେଁ। ପୂର୍ବରୁ ସନ୍ତରଣ ବିଶ୍ୱକପ୍ ସମୟରେ ଜଣେ ପାକିସ୍ତାନ ସନ୍ତରଣକାରୀ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।



ଜୋହେବ ରଶିଦ

## ପିସିଆଇ ଉପରୁ ନିଲମ୍ବନ ପ୍ରତ୍ୟାହୃତ

**ନୂଆଦିଲ୍ଲୀ, ୫।୩ (ପି.ଟି.):** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ମଙ୍ଗଳବାର ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିନେଇଛି। ଦୀର୍ଘ ଦିନ ଧରି ବାକି ପଡ଼ିଥିବା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ପରେ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। ଏଥିରେ ଏକାଧିକ ଥର ପାରାଲିମ୍ପିକ ପଦକ ଜିତିଥିବା ଦେବେନ୍ଦ୍ର ଝାଝାରିଆ ସଭାପତି ଭାବେ ନିର୍ବାଚିତ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଜାତୀୟ କ୍ରୀଡ଼ା ସଂହିତା ଅନୁସାରେ ଏକ ନୂଆ କାର୍ଯ୍ୟନିର୍ବାହୀ କମିଟି ନିର୍ବାଚିତ କରିବାରେ ଉଦ୍ଦେଶ୍ୟମୂଳକ ଭବେ ବିଳମ୍ବ ଘଟାଇବାରୁ ମନ୍ତ୍ରଣାଳୟ ଫେବୃଆରୀ ୨ରେ ପିସିଆଇ ଉପରୁ ସ୍ୱୀକୃତି ପ୍ରତ୍ୟାହାର କରି ନେଇଥିଲା। ନିର୍ବାଚନ ପ୍ରକୃତରେ ଚଳିତବର୍ଷ ଜାନୁଆରୀ ୩୧ରେ ହେବାର କାର୍ଯ୍ୟକ୍ରମ ରହିଥିଲା।

# କୁନାଲ, ଆଶୁତୋଷଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

**ଭୁବନେଶ୍ୱର, ୫।୩**
**(ତପନ ସ୍ୱାଇଁ)**

**ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମଙ୍ଗଳବାର ୯ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହା ମଧ୍ୟରୁ ୨ଟି ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଅନ୍ୟ ୭ ମ୍ୟାଚ ଏକତରଫାଭାବେ ଶେଷ ହୋଇଛି। କୁନାଲ ଅଗ୍ରୱାଲ ଓ ରଣଜିତ ପତିଙ୍କ ମଧ୍ୟରେ ଦିବସର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରଣଜିତ କଡ଼ା ଟକ୍କର ଦେଇଥିଲେ ହେଁ କୁନାଲ ଶେଷରେ ୪-୩ ଫ୍ରେମ୍‌ରେ ବିଜୟୀ ହୋଇଥିଲେ। ସେହିପରି ଆଶୁତୋଷ ପାଢ଼ୀ ଓ ଜୀତେନ ଷଡ଼ଙ୍ଗୀଙ୍କ ମଧ୍ୟରେ ଅନୁଷ୍ଠିତ ତୃତୀୟ ମ୍ୟାଚଟି ମଧ୍ୟ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିଲା। ଏଥିରେ ଆଶୁତୋଷ ୪-୩ରେ ବିଜୟ ହାସଲ କରିଥିଲେ। ଅନ୍ୟ ମ୍ୟାଚଗୁଡ଼ିକରେ ଶାରଦା ବେହେରା, ଆକ୍ରମ ଖାଁ, ସିଦ୍ଧାର୍ଥ ସେନ୍, ଗୋବିନ୍ଦ ଶର୍ମା, ଆକାଶ ମହାପାତ୍ର ଓ ରାକେଶ ପ୍ରଧାନ ପ୍ରମୁଖ ସହଜ ବିଜୟ ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରାହୁଲ ହାଲିଙ୍କୁ ଶାରଦା ବେହେରା ୪-୦, ସନ୍ଦୀପ ବଡ଼ଜେନାଙ୍କୁ ଆକ୍ରମ ଖାଁ ୪-୦, ଅଂଶୁମାନ ଦାଶଙ୍କୁ ସିଦ୍ଧାର୍ଥ ସେନ୍ ୪-୦, ଅତନୁ ନାୟକଙ୍କୁ ଗୋବିନ୍ଦ ଶର୍ମା ୪-୦, ସମୀର ରଥଙ୍କୁ ଆକାଶ ମହାପାତ୍ର ୪-୦, ଅବିନାଶ ମହାପାତ୍ରଙ୍କୁ ରାକେଶ ପ୍ରଧାନ ୪-୨ରେ ପରାସ୍ତ କରିଛନ୍ତି। କଲ୍ୟାଣ ଛୋଟରାୟଙ୍କ ବିପକ୍ଷରେ ପି. ବିବେକ ୱାକ୍‌ଓଭର ପାଇଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୩୩ ଖେଳାଳି ଅଂଶଗ୍ରହଣ କରିଛନ୍ତି।


କୁନାଲ ଅଗ୍ରୱାଲ



ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ କଳିଙ୍ଗ ଷ୍ଟାଡିୟମ ପରିସରରେ ମଙ୍ଗଳବାର ଆୟୋଜିତ ମିନି ମାରାଥନ।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରୁଛନ୍ତି।

# ବିଜୁ ଜୟନ୍ତୀରେ ମିନି ମାରାଥନ

**ଭୁବନେଶ୍ୱର, ୫।୩**
**(ତପନ ସ୍ୱାଇଁ)**

**ସାମିଲ ହେଲେ ବିଭିନ୍ନ କ୍ରୀଡ଼ା ଇଭେଣ୍ଟର ଛାତ୍ରୀଛାତ୍ର**

**ଫିଟ୍‌ନେସ ପାଇଁ ନିୟମିତ ଯୋଗ କାର୍ଯ୍ୟକ୍ରମର ଶୁଭାରମ୍ଭ**

କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଷ୍ଟାଡିୟମ ପରିସରରେ ଏକ ମିନି ମାରାଥନ ଆୟୋଜନ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ, ଆଥଲେଟିକ୍ସ, ଫୁଟବଲ, ହକି, ସୁଇମିଂ, ଜିମ୍‌ନାଷ୍ଟିକ୍ସ ଓ ସ୍କେଟିଂ ଆଦି ବିଭିନ୍ନ କ୍ରୀଡ଼ାର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏଥିସହିତ ବିଜୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ଚିତ୍ରକଳା, ଏକକ ସଂଗୀତ ଏବଂ ରଙ୍ଗୋଲି ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମ ପରିସରରେ ନିୟମିତ ଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନିଜେ ଯୋଗ କରିବା ସହ ସମସ୍ତେ ଯୋଗକୁ ନିଜ ଜୀବନରେ ସାମିଲ କରି ସୁସ୍ଥ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ଫିଟ୍‌ନେସ ପାଇଁ ଯୋଗ ଓ ପ୍ରାଣାୟାମର ଯଥେଷ୍ଟ ଭୂମିକା ଥିବାରୁ ଏହାକୁ ଦୃଷ୍ଟିରେ ରଖି କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସବୁ ବର୍ଗଙ୍କ ପାଇଁ କଳିଙ୍ଗ ଷ୍ଟାଡିୟମ ପରିସରରେ ନିୟମିତ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଷ୍ଟାଡ଼ିୟମ ପରିସରରେ ଏକ ଏଟିଏମ୍ କାଉଣ୍ଟର ମଧ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହକି ପ୍ରମୋଶନ କାଉନସିଲ ସିଇଓ ତଥା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଦିଲ୍ଲୀପ କୁମାର ଜେନା, ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ, ଶୈଳେନ୍ଦ୍ର କୁମାର ଜେନା ଓ ରଞ୍ଜିତ ପରିଡାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ପ୍ରୋଗ୍ରାମ ଅଧିକାରୀ ନିବେଦିତା ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ଏହି ମ୍ୟାଚରେ କ୍ରୀଡ଼ା ଓ ଯୁବସେବା ଏକାଦଶ ୩-୨ ଗୋଲରେ ଏଚ୍‌ପିସି ଏକାଦଶକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। କ୍ରୀଡ଼ା ଓ ଯୁବସେବା ଏକାଦଶ ପକ୍ଷରୁ ଆଦିତ୍ୟ ମାଥୁର ୨୨, ପୁର୍ଣ୍ଣେନ୍ଦୁ ଶେଖର ମାଝୀ ୨୯ ଓ ଗଣେଶ୍ୱର ସିଧୁ ୪୧ତମ ମିନିଟ ସମୟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଚପିସି ପକ୍ଷରୁ ଲାଲୁପ୍ରସାଦ ଭୋଇ ୫୪ ଓ ଲକ୍ଷ୍ମଣ ଚେତ୍ତି ୬୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।



ଫୁଟବଲ ଇଭେଣ୍ଟରେ ବିଜେତା କ୍ରୀଡ଼ା ଓ ଯୁବସେବା ବିଭାଗ ଦଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଦୂବ ଦୁଆରୀ ପନାସି ତାଟି
ଚନ୍ଦ୍ର ସୂର୍ଯ୍ୟଙ୍କର ଘର
ଖୁଦ ଦେବତା ଡାକୁ ଅଛନ୍ତି
ମଣିମା ବିଜେ କର।

ଅଭାବ ଅନଟନରେ ରହିଥିବା ବ୍ୟକ୍ତି ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରିଥାନ୍ତି। ରହିବାକୁ ସେମାନଙ୍କ ପାଖରେ ଭଲ ଘର ଖଣ୍ଡିଏ ନ ଥାଏ କି ଖାଇବାକୁ ମୁଠେ ଦାନା ନ ଥାଏ। ଭଙ୍ଗା ଦଦରା ଘରେ ଭୋକ ଉପାସରେ ପଡି ରହିଥିବା ଦରିଦ୍ର ବ୍ୟକ୍ତିର ଦୁରବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଦୟା ନାହିଁ କି ମାୟା ନାହିଁ
ମିଛେ ବୋଲେ ଭାଇ ଭାଇ।

ସ୍ନେହମମତା ବିବର୍ଜିତ ଅଥଚ ମୁହଁରେ ଭାଇ ଭାଇ ଭଳି ଆପଣାର ଭାବ। ମୁହଁ ଉପରେ ସୁନ୍ଦର ଅଭିନୟ କରି ଆତ୍ମୀୟଙ୍କ ଭଳି କଥା କହୁଥିବା ଅନ୍ତଃକପଟୀ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ


ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମହାବଳ ସୁରକ୍ଷାରେ ୪ ହାତୀ

- ୨୦୨୬ ସୁଦ୍ଧା ବାଘ ସଂଖ୍ୟା ୫୦ ଟପିବା ଲକ୍ଷ୍ୟ
- ଖୋଲା ଗାଡ଼ିରେ ପର୍ଯ୍ୟଟକ ବୁଲିବେ ଶିମିଳିପାଳ

ବାରିପଦା,୫।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ନେଇ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିଥିବା ନେଇ ନ୍ୟାଶନାଲ ଟାଇଗର କଞ୍ଜର୍ଭେଶନ ଅଫ୍ ଅଥରିଟି (ଏନ୍‌ଟିସିଏ) ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇବା ପରେ ବନ ବିଭାଗ ଉତ୍ସାହିତ ହୋଇପଡ଼ିଛି। ରାଜ୍ୟର ଶିମିଳିପାଳ ଅଭୟାରଣ୍ୟରେ କେବଳ ମହାବଳ ବାଘ ରହୁଥିବା ବେଳେ ସେମାନଙ୍କ ବଂଶବୃଦ୍ଧି ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମହାବଳଙ୍କ ସୁରକ୍ଷା ସକାଶେ ୪ ହାତୀ ନିୟୋଜିତ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ଆସନ୍ତା ୨୦୨୬ ସୁଦ୍ଧା ମହାବଳ ବାଘ ସଂଖ୍ୟା ୫୦ ପାର୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହିତ କଲରାପତରିଆ ବାଘ ଗଣନା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଜୁନ୍ କିମ୍ବା ଜୁଲାଇ ମାସରୁ ଏହି ଗଣନା ହେବ ବୋଲି ବାରିପଦା କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ.ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି।



ଶିମିଳିପାଳ ଅଭୟାରଣ୍ୟ।

ରାଜ୍ୟ ସରକାରଙ୍କ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଶିମିଳିପାଳରେ ୨୭ ମହାବଳ ଓ ୮ ଶାବକ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୪ ବାଘୁଣୀ ରହିଥିବା ବେଳେ ସେଥିରୁ ୫ ବାଘୁଣୀ ଛୁଆ ଦେଇଛନ୍ତି। ୫ ବାଘୁଣୀଙ୍କ ମଧ୍ୟରେ ୨ଟି ମିଲେନାଷ୍ଟିକ ବାଘ ରହିଛନ୍ତି। ପ୍ରତି ବାଘ ୩ଟି ଛୁଆ ଜନ୍ମ କରିଥିବାରୁ ଶାବକ ସଂଖ୍ୟା ୧୫ ହେବ ବୋଲି ଅନୁମାନ କରାଯାଉଛି। ତେବେ ୨୦୨୬ରେ ଏନ୍‌ଟିସିଏ ପକ୍ଷରୁ ହେବାକୁ ଥିବା ବାଘଗଣନା ବେଳକୁ ମହାବଳ ସଂଖ୍ୟା ୫୦ ଟପିଯିବ ବୋଲି ଅନୁମାନ କରାଯାଉଛି।

ମହାବଳଙ୍କ ସୁରକ୍ଷା ସହିତ ବଂଶ ବୃଦ୍ଧି ନିମନ୍ତେ ନିୟମିତ ତଥ୍ୟ ହାସଲ କରିବାକୁ ୪ ହାତୀଙ୍କୁ ନିୟୋଜିତ କରାଯିବ। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଅନେକ ହାତୀ ନିୟୋଜିତ ହୋଇଥିବା ବେଳେ ଶିମିଳିପାଳ ଅଭୟାରଣ୍ୟରେ ଅନୁରୂପ ହାତୀ ସହଯୋଗରେ ପାଟ୍ରୋଲିଂ ଓ ଅନୁଧ୍ୟାନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିନିମନ୍ତେ ଚନ୍ଦକା ଅଭୟାରଣ୍ୟରୁ ଏକ କୁମକୀ ହାତୀ 'ଯଶୋଦା'କୁ ଅଣାଯାଇ କୋର୍ ଅଞ୍ଚଳରେ ଜେନାବିଲ ଆଶ୍ରୟସ୍ଥଳୀରେ ରଖାଯାଇଛି। ସେହିପରି ଶିମିଳିପାଳରୁ ସାତକୋଶିଆ ଯାଇଥିବା 'ରାଜକୁମାର' ଓ 'ମହେନ୍ଦ୍ର'କୁ ଅଣାଯାଇ ତାଲିମ ପ୍ରଦାନ କରାଯିବ। ପୂର୍ବରୁ ଥିବା ୧୭ବର୍ଷର 'ଶିବାନୀ'କୁ ମିଶାଇ ୪ ହାତୀଙ୍କ ଦାୟିତ୍ୱ ପାଇଁ ସ୍ଥାନୀୟ ମାହୁନ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ହାତୀମାନଙ୍କୁ ତାଲିମ ଦେବା ପାଇଁ ଆସାମରୁ ୨ଜଣ ମାହୁନ୍ତ ଆସି ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରିବା ପରେ ମହାବଳ ସୁରକ୍ଷାରେ ହାତୀମାନଙ୍କୁ ନିୟୋଜିତ କରାଯିବ। ସେହିପରି ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ୩୫ଟି ଅତ୍ୟାଧୁନିକ ଗାଡ଼ି ନିୟୋଜିତ କରାଯିବ। ଖୋଲା ଗାଡ଼ିରେ ବସି ପର୍ଯ୍ୟଟକମାନେ ବନ୍ୟଜନ୍ତୁଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିବାର ବ୍ୟବସ୍ଥା କରାଯାଉଥିବା ଆର୍‌ସିସିଏଫ୍ ସୂଚନା ଦେଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କଲରାପତରିଆ ବାଘ ଗଣନା ନେଇ ବ୍ୟାପକ ପ୍ରସ୍ତୁତି ଆଗେଇ ଚାଲିଥିବା ବେଳେ ମହାବଳ ଗଣନା ସମୟରେ ୧୩୧ଟି କଲରାପତରିଆ ବାଘ ଚିହ୍ନଟ ହୋଇଥିବା ନେଇ ଆର୍‌ସିସିଏଫ୍ ଗୋଗିନେନି କହିଛନ୍ତି।

# ଟ୍ରେଡିଂ ନିଶାରେ ଯୁବକ ହରାଇଲେ ୨୫ ଲକ୍ଷ

ଅନୁଗୋଳ,୫।୩(ଅମିତ ସାମଲ)

ଅନୁଗୋଳ ଗୋଟମରା ଅଞ୍ଚଳର ନରେନ୍ଦ୍ର ସାହୁ ସାଇବର ଠକେଇର ଶିକାର ହୋଇଛନ୍ତି। ଠକ ଜଣକ ତାଙ୍କଠାରୁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ସେ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ନରେନ୍ଦ୍ରଙ୍କ ମୋବାଇଲକୁ ଅନ୍‌ଲାଇନରେ ଏକ ଅଜଣା ଲିଙ୍କ୍ ଆସିଥିଲା। ଯେଉଁ ଲିଙ୍କ୍ ମାଧ୍ୟମରେ ସେ ଅନ୍‌ଲାଇନ ଟ୍ରେଡିଂ ଆରମ୍ଭ କରିଥିଲେ। କୋଟିପତି ଆଶାରେ ସେ ଗତ ଜାନୁଆରୀ ୨୪ରୁ ଫେବୃଆରୀ ୧୯ ମଧ୍ୟରେ ମୋଟ୍ ୬ଟି ପର୍ଯ୍ୟାୟରେ ୨୫ ଲକ୍ଷ ୫୦ ହଜାର ଟଙ୍କା ପୈଠ କରିଥିଲେ। ହେଲେ ଟଙ୍କା ଉଠାଣ ସମୟରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ର ହେଲେ ରାଷ୍ଟ୍ରୀୟ ମାନବାଧିକାର ସୁରକ୍ଷା ପରିଷଦର ମୁଖ୍ୟ ଉପଦେଷ୍ଟା

କଟକ,୫।୩(କାର୍ତ୍ତିକ ସାହୁ)



ରାଷ୍ଟ୍ରୀୟ ମାନବାଧିକାର ସୁରକ୍ଷା ପରିଷଦର ମୁଖ୍ୟ ଉପଦେଷ୍ଟା ଭାବେ ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଷ୍ଟିସ ଏ.ଏସ୍. ନାଇଡୁ ନିଯୁକ୍ତି ଦେଇଛନ୍ତି। ଏନେଇ ପରିଷଦର ରାଜ୍ୟ ସଂଯୋଜକ ମହମ୍ମଦ ଆରିଫ ଉଦ୍ଦିନ ଖାନ୍ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ଜଷ୍ଟିସ ମହାପାତ୍ର ନ୍ୟାୟ ପ୍ରଦାନ କ୍ଷେତ୍ରରେ ବହୁ ସୁନାମ ଅର୍ଜନ କରିଛନ୍ତି। ମାନବିକ ଅଧିକାରକୁ ଯେଭଳି ବିଭିନ୍ନ କ୍ଷେତ୍ରରେ ସୁଦୃଢ଼ ଓ ସୁରକ୍ଷିତ କରାଯାଇପାରିବ ଏବଂ ଲୋକଙ୍କୁ ଏ ନେଇ ସଚେତନ କରାଯିବା ସହ କେହି ଯେପରି ମାନବିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜଷ୍ଟିସ ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ ମହାପାତ୍ରଙ୍କ ନିଯୁକ୍ତିକୁ ରାଜ୍ୟର ଆଇନଜୀବୀ ଓ ମାନବାଧିକାର କର୍ମୀ ମହଲରେ ସ୍ୱାଗତ କରାଯାଇଛି।

# କାର୍ ଧକ୍କାରେ ୨ ଭାଇଙ୍କ ମୃତ୍ୟୁ

ଜୁନାଗଡ଼,୫।୩ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ନକଟିଗୁଡା ଛକଠାରେ ମଙ୍ଗଳବାର ଅପରାହ୍ନରେ ଏକ କାର ଧକ୍କାରେ ୨ ଭାଇଙ୍କ ମୃତ୍ୟୁ ଘଟିଛି। ମୃତ ୨ ଭାଇ ହେଲେ ଧର୍ମଗଡ଼ ବ୍ଲକ ବୋଡେନ ପଞ୍ଚାୟତ ଡାବରିପଦର ଗ୍ରାମର ଧନଞ୍ଜୟ ହେରନା (୩୨) ଓ କିଶୋର ହେରନା (୪୬)। ମିଳିଥିବା ସୂଚନା ଅନୁସାରେ, ନିକଟସ୍ଥ ଏକ ଗାଁରୁ ଭୋଜିଖାଇ ୨ ଭାଇ ଗାଁକୁ ଫେରୁଥିଲେ। ନକଟିଗୁଡା ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ କାର (ନଂ.ଓଡି୦୮ଭି-୧୧୧୦) ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ ଦୁଇଭାଇ ଗୁରୁତର ହୋଇ ରାସ୍ତାରେ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଜୁନାଗଡ଼ ପୋଲିସ କାର ଜବତ କରିଥିବାବେଳେ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନ ପରିସରରେ ମଙ୍ଗଳବାର ବିଜୁବାବୁଙ୍କ ଜୀବନୀ ସମ୍ବନ୍ଧିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି। ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିବାବେଳେ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ଏବଂ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଙ୍ଗାଳୀ ସମାଜ କମ୍ୟୁନିଟି ଗୃହ ପାଇଁ ଶିଳାନ୍ୟାସ

ସର୍ଗୀଗୁଡା, ୫।୩(ବୈକୁଣ୍ଠ ନାଗ)

ବଲାଙ୍ଗୀର ଜିଲା ଟିଟିଲାଗଡ ୧୪ ନମ୍ବର ୱାର୍ଡରେ ଥିବା ରାମକୃଷ୍ଣ ପରମହଂସ ଟ୍ରଷ୍ଟ କାଳି ମନ୍ଦିର ପରିସରରେ ବଙ୍ଗାଳୀ ସମାଜର ଏକ କମ୍ୟୁନିଟି ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ ଟୁକୁନି ସାହୁ। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨୫ଲକ୍ଷ ଟଙ୍କା ଏହି କମୁନିଟି ଗୃହ ଓ କାଳି ମା' ମନ୍ଦିର ମରାମତି ଓ ନବୀକରଣ ପାଇଁ ପ୍ରଦାନ କରାଯାଇଛି। ପୂଜକ ତଥା ଟ୍ରଷ୍ଟ ସମ୍ପାଦକ ସ୍ୱାମୀ ଅଦ୍ରସନନ୍ଦ ମହାରାଜ, ବଙ୍ଗାଳୀ ସମାଜ ସଭାପତି ଶେଖର ସିନ୍ହା, ଉପସଭାପତି କଲ୍ୟାଣ ବୋଷ, ସମ୍ପାଦକ ଦୀପକ ସମାଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

# ଶକ୍ତି ଉତ୍ତୋଳନରେ ଅଖିଳେଶଙ୍କୁ ସ୍ୱର୍ଣ୍ଣ

ଟିଟିଲାଗଡ଼, ୫।୩ (ଶରତ ମିଶ୍ର): ଟିଟିଲାଗଡ଼ ସହର କଟକିଆ ପଡାର ଅଖିଳେଶ ସାହୁ ଜାତୀୟ ସ୍ୱତନ୍ତ୍ର ଅଲିମ୍ପିକ ଭାରତ ୫୯କେଜି ବର୍ଗ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଉତ୍ତରପ୍ରଦେଶ ରାଜ୍ୟ କାନପୁରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦଳଗତ ଭାବେ ରୌପ୍ୟ ପଦକର ମଧ୍ୟ ଭାଗିଦାର ହୋଇଛନ୍ତି। ଜଣେ ବୌଦ୍ଧିକ ଭିନ୍ନକ୍ଷମ ଅଖିଳେଶଙ୍କ କ୍ରୀଡା ପ୍ରତି ରୁଚି ଦେଖି ତାଙ୍କ ପିତା ସୋମନାଥ ସାହୁ ଏବଂ ସ୍ୱତନ୍ତ୍ର ଭାରତ ଅଲିମ୍ପିକ କୋଚ ଉମାକାନ୍ତ ଷଡ଼ଙ୍ଗୀ ତାଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିଥିଲେ। ସେ ୨୦୨୩ ବିଶ୍ୱ କ୍ରୀଡା ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ବେଳେ ଆଗାମୀ ୨୦୨୪ ବିଶ୍ୱ କ୍ରୀଡା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି।

# ଧଣ୍ଡାମୁଣ୍ଡା ଚାମ୍ପିୟନ, ବଡ଼ଗୁର୍ଜିଭଟା ରନର ଅପ




ଖପ୍ରାଖୋଲ, ୫।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଖେଳପଡିଆରେ ଧଣ୍ଡାମୁଣ୍ଡା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଞ୍ଚଳିକ କ୍ରିକେଟ କପ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଧଣ୍ଡାମୁଣ୍ଡା ଓ ବଡଗୁର୍ଜିଭଟା ମଧ୍ୟରେ ହୋଇଥିଲା। ଟସ୍ ଜିତି ଧଣ୍ଡାମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୧୬ଓଭରରେ ୧୭୮ରନ କରିଥିଲା। ଜବାବରେ ବଡଗୁର୍ଜିଭଟା ୧୫ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ରନ କରି ରନର ଅପ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚଙ୍ଗରିଆ ସରପଞ୍ଚ ସୁଶୀଲ କୁମାର ଗୁରୁ, ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧ହଜାର ୧୧୧ଟଙ୍କା ଓ ରନର ଅପ ଦଳକୁ ଟ୍ରଫି ସହ ୭ହଜାର ୭୭୭ଟଙ୍କା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶୋଭନମୟ ମିଶ୍ର ପରିଚାଳନା କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ଭବାନୀପାଟଣା/ଗୋଲାମୁଣ୍ଡା, ୫।୩(ଉତ୍ତମ କୁମାର ଦାଶ/ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଟେମରି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ରାତିରେ ଗ୍ରାମର ହେମନ୍ତ ବାଗ ଓ ତାଙ୍କ ସ୍ତ୍ରୀ ଘରେ ପୂଜା କରିବାକୁ କହି ବୃଦ୍ଧ ସଦାନନ୍ଦ ଭୋଇ (୬୫)ଙ୍କୁ ଡାକିଥିଲେ। ପରେ ଘର କବାଟ ବନ୍ଦ କରି ସ୍ତ୍ରୀସ୍ୱାମୀ ସଦାନନ୍ଦଙ୍କୁ ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ସଦାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁଣିଗାରେଡ଼ି ସନ୍ଦେହରେ ହିଁ ସଦାନନ୍ଦ ଭୋଇଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଇଛି। ଏ ନେଇ ମଙ୍ଗଳବାର ସଦାନନ୍ଦଙ୍କ ପୁତୁରା ସୁଧୀର ଭୋଇ ଗୋଲାମୁଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୪୦/୨୪) ରୁଜୁ କରି ହତ୍ୟାକାରୀ ସ୍ତ୍ରୀସ୍ୱାମୀଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।


ମୃତ ସଦାନନ୍ଦ ଭୋଇ।

# ବିଜେଡିର ନୂଆ ୱେବ୍‌ସାଇଟ୍ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୩(ଅନିଲ ଦାସ)

ବିଜୁବାବୁଙ୍କ ଜୟନ୍ତୀ ଅବସରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ନୂତନ ଭାବେ ପ୍ରସ୍ତୁତ ନାଗରିକକୈନ୍ଦ୍ରିକ ୱେବ୍‌ସାଇଟ୍ https://www.bjdodisha.org.in/homeକୁ ଉନ୍ମୋଚନ କରିଛନ୍ତି। ଏହି ୱେବ୍‌ସାଇଟ୍‌ରେ ମହିଳା ସଶକ୍ତୀକରଣ, ଅନ୍ତର୍ଭୁକ୍ତି ବିକାଶ, ଆଦିବାସୀ କଲ୍ୟାଣ, ଯୁବ ଓ କ୍ରୀଡ଼ା, କୃଷି, ଆଇଟି ଏବଂ ପୁଞ୍ଜିନିବେଶ ଭଳି କ୍ଷେତ୍ରରେ ୫ଟି ନେତୃତ୍ୱାଧୀନ ପରିବର୍ତ୍ତନର ଏକାଧିକ ସ୍ତମ୍ଭ ପ୍ରଦର୍ଶିତ ହୋଇଛି।

ଲୋକଙ୍କ ସ୍ୱରକୁ ସୁଦୃଢ଼ କରିବା, ସେମାନଙ୍କୁ ରାଜ୍ୟର ପ୍ରଗତିରେ ଅଂଶୀଦାର କରିବା ଦିଗରେ ଦଳର ପ୍ରତିବଦ୍ଧତାକୁ ମଧ୍ୟ ଏହି ୱେବ୍‌ସାଇଟରେ ଦର୍ଶାଯାଇଛି। ୫-ଟି ଅଧ୍ୟକ୍ଷଙ୍କ ନିରନ୍ତର ପ୍ରୟାସ ଭାବେ ସମସ୍ତ ଜିଲାର ଲୋକଙ୍କଠାରୁ ମତାମତ ସଂଗ୍ରହ କରିବା ଏବଂ ଅଭିଯୋଗର ଶୀଘ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବା ପାଇଁ ୱେବ୍‌ସାଇଟରେ ଏକ ବିଭାଗ ରହିଛି। ଏହି ୱେବ୍‌ସାଇଟରେ ଏକ ଆଧୁନିକ ସୋସିଆଲ ମିଡିଆ ପ୍ଲାଟଫର୍ମ ରହିଛି; ଯେଉଁଥିରେ ଡିଜିଟାଲ ଡୋମେନ୍‌ରେ ସମର୍ଥକ ଏବଂ ନାଗରିକଙ୍କ ସହ ସମାନ ଭାବରେ ଯୋଡ଼ି ହେବା ପାଇଁ ଦଳର ପ୍ରୟାସକୁ ଦର୍ଶାଯାଇଛି।

## ପ୍ରଥମ ପୃଷ୍ଠାରୁ

### ପରସ୍ପରକୁ ପ୍ରଶଂସା...


ଚଣ୍ଡିଖୋଲ ବେଣାପୁର ପଡ଼ିଆଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ଭାବେ ସମ୍ବୋଧିତ କରିଛନ୍ତି। ଭାଜପାର ରାଜ୍ୟସ୍ତରୀୟ ନେତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରୁଥିଲେ ମଧ୍ୟ ମୋଦିଙ୍କ ମୁହଁରୁ ସେଭଳି କିଛି ଶୁଣିବାକୁ ମିଳି ନ ଥିଲା। ତେବେ ଗ୍ୟାରେଣ୍ଟି ସମାବେଶରେ ଭିଡ଼ ଦେଖି ମୋଦି କହିଛନ୍ତି,ଏତେ ବିଶାଳ ସଂଖ୍ୟାରେ ଲୋକଙ୍କ ଉପସ୍ଥିତିରୁ ଜଣାପଡୁଛି ଏଠାକାର ମୁଡ୍ କ'ଣ ରହିଛି। ଓଡ଼ିଶାର ସଂକଳ୍ପ କ'ଣ ତାହା ସ୍ପଷ୍ଟ ଭାବେ ବୁଝାପଡୁଛି। ଏଥରୁ ଆସନ୍ତା ନିର୍ବାଚନରେ ଭାଜପାର ଆସନ ୪୦୦ ପାର ହେବାର ସଙ୍କଳ୍ପ ସ୍ପଷ୍ଟ ହେଉଛି ବୋଲି ସେ କହିବା ସହ ଓଡ଼ିଶାରେ ଅଧିକରୁ ଅଧିକ ପଦ୍ମ ଫୁଟୁ ବୋଲି ଆଶା ରଖିଛନ୍ତି। ତେବେ ତାଙ୍କ ଭାଷଣରେ ଲୋକ ସଭାର ୪୦୦ ଆସନ କଥା ଶୁଣିବାକୁ ମିଳିଥିବାବେଳେ ଓଡ଼ିଶା ବିଧାନସଭା ନିର୍ବାଚନରେ ଭାଜପାର ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ ହୋଇପାରିନାହିଁ। ଫଳରେ ଭାଜପାର ରାଜ୍ୟ ନେତୃବୃନ୍ଦ, କର୍ମୀ ଓ ଦଳଡିଆଁ ନେତାମାନେ ଏବେ ଦ୍ୱନ୍ଦ୍ୱରେ ରହିଥିବା ଆଲୋଚନା ହେଉଛି।

ପ୍ରଧାନମନ୍ତ୍ରୀ ମଙ୍ଗଳବାର ଅପରାହ୍ନରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ହେଲିକପ୍ଟର ଯୋଗେ ଚଣ୍ଡିଖୋଲଠାରେ ଅନୁଷ୍ଠିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରାୟ ୨୦ ହଜାର କୋଟି ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି।

### ନବୀନ ଓଡ଼ିଶା...

ପାଣ୍ଡିଆନ କହିଛନ୍ତି ଯେ, ଏହା ହେଉଛି ପଏଣ୍ଟ ଆଧାରିତ ସ୍ମାର୍ଟକାର୍ଡ। ଏହା ଯୁବଗୋଷ୍ଠୀଙ୍କୁ ନିଜର ଏକାଡେମିକ କ୍ୟାରିୟର, ବ୍ୟକ୍ତିଗତ ଦକ୍ଷତା ବିକାଶ କ୍ଷେତ୍ରରେ ସହାୟତା କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଦେଇ ପାଣ୍ଡିଆନ କହିଛନ୍ତି ଯେ, ଯୁବକମାନେ ବଡ଼ ସ୍ୱପ୍ନ ଦେଖନ୍ତୁ। ତାକୁ କାର୍ଯ୍ୟକାରୀ କରିବା ପାଇଁ କଠିନ ପରିଶ୍ରମ କରିବା ଆବଶ୍ୟକ। ପରେ ପାଣ୍ଡିଆନ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ବିଜେବି ସ୍ୱୟଂଶାସିତ କଲେଜରେ ଅନୁଷ୍ଠିତ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ମଞ୍ଜୁରୀ ପତ୍ର ବଣ୍ଟନ କରିଥିଲେ। ଏହି ସବୁ ବିଶ୍ୱବିଦ୍ୟାଳୟ ଓ କଲେଜର ୮୪୮୦ ପିଲାଙ୍କୁ ଛାତ୍ରବୃତ୍ତି ଦେବାକୁ ୮.୫୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ସୂଚନା ଦେଇଛନ୍ତି। ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପଞ୍ଜୀକରଣ ସମସ୍ତେ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ଅଗଷ୍ଟ ୧୫ ତାରିଖରେ କାର୍ଡ ବଣ୍ଟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ୨୦ ହଜାର କୋଟି...

ଗ୍ଲାଇକୋଲ ପ୍ରକଳ୍ପ ଏବଂ ପାରାଦୀପରେ ୦.୬ ଏମ୍‌ଏମ୍‌ଟିପିଏ ଏଲ୍‌ପିଜି ଆମଦାନୀ ସୁବିଧାର ଉଦ୍‌ଘାଟନ କରିଛନ୍ତି, ଯାହା ପୂର୍ବ ଭାରତର ପଲିଷ୍ଟର ଉଦ୍ୟୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏହାଦ୍ୱାରା ଭଦ୍ରକ ଓ ପାରାଦୀପରେ ଥିବା ଟେକ୍ସଟାଇଲ ପାର୍କରେ କଞ୍ଚାମାଲ ଉପଲବ୍ଧ ହେବ। ତେଲଙ୍ଗାନାର ସଙ୍ଗାରେଡ୍ଡୀଠାରେ ଉଦ୍‌ଘାଟିତ ପାରାଦୀପ-ହାଇଦ୍ରାବାଦ ପାଇପ୍‌ଲାଇନ୍ ଏବଂ ପଶ୍ଚିମବଙ୍ଗ ଆରାମବାଗରେ ଲୋକାର୍ପଣ ହୋଇଥିବା ହଳଦିଆରୁ ବରାଉନି ପର୍ଯ୍ୟନ୍ତ ୫୦୦ କି.ମି. ଦୀର୍ଘ ଅଶୋଧିତ ତୈଳ ପାଇପ୍ ଲାଇନ୍ ବିଷୟରେ ସୂଚନା ଦେଇଛନ୍ତି।

ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାର ପୂର୍ବ ଭାରତରେ ଥିବା ପ୍ରଚୁର ପ୍ରାକୃତିକ ସମ୍ପଦର ବ୍ୟବହାର କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦି ଆଲୋକପାତ କରିବା ସହ ଗଞ୍ଜାମ ଜିଲାରେ ଲବଣ ଅପସାରଣ ପ୍ଲାଣ୍ଟ ବିଷୟରେ କହିଛନ୍ତି, ଯାହା ଦୈନିକ ପାଖାପାଖି ୫୦ ଲକ୍ଷ ଲିଟର ଲୁଣିପାଣିକୁ ବିଶୋଧନ କରି ଏହାକୁ ପିଇବା ଉପଯୋଗୀ କରିବ। କେନ୍ଦ୍ର ସରକାର ଓଡ଼ିଶାରେ ଆଧୁନିକ ଯୋଗାଯୋଗ ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହାଦ୍ୱାରା ସ୍ଥାନୀୟ ସମ୍ବଳ ରାଜ୍ୟର ଅର୍ଥନୀତିକୁ ବୃଦ୍ଧି କରିପାରିବ। ଗତ ୧୦ ବର୍ଷରେ ୩୦୦୦ କିମି ଦୀର୍ଘ ଜାତୀୟ ରାଜପଥ ନିର୍ମାଣ ସହ ରେଳ ବଜେଟକୁ ୧୨ ଗୁଣା ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି। ରେଳ-ରାଜପଥ-ବନ୍ଦର ସଂଯୋଗରେ ଉନ୍ନତି ଆଣିବା ପାଇଁ ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଓ କେନ୍ଦୁଝରରେ ଜାତୀୟ ରାଜପଥ ସମ୍ପ୍ରସାରଣ କରାଯାଉଛି। ନୂଆ ଅନୁଗୋଳ ସୁକିନ୍ଦା ରେଳଲାଇନ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ବିକାଶ ପାଇଁ ମାର୍ଗପ୍ରଶସ୍ତ କରିବ। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଜିର ବିକାଶମୂଳକ ପ୍ରକଳ୍ପ ପାଇଁ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ଅଭିଭାଷଣ ଶେଷ କରିଥିଲେ।।

ଚଣ୍ଡିଖୋଲଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟ୍‌ରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ରଖି କହିଛନ୍ତି ଯେ, ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ଆଜି ହେଉଛି ଜନ୍ମ ଦିବସ। ଓଡ଼ିଶାର ଉନ୍ନତି ତଥା ଓଡ଼ିଆ ଜାତିର ଉନ୍ନତି ପାଇଁ ସେ ସାରା ଜୀବନ କାମ କରି ଯାଇଛନ୍ତି। ୧୯୯୦ରେ ସେ କଳିଙ୍ଗନଗରକୁ ଇଣ୍ଡଷ୍ଟ୍ରିଆଲ ହବ୍ କରିବା ପାଇଁ ବିଜୁ ବାବୁ ଚିନ୍ତା କରିଥିଲେ। ଖୁସିର କଥା, ପ୍ରଧାନମନ୍ତ୍ରୀ ଆଜି ଆମ ସହିତ ଅଛନ୍ତି। ପ୍ରଧାନମନ୍ତ୍ରୀ ଓଡିଶା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ କରିଥିବାରୁ ତାଙ୍କୁ ଧନ୍ୟବାଦ। ଓଡ଼ିଶାର ବିକାଶ ପାଇଁ ଆଗକୁ ଆହୁରି ଅନେକ କାମ କରିବାର ଅଛି। ଓଡିଶାର ବିକାଶ ପାଇଁ ସାଢ଼େ ଚାରି କୋଟି ରାଜ୍ୟବାସୀଙ୍କ ଉଦ୍ୟମରେ ପ୍ରଧାନମନ୍ତ୍ରୀଙ୍କ ସହଯୋଗ କାମନା କରୁଥିବା ନବୀନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସିଡିପିଓଙ୍କୁ ୨ ବର୍ଷ ଜେଲ, ୫୦ହଜାର ଜରିମାନା

**ବଲାଙ୍ଗୀର,୫।୩(ବୀରେନ୍ଦ୍ର କୁମାର ଝାଙ୍କର)**

ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ଛନ୍ଦି ହୋଇଥିବା ସଇଁତଳା ବ୍ଲକ୍ ପୂର୍ବତନ ସିଡିପିଓ ତଥା ବର୍ତ୍ତମାନର ମୁରିବାହାଲ ବ୍ଲକ୍ ସିଡିପିଓ ସୁପ୍ରଭା ମହାପାତ୍ର ମଙ୍ଗଳବାର ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଉକ୍ତ ମାମଲାର ବିଚାର କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଭିଯୁକ୍ତ ମହାପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ

**୧୨ ଲକ୍ଷ ୪୩ ହଜାର ଟଙ୍କା ଆତ୍ମସାତ୍ ମାମଲା**

କାରାଦଣ୍ଡ, ୫୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦାୟ ଆଉ ୪ ମାସ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ବିଭିନ୍ନ ଯୋଜନାରେ ଉଦ୍ଦିଷ୍ଟ ସରକାରୀ ଅର୍ଥ ୧୨ ଲକ୍ଷ ୪୩ ହଜାର ଟଙ୍କାକୁ ନିଜେ ଆତ୍ମସାତ୍ କରିଥିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ସିଡିପିଓ ମହାପାତ୍ରଙ୍କ ନାଁରେ ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା ଦାୟର କରାଯାଇଥିଲା। ଅଭିଯୁକ୍ତ ମହାପାତ୍ର ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଚାକିରୀରୁ ବରଖାସ୍ତ କରିବା ପାଇଁ ଓଡିଶା ଭିଜିଲାନ୍ସ ପକ୍ଷରୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି। ଏହି ମାମଲାକୁ ଆଡଭୋକେଟ ଜୟକୃଷ୍ଣ ସାହୁ ପରିଚାଳନା କରିଥିଲେ।

# ଗଞ୍ଜେଇ ଜବତ, ମହିଳା ଗିରଫ

**କଣ୍ଟାବାଞ୍ଜି, ୫।୩(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ପାଟ୍ରୋଲିଂ ଟିମ୍ କଣ୍ଟାବାଞ୍ଜି ଥାନା ସର୍ଗିଗୁଡା ଗାଁରୁ ଜଣେ ମହିଳାଠାରୁ ୬କେଜରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସୁରଭି ନାଗ(୩୭)। ଏ ନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ସବ୍ ଜେଲକୁ ପଠାଇ ଦିଆଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି। ଅବକାରୀ ଇନ୍ସପେକ୍ଟର ସଚିନ ବେହେରାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।
















# ଦିନକରେ ୧୩.୭୨ କୋଟି ଟଙ୍କାର ଛାତ୍ରବୃତ୍ତି ପ୍ରଦାନ

୫-ଟି ଏବଂ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମଙ୍ଗଳବାର ମାଲକାନଗିରି ଜିଲା ଗସ୍ତ କରି ସେଠାକାର ୧୦ଟି କଲେଜର ୫,୦୬୯ ଛାତ୍ରୀଛାତ୍ରଙ୍କୁ ୫.୧୯ କୋଟି ଟଙ୍କାର ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। ପରେ ପାଣ୍ଡିଆନ୍ ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ୮,୪୮୦ ଛାତ୍ରୀଛାତ୍ରଙ୍କୁ ନୂଆ-ଓ' ଛାତ୍ରବୃତ୍ତି ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସେମାନଙ୍କ ଆକାଉଣ୍ଟକୁ ମଞ୍ଜୁର ହୋଇଥିବା ୮.୫୩ କୋଟି ଟଙ୍କାର ଛାତ୍ରବୃତ୍ତି ଟ୍ରାନ୍ସଫର କରାଯାଇଛି। ସମସ୍ତ ଛାତ୍ରୀଛାତ୍ର ମ୍ୟାଜିକ୍ କାର୍ଡ ପାଇଁ ଆବେଦନ କରିବାକୁ ପାଣ୍ଡିଆନ୍ ଅନୁରୋଧ କରିଛନ୍ତି। ଆସନ୍ତା ଅଗଷ୍ଟ ୧୫ରୁ ଛାତ୍ରୀଛାତ୍ରଙ୍କୁ ମ୍ୟାଜିକ୍ କାର୍ଡ ପ୍ରଦାନ କରାଯିବ।



# ଯୁବଶକ୍ତି ଦେଶର ସମ୍ପତ୍ତି

ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ମାଲକାନଗିରି ଜିଲାରେ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ପଞ୍ଜୀକରଣର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବଶକ୍ତି ହେଉଛନ୍ତି ଦେଶର ସମ୍ପତ୍ତି। ଏହି ଯୁବଶକ୍ତିଙ୍କୁ ସହାୟତା ପ୍ରଦାନ କରି ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ସମାଜ ଏବଂ ଦେଶ କାର୍ଯ୍ୟରେ ଲଗାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂଆ- ଓ' କାର୍ଯ୍ୟକ୍ରମ ଏବଂ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ କରିଛନ୍ତି। ଯୁବ ସଶକ୍ତୀକରଣକୁ ସୁଦୃଢ଼ କରିବାରେ ରାଜ୍ୟ ସରକାରଙ୍କ ଏହା ଏକ ବୈପ୍ଳବିକ ପଦକ୍ଷେପ ଅଟେ। ଏହା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶରେ ବେଶ୍ ସହାୟକ ହେବା ସହ ସେମାନଙ୍କ ମାତାପିତାଙ୍କ ଅର୍ଥନୈତିକ ଚାପକୁ ହ୍ରାସ କରିବ। ଏଥିସହିତ ପିଲାମାନଙ୍କ କ୍ୟାରିୟର ଅଭିବୃଦ୍ଧି ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

## ମ୍ୟାଜିକ୍ କାର୍ଡ ପଞ୍ଜୀକରଣ ଆରମ୍ଭ







**ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପଏଣ୍ଟ ସିଷ୍ଟମ୍ ଭିତ୍ତିକ। ଏହା ଯୁବଶକ୍ତିଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଏବଂ ନିଯୁକ୍ତି ପାଇବାରେ ବିଶେଷ ସାହାଯ୍ୟ କରିବ। ରାଜ୍ୟର ବିଭିନ୍ନ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ସାମ୍ସ ମାଧ୍ୟମରେ ନାମ ଲେଖାଇଥିବା ଘରୋଇ ଶିକ୍ଷାନୁଷ୍ଠାନର ସମସ୍ତ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମର ଛାତ୍ରୀଛାତ୍ରମାନେ ଏଥିପାଇଁ ଆବେଦନ କରିପାରିବେ। ସେମାନେ ମାର୍ଚ୍ଚ ୫ତାରିଖରୁ www.magiccard.odisha.gov.in ରେ ଆବେଦନ କରିବାକୁ କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି।**



## ପ୍ରୋଟିନ ଭଳି କାର୍ଯ୍ୟ କରିବ ମ୍ୟାଜିକ କାର୍ଡ



ପିଲାଙ୍କୁ ସହପାଠୀଙ୍କ ସହ ପ୍ରତିଯୋଗିତା କରି ପାଠ ପଢ଼ିବା ପାଇଁ ମ୍ୟାଜିକ କାର୍ଡ ଏକ ପ୍ରୋଟିନ ଭଳି କାର୍ଯ୍ୟ କରିବ। ଗୋଲ୍ଡ, ପ୍ଲାଟିନମ୍, ନର୍ମାଲ ଆଦି ତିନୋଟି କାର୍ଡ ପିଲାଙ୍କୁ ୩ ଗ୍ରେଡ୍ ଭଳି ଲାଗୁଛି। ଆମେ ବହୁତ ଖୁସି ଯେ ଏହାଦ୍ୱାରା ଆମେ ଆମ ମାତାପିତାଙ୍କୁ ଆର୍ଥିକ ସହଯୋଗ କରିପାରିବୁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନେକ ଅନେକ ଧନ୍ୟବାଦ।

**– ଦିପୀକା ବାରିକ, ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**





## ମୋର ସ୍ୱପ୍ନ ସାକାର ହେବ



ମୋର ଉଚ୍ଚ ଶିକ୍ଷାର ଅଭିଳାଷ ରାଜ୍ୟ ସରକାର ଆଜି ପୂରଣ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ମାଲକାନଗିରି ଜିଲା ଏକ ଆଦିବାସୀ ଅଞ୍ଚଳ। ଆଦିବାସୀ ସମ୍ପ୍ରଦାୟର ମୁଁ ହୋଇଥିବାରୁ ମୋର ଉଚ୍ଚ ଶିକ୍ଷା ପାଇଁ ଅର୍ଥ ବାଧକ ସାଜୁଥିଲା। ପରିବାର ଲୋକ ଅଧିକ ଶିକ୍ଷା ଗ୍ରହଣ କରିବାକୁ ବାରଣ କରୁଥିଲେ । କିନ୍ତୁ ଏହି ଯୋଜନା ଦ୍ୱାରା ମୋର ଶିକ୍ଷା ସ୍ୱପ୍ନ ସାକାର ହେବ, ମୁଁ ଆଗକୁ ଉଚ୍ଚ ଶିକ୍ଷିତା ହେବି ।

**-ନମିତା ମୁଦୁଲି, ଗୋବିନ୍ଦପାଲ୍ଲୀ ସ୍ନାତକ ମହାବିଦ୍ୟାଳୟ, ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ**

## ଆଶାର ଆଲୋକ ଦେଖାଇଛି



ଏହା ଜିଲାର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଶାର ଆଲୋକ ଦେଖାଇଛି। ଅର୍ଥାଭାବରୁ ଅନେକ ପରିବାର ପିଲାଙ୍କୁ ଅଧାରୁ ପାଠ ଛଡ଼ାଉଥିଲେ। କିନ୍ତୁ ଏହି ଯୋଜନା ଦ୍ୱାରା ଅଭିଭାବକମାନେ ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ କରିବାରେ କୌଣସି ଅସୁବିଧା ରହିବ ନାହିଁ।

**-ଜଗଦୀଶ ଦୁଲିଆ,ଡାରୱିନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ, ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ର**

## ପାଠପଢ଼ା ଖର୍ଚ୍ଚ ସମସ୍ୟା ଦୂର ହେବ



ଛାତ୍ରବୃତ୍ତି ଆମକୁ ପାଠ ପଢ଼ିବାରେ ବେଶ୍ ସହାୟକ ହେବ। ପାଠପଢ଼ା ଖର୍ଚ୍ଚ ସମସ୍ୟା ଦୂର ହେବ। ହଷ୍ଟେଲ ଖର୍ଚ୍ଚ, ନାମଲେଖା ଆଦି ସବୁ କ୍ଷେତ୍ରରେ ଆମେ ଏହାର ଉପଯୋଗ କରିପାରିବୁ। ପିଲାଙ୍କୁ ଉଚ୍ଚଶିକ୍ଷା ପଢ଼ିବା ପାଇଁ ଉତ୍ସାହିତ ମଧ କରିବ। ରାଜ୍ୟ ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଉଛି।

**– ଲିଜା ମଲ୍ଲିକ, ଯୁକ୍ତ୩ ପ୍ରଥମ ବର୍ଷ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

## ଛାତ୍ରବୃତ୍ତି ଟଙ୍କାରେ ବହି କିଣିବି



ସରକାରଙ୍କ ଏହି ପଦକ୍ଷେପକୁ ମୁଁ ସ୍ୱାଗତ କରୁଛି। ଓଡ଼ିଶା ସରକାର ହିଁ ପ୍ରଥମେ ଏମିତି ପଦକ୍ଷେପ ନେଇଛନ୍ତି, ଯେଉଁଥିରେ ଏତେ ପିଲାମାନେ ଏକା ସାଙ୍ଗେ ଉପକୃତ ହେବେ। ମୁଁ ନିଶ୍ଚିନ୍ତ ଏହି ଯୋଜନାରେ ପ୍ରଦାନ କରାଯାଇଥିବା ଛାତ୍ରବୃତ୍ତିରେ ମୋଭଳି ଅନ୍ୟମାନେ ମଧ ଉପକୃତ ହେବେ। ଛାତ୍ରବୃତ୍ତି ଟଙ୍କାରେ କମ୍ପିଟିଟିଭ୍ ଏକ୍ଜାମ୍ ପାଇଁ ବହି କିଣିବି।

**- ଶ୍ୱେତାଲିନା ମହାନ୍ତି, ଯୁକ୍ତ୩ ଶେଷବର୍ଷ ଛାତ୍ରୀ, ବିଜେବି କଲେଜ, ଭୁବନେଶ୍ୱର**

## ନାମଲେଖା ବେଳେ ବ୍ୟବହାର କରିବି



ସରକାର ସବୁବେଳେ ପିଲାଙ୍କ ସହିତ ରହିଛନ୍ତି ଏବଂ ଆଗକୁ ବଢ଼ିବାରେ ସବୁ ପ୍ରକାର ସହଯୋଗ କରିଛନ୍ତି। ଛାତ୍ରବୃତ୍ତି ଦ୍ୱାରା ମୁଁ ବହୁତ ଉପକୃତ ହେବି। ଏହା ବହୁତ ଭଲ ଯୋଜନା ଏବଂ ପିଲାମାନଙ୍କୁ ବହୁତ ସାହାଯ୍ୟ କରିବ। ଏହି ଛାତ୍ରବୃତ୍ତି ଟଙ୍କାକୁ ଆଗକୁ ଥିବା ନାମଲେଖାରେ ବ୍ୟବହାର କରିବି।

**- ବିବେକ କୁମାର ପୁଷ୍ପାଳକ, ଯୁକ୍ତ୩ ତୃତୀୟ ବର୍ଷ ଛାତ୍ର, ବିଜେବି କଲେଜ, ଭୁବନେଶ୍ୱର**

## ନୂଆ-ଓ ଛାତ୍ରବୃତ୍ତି ବିଶଲ୍ୟକରଣୀ ସଦୃଶ



ଅର୍ଥାଭାବ ଅନେକ ସମୟରେ ପାଠପଢ଼ାରେ ବାଧା ସୃଷ୍ଟି କରେ। ଦାରିଦ୍ର୍ୟ ସୀମାରେଖା ତଳେ ରହି ଅନେକ ପିଲା ଉଚ୍ଚଶିକ୍ଷା କରିପାରୁନାହାନ୍ତି। ଏ କ୍ଷେତ୍ରରେ ନୂଆ-ଓ ଛାତ୍ରବୃତ୍ତି ବିଶଲ୍ୟକରଣୀ ସଦୃଶ। ଏହି ବୃତ୍ତି ସେହି ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ସହାୟକ ହେବ। ମୋର ବହି କିଣିବା ପାଇଁ ଅସୁବିଧା ହେଉଥିଲା। ଜେରକ୍ସ ଓ ବହି କିଣିବାରେ ଅନେକ ଖର୍ଚ୍ଚ ହୋଇଯାଉଛି। ତେଣୁ ଏହି ଟଙ୍କାକୁ ସେହି ବାଟରେ ଖର୍ଚ୍ଚ କରିବି।

**- ଶ୍ରୀମାନ ଅଭିଜିତ କର, ପିଜି ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ**

## ପାଠ ପଢ଼ିବା ପାଇଁ ଉତ୍ସାହିତ କରିବ



ନୂଆ-ଓ ଛାତ୍ରବୃତ୍ତି ଭଳି ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଏହି ଛାତ୍ରବୃତ୍ତି ପିଲାଙ୍କୁ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବ। କେବଳ ମୁଁ ନୁହେଁ, ସାରା ଓଡ଼ିଶାର ଛାତ୍ରୀଛାତ୍ର ଏଥିରେ ଉପକୃତ ହେବେ। ମୁଁ ନେଟ୍ ପାଇଁ ପ୍ରସ୍ତୁତ ହେଉଛି। ଏଥିରେ ମୁଁ ମୋ ଟଙ୍କାକୁ ଖର୍ଚ୍ଚ କରିବି ବୋଲି ଭାବିଛି।

**- ରଶ୍ମିପ୍ରଭା କର, ପିଜି ଦ୍ୱିତୀୟ ବର୍ଷ ଛାତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟ**

# ମୁଣ୍ଡରେ ଆଘାତ ଲାଗି ପାକିସ୍ତାନୀ ଜୁଡୋକା ମୃତ



**କରାଚୀ, ୫।୩ (ପି.ଟି.)**

ପାକିସ୍ତାନର ଜଣେ ୨୦ ବର୍ଷୀୟା ଜୁଡୋକା ମୁଣ୍ଡରେ ଆଘାତ କାରଣରୁ ପ୍ରାଣ ହରାଇଛନ୍ତି। ଖାଇବର ପଖତୁନଖ୍ୱା ଅଞ୍ଚଳର ୨୦ ବର୍ଷୀୟା ଛାତ୍ରୀ ଫିଜା ଶେର ଅଲୀ ଏକ ୟୁଥ୍ ଟ୍ୟାଲେଣ୍ଟ ହଣ୍ଟ ପ୍ରୋଗ୍ରାମରେ ଅଂଶଗ୍ରହଣ କରୁଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ମର୍ଦାନରେ ଖେଳା ଯାଉଥିବା ଏହି ଟୁର୍ନାମେଣ୍ଟରେ ଫିଜା ୪୪ କିଗ୍ରା ଓଜନ ବର୍ଗରେ ଭାଗ ନେଉଥିଲେ। ପେଶାୱରରେ ରହି ବିଏସ୍ ପ୍ରଥମ ବର୍ଷରେ ପାଠ ପଢୁଥିବା ଫିଜା ନୂଆ କରି ଜୁଡୋ ଖେଳିବା ଆରମ୍ଭ କରିଥିଲେ। ମର୍ଦାନରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ପାଇଁ ସେ ପେଶାୱରରୁ ଏଠାକୁ ଆସିଥିଲେ। ଏକ ମ୍ୟାଚ୍ ଅଧାରେ ମୁଣ୍ଡରେ ଆଘାତ ଲାଗି ସେ ବେହୋସ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ମେଡିକାଲ ସହାୟତା ପ୍ରଦାନ କରାଯାଇଥିବା ବେଳେ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖାଇବର ପଖତୁନଖ୍ୱା ଅଞ୍ଚଳରେ ମହିଳାଙ୍କ ପ୍ରତି ଅନେକ ପ୍ରକାରର କଟକଣା ଜାରି କରାଯାଇଥାଏ। ଫଳରେ ଏହି ଅଞ୍ଚଳର ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା କଷ୍ଟସାଧ୍ୟ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ତଳେ ଜଣେ ୧୭ ବର୍ଷୀୟା ମହିଳା ଟେନିସ୍ ଖେଳାଳି ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ପାକିସ୍ତାନର ପ୍ରତିଭାବାନ ମହିଳା ଟେନିସ୍ ଖେଳାଳି ୧୭ ବର୍ଷୀୟା ଜେନାବ ଅଲୀ ନକଭୀ ଅଭ୍ୟାସ ସେସନ ପରେ ନିଜ ରୁମ୍‌ରେ ନକଭୀ ବେହୋସ ହୋଇ ପ୍ରାଣ ହରାଇଥିଲେ। ଜେନାବ ଏକ ଆଇଟିଏଫ୍ ଟୁର୍ନାମେଣ୍ଟ ପାଇଁ ଅଭ୍ୟାସ ସେସନରୁ ଫେରିଥିଲେ। ବେହୋସ ହୋଇଯିବା ଦେଖି ଜେଜେ ମା' ତାଙ୍କୁ ହସ୍ପିଟାଲ ନେଇଥିଲେ, ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରୋଚକ ସ୍ଥିତିରେ ସେମି ଫାଇନାଲ

**ନାଗପୁର, ୫।୩(ପି.ଟି.)**

ବିଦର୍ଭ ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ରଣ୍‌ଜୀ ଟ୍ରଫି ସେମି ଫାଇନାଲ ମ୍ୟାଚ୍ ରୋଚକ ସ୍ଥିତିରେ ରହିଛି। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବିଦର୍ଭକୁ ବିଜୟ ପାଇଁ ୪ ଉଇକେଟ ଆବଶ୍ୟକ ଥିବାବେଳେ ମଧ୍ୟପ୍ରଦେଶକୁ ୯୩ ରନ୍ ଆବଶ୍ୟକ ରହିଛି। ତେବେ ମଧ୍ୟପ୍ରଦେଶର ଟେଲ ଏଣ୍ଡରଙ୍କ ଖରାପ ବ୍ୟାଟିଂ ଯୋଗୁ ବିଦର୍ଭ ବିଜୟର ସମ୍ଭାବନା ଅଧିକ ରହିଛି।

## ରଣ୍‌ଜୀ ଟ୍ରଫି

ମଙ୍ଗଳବାର ୩୪୩/୬ରୁ ଖେଳ ଆରମ୍ଭ କରି ବିଦର୍ଭ ୪୦୨ ରନ୍‌ରେ ଅଲଆଉଟ ହୋଇଥିଲା। ସୋମବାର ୯୭ ରନ୍‌ରେ ଅପରାଜିତ ଥିବା ୟଶ ରାଠୋଡ୍ ଶତକ ହାସଲ କରିବା ସହ ୧୪୧ ରନ୍‌ର ଇନିଂସ ଖେଳିଥିଲେ। ଷଷ୍ଠ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳୁଥିବା ୟଶଙ୍କ କ୍ୟାରିୟରର ଏହା ପ୍ରଥମ ଶତକ ଥିଲା। ୨୦୦ ବଲ୍‌ର ଏହି ଇନିଂସରେ ୧୮ ଚୌକା ଓ ୨ ଛକା ସାମିଲ ଥିଲା। ଆଦିତ୍ୟ ସରାୱତେ ୨୧ ରନ୍ ସ୍କୋର କରିଥିଲେ। ମଧ୍ୟ ପ୍ରଦେଶ ପକ୍ଷରୁ ଅନୁଭବ ଅଗ୍ରୱାଲ ୫ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲୱନ୍ତ ଖେଜ୍ରୋଲିୟା, କୁମାର କାର୍ତ୍ତିକେୟ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୩୨୧ ରନ୍‌ର ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ମଧ୍ୟପ୍ରଦେଶ ଦଳୀୟ ସ୍କୋର ୨୨ ରନ୍‌ରେ ହିଂମାଶୁ ମନ୍ତ୍ରୀ(୮)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ୟଶ ଦୁବେ(୯୪) ଓ ହର୍ଷ ଗାୱଲି(୬୭) ଦ୍ୱିତୀୟ ଉଇକେଟରେ ୧୦୬ ରନ୍ ଯୋଡିଥିଲେ। ହର୍ଷଙ୍କୁ ଆଉଟ କରି ୟଶ ଠାକୁର ଏହି ଯୋଡି ଭାଙ୍ଗିଥିଲେ। ପରବର୍ତ୍ତୀ ୩ ବ୍ୟାଟର ସାଗର ସୋଲାଙ୍କି(୧୨), ଶୁଭମ ଶର୍ମା(୬) ଓ ଭେଙ୍କଟେଶ ଆୟର(୧୯) ରନ୍ କରି ବିଫଳ ହୋଇଥିଲେ। ଅକ୍ଷୟ ୱାଖରେ ୩ ଓ ଆଦିତ୍ୟ ସରାୱତେ ୨ ଉଇକେଟ ନେଇଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ଓପନର ୟଶ ଦୁବେ ଲଢୁଆ ୯୪ ରନ୍ କରିଥିଲେ। ୨୧୨ ବଲ୍‌ର ଏହି ଇନିଂସରେ ୧୦ ଚୌକା ସାମିଲ ଥିଲା। ତେବେ ଦିନର ଖେଳ ଶେଷହେବାକୁ ମାତ୍ର ୧ ଓଭର ବାକି ଥିବା ବେଳେ ଦୁବେ ସରାୱତେଙ୍କ ବଲରେ ଆଉଟ ହୋଇଥିଲେ। ସାରାଂଶ ଜୈନ ଶେଷ ମାନ୍ୟତାପ୍ରାପ୍ତ ବ୍ୟାଟର ଭାବେ କ୍ରିଜ୍‌ରେ ରହିଛନ୍ତି। ବୁଧବାର ଶେଷ ଦିନରେ ବିଜୟ ପାଇଁ ବିଦର୍ଭକୁ ୪ ଉଇକେଟ ଓ ମଧ୍ୟପ୍ରଦେଶକୁ ୯୩ ରନ୍ ଆବଶ୍ୟକ।



ଶତକ ହାସଲପରେ ୟଶ ରାଠୋଡ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୧୭୦/୧୦। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୨୫୨/୧୦। ବିଦର୍ଭ ଦ୍ୱିତୀୟ ଇନିଂସ ୪୦୨/୧୦ (ୟଶ ରାଠୋଡ-୧୪୧, ଅକ୍ଷୟ ୱାଡକର-୭୭, ଅମନ ମୋଖାଡେ-୫୯, ଅନୁଭବ ଅଗ୍ରୱାଲ-୫/୯୨, କୁଲୱନ୍ତ ଖେଜ୍ରୋଲିୟା-୨/୬୪, କୁମାର କାର୍ତ୍ତିକେୟ-୨/୭୬)। ମଧ୍ୟପ୍ରଦେଶ ଦ୍ୱିତୀୟ ଇନିଂସ ୨୨୮/୬ (ୟଶ ଦୁବେ-୯୪, ହର୍ଷ ଗାୱଲି-୬୭, ଭେଙ୍କଟେଶ ଆୟର-୧୯, ଅକ୍ଷୟ ୱାଖରେ-୩/୩୮, ଆଦିତ୍ୟ ସରାୱତେ-୨/୫୧, ୟଶ ଠାକୁର-୧/୯)।








FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

* Ex-showroom price of single-seat Disc variant in Odisha. ' Under TVSM internal test conditions. ** Finance plans are mutually exclusive and cannot be clubbed with each other. Credit will be at the sole discretion of the financier.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: KISHORE TVS: 9778371171, BOLANGIR: RAJALAXMI TVS: 8260437538, BARGARH: SHUBHAMM TVS: 8860625628, ROURKELA: UNIQUE TVS: 8114372182, 8114372181, GURU GOBIND TVS: 9776280701, JHARSUGUDA: GUNNU TVS: 8586977624, SONEPUR: MINERVA TVS: 6370700730, 6370700732, BHAWANIPATNA: RAAJ RAJESWARI TVS: 7682809880; JUNAGARH: MAA BANJARI TVS: 9437939586, 7978323005. Authorised Dealers: Belpahar: 8249880971, Bandhbahal: 9439810542, Nuapara: 9938098888, Baragarh: 9938739550, Attabira: 9583558398, Paikamal: 9938119999, Bheden: 7008822177, Godbagha: 9438043220, Diptipur: 9937119913, Padampur: 8018570957, Jagadalpur: 7974013864, Agalpur: 8658048760, Patnagarh: 9938621078, Raj Khariar: 9439144433, Kantabanji: 8596980487, Gaisilat: 7683848645, Saintala: 9861471371, Bangamunda: 9937526500, Tusura: 9437890955, Udanbandh: 9437626855, Titlagarh: 9776516666, Belpara: 7008771977, Dungripally: 9937926986, Kantamal: 7008225996, Birmaharajpur: 8018860710, Boudh : 9668507569, Laikera: 9938465363, Bagdehi: 9438736989, Rajgangpur: 9437172724, Kutra: 6370578102, Bonai: 9124187787, Badgaon: 9937060901, Sabdega: 9583907310, Brajrajnagar: 9937077883, Deogarh: 9437392892, Modipara: 9337016000, Bamra: 9668005302, Kuchinda: 9777189689, Kantapali: 9437096134, Dhama: 7735079641, Rairakhol: 9937503010, Narla: 9437707650, Kesinga: 9437625573, Charbahal: 9178236679, M. Rampur: 9078855864, Sinapali: 9937906526.

dentsu/dha sam/02/24


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ